

ସନ୍ତରଣରେ ଋଷଭଙ୍କୁ ୨ ପଦକ

▶କ୍ରୀଡ଼ା ପୃଷ୍ଠାରେ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


### ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ୍ ଲୋକାର୍ପିତ

# 'ନବୀନ ଓଡ଼ିଶା'ର ନୂଆ ପରିଚୟ




ରାଜଧାନୀର ପ୍ରମୁଖ ଲ୍ୟାଣ୍ଡମାର୍କ ହେବ ବିଏସ୍‌ଏବିଟି

ଯାତ୍ରୀଙ୍କୁ ମିଳିବ ବିମାନବନ୍ଦର ଭଳି ସମସ୍ତ ସୁବିଧା

■ **ଭୁବନେଶ୍ୱର, ୧।୩ (ସମିସ):** ବାସ୍ତବ ରୂପ ନେଇଛି ରାଜ୍ୟବାସୀଙ୍କ ସ୍ୱପ୍ନ। 'ନବୀନ ଓଡ଼ିଶା'ର ନୂଆ ପ୍ରତୀକ ଭାବରେ ଆନ୍ତଃରାଜ୍ୟ ବରମୁଣ୍ଡା ବସ୍ ଟର୍ମିନାଲ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରକୁ ଗମନାଗମନରେ ଏହା ଏକ ନୂତନ ମାଇଲଖୁଣ୍ଟ ହୋଇଛି।

ଶୁକ୍ରବାର ସନ୍ଧ୍ୟାରେ '୫-ଟି' ଉପକ୍ରମରେ ନବନିର୍ମିତ ଏହି ବସ୍ ଟର୍ମିନାଲରୁ ବିଧିବଦ୍ଧ ଭାବରେ ବସ୍ ଚଳାଚଳକୁ ଶୁଭାରମ୍ଭ କରିଛନ୍ତ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବସ୍ ଟର୍ମିନାଲରେ ଯାତ୍ରୀଙ୍କ ପାଇଁ ବିମାନବନ୍ଦର ଭଳି ସୁବିଧାସୁଯୋଗ ରହିଛି। ଏହା ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ସହ ରାଜଧାନୀ ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ହୋଇ ରହିବ। ସାରା ଓଡ଼ିଶାରେ ଏହି ବସ୍ ଟର୍ମିନାଲ ଏକ ନୂଆ ପରିଚୟ ସୃଷ୍ଟି କରିବ।

**ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କୁ ଓଡ଼ିଶାର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି: ମୁଖ୍ୟମନ୍ତ୍ରୀ**

ବସ୍‌ଷ୍ଟାଣ୍ଡ ନାମକରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସମ୍ବିଧାନ ପ୍ରସ୍ତୁତ କରିବାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମୁଖ୍ୟ ଭୂମିକା ରହିଛି। ଭାରତୀୟ ସମ୍ବିଧାନର ପ୍ରଣେତା ଭାବେ ସେ ଜଣାଶୁଣା। ଦେଶ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଓଡ଼ିଶା ସରକାର ଏହି ବସ୍ ଟର୍ମିନାଲକୁ ତାଙ୍କ ନାମରେ ନାମିତ କରିଛନ୍ତି। ସ୍ୱାଧୀନତାର ଅମୃତ କାଳ ଅବସରରେ ବାବା ▶ପୃଷ୍ଠା-୧୦

### ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ଅଗ୍ରଗତିର ନିରବଚ୍ଛିନ୍ନ ସମୀକ୍ଷା

## ରୂପାନ୍ତରଣର ବିନ୍ଧାଣି କାର୍ତ୍ତିକ ପାଣ୍ଡିଆନ



■ **ଭୁବନେଶ୍ୱର, ୧।୩ (ସମିସ):** ବରମୁଣ୍ଡା ବସ୍‌ଷ୍ଟାଣ୍ଡ ରୂପାନ୍ତରଣ ପଛରେ ରହିଛି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିରବଚ୍ଛିନ୍ନ ଉଦ୍ୟମ। ଏଠାରେ ପ୍ରତିଦିନ ଶହଶହ ବସ୍ ଓ ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ଯାତ୍ରୀଙ୍କ ଯାତାୟାତ ହୋଇଥାଏ। କ୍ରମବର୍ଦ୍ଧିଷ୍ଣୁ ଯାତ୍ରୀ ଓ ବସ୍ ସଂଖ୍ୟା ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସୃଷ୍ଟି କରିଥିଲା ଗୁରୁତର ସମସ୍ୟା। ବସ୍ ପାର୍କିଂଠାରୁ ଆରମ୍ଭ କରି ଯାତ୍ରୀଙ୍କ ପ୍ରତୀକ୍ଷା, ଖାଦ୍ୟପେୟ ଆଦି କ୍ଷେତ୍ରରେ ବହୁ ଅସୁବିଧା ସୃଷ୍ଟି ହେଉଥିଲା। ରାଜ୍ୟ ରାଜଧାନୀର ଏହି ଗମନାଗମନ ପ୍ରାଣକେନ୍ଦ୍ରର ରୂପାନ୍ତରଣ ନିମନ୍ତେ ଶ୍ରୀ ପାଣ୍ଡିଆନ ବ୍ୟକ୍ତିଗତ ଭାବରେ ଉଦ୍ୟମ ଆରମ୍ଭ କରିଥିଲେ। ଏହି ବସ୍‌ଷ୍ଟାଣ୍ଡକୁ ଏକ ଆନ୍ତଃରାଜ୍ୟ ବସ୍ ଟର୍ମିନାଲରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ବସ୍ ଟର୍ମିନାଲ ନିର୍ମାଣ କ୍ଷେତ୍ରରେ ରହିଥିଲା ଅନେକ ବାଧା। ଏହି ବାଧାଗୁଡ଼ିକୁ ଧୀରେଧୀରେ ଦୂର କରାଯିବା ବେଳେ କୋଭିଡ୍ ମହାମାରୀ ଟର୍ମିନାଲର ନିର୍ମାଣ କ୍ଷେତ୍ରରେ ବାଧକ ହୋଇଥିଲା। ମାତ୍ର ଦୃଢ଼ ଇଚ୍ଛାଶକ୍ତି ସହ ନିଜେ ନିୟମିତ ଭାବରେ ଏହାର କାର୍ଯ୍ୟ ସମୀକ୍ଷା କରିଥିଲେ ଶ୍ରୀ ପାଣ୍ଡିଆନ। ବସ୍ ଟର୍ମିନାଲକୁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପରଠାରୁ ନିୟମିତ ବ୍ୟବଧାନରେ ଶ୍ରୀ ପାଣ୍ଡିଆନ ନିର୍ମାଣ କାର୍ଯ୍ୟ, ଏହାର ଅଗ୍ରଗତି ଆଦି ବୁଲି ଦେଖୁଥିଲେ। ଏବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲରେ ପରିଣତ ହୋଇଛି। ରୂପାନ୍ତରଣର ନେପଥ୍ୟ ନାୟକ ଶ୍ରୀ ପାଣ୍ଡିଆନଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

### ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି

# ନିୟମିତ ହେବେ ଗଣଶିକ୍ଷକ

### ଓଟିଇଟି ପାସ୍ ଗଣଶିକ୍ଷକଙ୍କୁ ଏକ୍ସ କ୍ୟାଡର୍ ମାନ୍ୟତା ସହ ବାର୍ଷିକ ଇନ୍‌କ୍ରିମେଣ୍ଟ

■ **ଭୁବନେଶ୍ୱର,୧।୩(ସମିସ):** ଓଟିଇଟି ପାସ୍ କରିଥିବା ଗଣଶିକ୍ଷକମାନଙ୍କୁ ଏମ୍‌ଇଡି ଶିକ୍ଷକ(ଏକ୍ସ କ୍ୟାଡର) ଭାବେ ନିୟମିତ କରାଯିବ। ଓଟିଇଟି ପାସ୍ କରି ନ ଥିବା ଗଣଶିକ୍ଷକଙ୍କ ମାସିକ ପାରିଶ୍ରମିକ ୭ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଓଟିଇଟି ପାସ କରିଥିବା ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟର ଗଣଶିକ୍ଷକଙ୍କ ପାଇଁ ଏହିସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ମୋଟ୍ ୧୨,୧୧୩ ଜଣ ଗଣଶିକ୍ଷକ ଉପକୃତ ହେବେ। ତନ୍ମଧ୍ୟରେ ଓଟିଇଟି ପାଶ୍ କରିଥିବା ୧୪୭୨ ଗଣଶିକ୍ଷକ ଏବଂ ଓଟିଇଟି ପାଶ୍ କରିନଥିବା ୧୧୨୧ ଜଣ ଗଣଶିକ୍ଷକ ଉପକୃତ ହୋଇଛନ୍ତି। ଏହାସହିତ ଯେଉଁ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର)ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ମିଳୁନାହିଁ, ସେମାନଙ୍କ ମଧ୍ୟରୁ ଓଟିଇଟି ପାସ କରିଥିବା ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବ। ଏହାଦ୍ୱାରା ସମୁଦାୟ ୯୫୨୦ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ଉପକୃତ ହେବେ। ସୂଚନାଯୋଗ୍ୟ ଯେ '୫-ଟି' ତଥା 'ନବୀନ ଓଡିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଗଣଶିକ୍ଷକ ମାନେ ଏଥିପାଇଁ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

**ଓଟିଇଟି ପାସ୍ କରି ନ ଥିବା ଗଣଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି**

## ଆଇନ ଅଧିକାରୀଙ୍କ ଦୈନିକ ଓ ରିଟେନର୍ ଫି' ୫୦ ପ୍ରତିଶତ ବୃଦ୍ଧି

■ **ଭୁବନେଶ୍ୱର, ୧।୩ (ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଦାଲତରେ ମୋକଦ୍ଦମା ପରିଚାଳନା କରୁଥିବା ଅଣ-କ୍ୟାଡର୍ ଆଇନ ଅଧିକାରୀ ମାନଙ୍କର ଦୈନିକ ଓ ରିଟେନର୍ ବାବଦ ପ୍ରାପ୍ୟରେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୨୧୫ ଜଣ ଆଇନ ଅଧିକାରୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଆଇନ ଅଧିକାରୀମାନଙ୍କ ଦୈନିକ ଓ ରିଟେନର୍ ବାବଦ ପ୍ରାପ୍ୟକୁ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ପ୍ରାପ୍ୟ ଅନୁଯାୟୀ କାର୍ଯ୍ୟରତ ୧୮୪ ଜଣ ଅତିରିକ୍ତ ସରକାରୀ ଓକିଲ ଦୈନିକ ପ୍ରାପ୍ୟ ବାବଦ ୧,୨୫୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧,୮୭୫ ଟଙ୍କା ପାଇବେ। ସେହିଭଳି ରିଟେନର୍ ବାବଦ ପ୍ରାପ୍ୟ ପୂର୍ବରୁ ୮,୨୦୦ ଟଙ୍କା ପାଉଥିବାବେଳେ, ବର୍ତ୍ତମାନ ୧୨,୩୦୦ ଟଙ୍କା ପାଇବେ। କାର୍ଯ୍ୟରତ ୭୪୦ ଜଣ ସହକାରୀ ସରକାରୀ ଓକିଲ ପୂର୍ବରୁ ଦୈନିକ ପ୍ରାପ୍ୟ ବାବଦରେ ୧,୧୦୦ ଟଙ୍କା ପାଉଥିବା ବେଳେ ▶ପୃଷ୍ଠା-୧୦




# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-247 ♦BHUBANESWAR ♦SATURDAY ♦2 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୭ ♦ଭୁବନେଶ୍ୱର ♦ଶନିବାର ♦୨ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ପୋଖରୀରେ ବୁଡ଼ି ଦୁଇ ଶିଶୁ ମୃତ

■ **ବାଲେଶ୍ୱର, ୧।୩ (ସମିସ):** ଖେଳୁଖେଳୁ ପୋଖରୀରେ ପଡ଼ି ବୁଡ଼ିଗଲେ ଦୁଇ ଶିଶୁ। ବାଲେଶ୍ୱର ସଦର ଥାନା ପରିଖି ଫାଣ୍ଡି ଅଧୀନ କୟାକଦାଳ ଗ୍ରାମରେ ଶୁକ୍ରବାର ଏହି ଦୁଃଖଦ ଘଟଣା ଘଟିଛି। ମୃତ ଶିଶୁପୁତ୍ରଦ୍ୱୟ ହେଲେ, ନିତାଇ ମାଝୀଙ୍କ ଦେଢ଼ବର୍ଷର ପୁଅ ଧରମବୀର ଏବଂ ମୟୂରଭଞ୍ଜ ଖୁଣ୍ଟା ଅଞ୍ଚଳର ବାସିନ୍ଦା ଜଡ଼ା ମାଝୀଙ୍କ ଦୁଇବର୍ଷର ପୁଅ ଦୁଃଖିଆ ମାଝୀ। ନିତାଇଙ୍କ ଘରକୁ ତାଙ୍କ ଭଉଣୀ ତଥା ଜଡ଼ା ମାଝୀଙ୍କ ପତ୍ନୀ ବୁଲିବାକୁ ଆସିଥିଲେ। ଶୁକ୍ରବାର ଅପରାହ୍ଣରେ ଦୁହିଁଙ୍କ ଶିଶୁପୁତ୍ର ଏକାଠି ଖେଳୁଥିଲେ। ତେବେ ପରିବାରଲୋକଙ୍କ ଅଜାଣତରେ ଦୁହେଁ ନିକଟସ୍ଥ ପୋଖରୀରେ ପଶି ଯାଇଥିଲେ। ସେଠାରେ ଦୁଇଜଣଯାକ ବୁଡ଼ି ଯାଇଥିଲେ ହେଁ ପରିବାରଲୋକେ ଏ ସଂପର୍କରେ ଜାଣିପାରିନଥିଲେ। ବହୁ ଖୋଜାଖୋଜି କରିବା ପରେ ଦୁହିଁଙ୍କୁ ପୋଖରୀରୁ ଉଦ୍ଧାର କରି ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ବିଧାୟକ ସ୍ୱରୂପ ଦାସ ଓ ବିଜେଡି ଯୁବ ସଙ୍ଗଠକ ବସନ୍ତ ପଣ୍ଡା ଡାକ୍ତରଖାନାରେ ପହଞ୍ଚି ପରିବାରଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।






# ଓଡ଼ିଶା ହେବ ପୂର୍ବ ଭାରତରେ ଶିଳ୍ପପୁଞ୍ଜି

## ୯ ଶିଳ୍ପ ପ୍ରକଳ୍ପର ଲୋକାର୍ପଣ, ୨୩ଟିର ଭିତ୍ତିପ୍ରସ୍ତର ସ୍ଥାପନ

■ **ଭୁବନେଶ୍ୱର, ୧।୩ (ସମିସ):** ଗତ କିଛି ବର୍ଷ ହେଲା ଗୋଟିଏ ପରେ ଗୋଟିଏ ଶିଳ୍ପ ପ୍ରତିଷ୍ଠା ହେଉଛି, ପୂର୍ବ ଭାରତରେ ଶିଳ୍ପ ପୁଞ୍ଜରେ ପରିଣତ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ୯ଟି ଶିଳ୍ପ ପ୍ରକଳ୍ପର ଲୋକାର୍ପଣ କରିଥିବା ବେଳେ ୨୩ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହି ପ୍ରକଳ୍ପ ପାଇଁ ସମୁଦାୟ ୬୯୯୩ କୋଟି ଟଙ୍କା ବିନିଯୋଗ ହେବ ଏବଂ ୨୪,୫୦୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ୧୪ଟି ଜିଲ୍ଲାରେ ଏସବୁ ଶିଳ୍ପ ପ୍ରତିଷ୍ଠା ହେବ। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆମର ନିଷ୍ଠାପର ଉଦ୍ୟମ ଫଳରେ ଓଡ଼ିଶାରେ କେବଳ ଶିଳ୍ପ ଅଭିବୃଦ୍ଧି ତ୍ୱରାନ୍ୱିତ ହେଉ ନାହିଁ, ବରଂ ନୂଆ ଯୁଗର ଶିଳ୍ପ ପ୍ରତିଷ୍ଠା ହେଉଛି ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ସବୁଜ ଶକ୍ତି ଉତ୍ପାଦନ ଉପକରଣ, ପୋଷାକ, ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ହେଉଛି। ରାଜ୍ୟ ସରକାରଙ୍କ ଶିଳ୍ପ ଅନୁକୂଳ ନୀତି, ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ସହିତ ସହଜରେ ବ୍ୟବସାୟ କରିବାରେ ଓଡ଼ିଶାର ଉନ୍ନତି ଆଧାରରେ ପୁଞ୍ଜିନିବେଶ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇପାରିଛି। ଓଡ଼ିଶା ପ୍ରତି ନିବେଶକ ଆକୃଷ୍ଟ ହେବାର ଆଉ ଏକ ପ୍ରମୁଖ କାରଣ ହେଉଛି ଏଠାରେ ଉପଲବ୍ଧ ଉଚ୍ଚ କୁଶଳୀ କର୍ମବଳ। ଆଜି ଲୋକାର୍ପିତ ହୋଇଥିବା ଏବଂ ଭିତ୍ତିପ୍ରସ୍ତର ରଖା ଯାଇଥିବା ଶିଳ୍ପ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଓଡ଼ିଶାର ସମୃଦ୍ଧି ଗତିଶୀଳ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ତଥା ଶକ୍ତି ବିଭାଗର ମନ୍ତ୍ରୀମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




> ନିଯୁକ୍ତି ଆଧାରିତ ଓ ଆଧୁନିକ ଯୁଗର ଶିଳ୍ପ ପ୍ରତିଷ୍ଠାରେ ଓଡ଼ିଶା ଅଗ୍ରଣୀ: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ଆଜି ସୁନ୍ଦରଗଡ଼ରେ ୨୯୭ କୋଟି ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଭାସ୍କର ଷ୍ଟିଲ୍ ଆଣ୍ଡ ଫେରୋ ଆଲଏଜ କାରଖାନାର ଲୋକାର୍ପଣ କରିଥିଲେ। ଏଠାରେ କମ୍ପାନୀ ୮୦୦ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ୨୯୯ କୋଟି ବ୍ୟୟରେ ମାଶ୍ ବାୟୋଫ୍ୟୁଏଲ୍ସ ଲିମିଟେଡ୍ ସୋନପୁରରେ ୩୦୦ ଲୋକଙ୍କୁ ନିଯୁକ୍ତି ଦେଇ ଶସ୍ୟ ଆଧାରିତ ଇଥାନଲ୍ ଏବଂ ଶକ୍ତି ଉତ୍ପାଦନ କରିବ। ଚାହ୍ଲା ଇନଫ୍ରାଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୯୯ କୋଟି ଟଙ୍କା ▶ପୃଷ୍ଠା-୧୦

# ୪ ବିଭାଗରେ ୧୧୭୨ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ ମୁଖ୍ୟମନ୍ତ୍ରୀ



■ **ଭୁବନେଶ୍ୱର, ୧।୩ (ସମିସ):** ରାଜ୍ୟରେ ନୂତନ ଭାବେ ୧୧୭୨ ଜଣ ନିଯୁକ୍ତି ପାଇଛନ୍ତି। ତନ୍ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୯୯୭ ଜଣ ଏସ୍‌ଏସ୍‌ବି ଅଧ୍ୟାପକ ଅଧ୍ୟାପିକା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ୮୭ ଜଣ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ, ସମବାୟ ବିଭାଗରେ ୫୭ ଜଣ ସମବାୟ ସମିତି ନିରୀକ୍ଷକ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଜିଲ୍ଲା ସ୍ତରୀୟ ବିଭିନ୍ନ ଗ୍ରୁପ୍-ସି ପଦରେ ୩୧ ଜଣ ନିଯୁକ୍ତି ପାଇଛନ୍ତି। ଲୋକସେବା ଭବନର କନଭେନସନ୍ ହଲ୍ ଓ ରବିନ୍ଦ୍ର ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ନିଯୁକ୍ତି ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ନୂତନ ଭାବେ ନିଯୁକ୍ତି ପାଇଥିବା ସଦସ୍ୟଙ୍କୁ ସ୍ୱାଗତ କରିବା ସହ ନିଜ କାର୍ଯ୍ୟକ୍ଷେତ୍ରରେ ୫-ଟି ମନ୍ତ୍ରର ଅନୁସରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେମାନଙ୍କ ପ୍ରତିଭା, ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ବଳରେ କାର୍ଯ୍ୟକ୍ଷେତ୍ରରେ ଅଧିକ ଦକ୍ଷତା ଆଣିପାରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ▶ପୃଷ୍ଠା-୧୦

> **ଶେଷ ସ୍ତରର ଲୋକଙ୍କୁ ସଶକ୍ତ କରିଛି '୫-ଟି' ଆଧାରିତ କାର୍ଯ୍ୟକ୍ରମ**

## ଲୋକକଥା



ରାଇଜ ପ୍ରଗତି ଯେଭଳି ଚାଲିଚି
କିଏ ବା ପାରିବ ରୋକି,
ବିରୋଧୀ ବାଲାଏ ଗୋଡ଼ ଟାଣି ଟାଣି
ସତେ ପଡ଼ିଲେଣି ଥକି !
କେତେବେଳେ ଯିବେ ଠକି,
ସ୍ଥିତି ଦେଖିବାକୁ ରହିଚି କେବଳ
ଚବିଶି ଭୋଅଟ ବାକି !!

# ଛାତ୍ରୀଙ୍କୁ ପଥରରେ ଛେଚି ହତ୍ୟା

■ **ଢେଙ୍କାନାଳ, ୧।୩ (ସମିସ):** ଢେଙ୍କାନାଳ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ମଜୁରୀ ଛକ ନିକଟସ୍ଥ ଜଙ୍ଗଲରେ ଜଣେ ଛାତ୍ରୀଙ୍କୁ ଅମାନୁଷିକ ଭାବେ ପଥରରେ ଛେଚି ହତ୍ୟା କରାଯିବା ଘଟଣା ଜିଲ୍ଲାବାସୀଙ୍କୁ ସ୍ତବ୍ଧ କରିଛି। ଘଟଣାସ୍ଥଳରୁ ପୁଲିସ ରକ୍ତଭିଜା ପଥର ସହ ମଦବୋତଲ, ଚପଲ, ଗ୍ଲାସ୍ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଛି।



> **ବୁଦା ଭିତରୁ ମୃତଦେହ ଉଦ୍ଧାର**
> **ମଦ ବୋତଲ, ରକ୍ତଭିଜା ପଥର ଜବତ**

ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ମଜୁରୀ ଗ୍ରାମର ଜଳଧର ସାହୁ ଏକ ଲୁଗା ଦୋକାନ କରିଛନ୍ତି। ଜଳଧରଙ୍କ ଝିଅ ଯସ୍ମିନ ସାହୁ(୧୬) ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ବିଜ୍ଞାନ ବିଭାଗରେ ପାଠ ପଢୁଥିଲେ। ଗୁରୁବାର ଦିନ ଜସ୍ମିନ ଘରୁ ଦିନ ୨ଟାରେ କୁଞ୍ଜକାନ୍ତରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ପାଠ ପଢ଼ି ଅପରାହ୍ଣ ୫ଟା ୪୦ରେ ସିମିଳିଆର ଦୁଇଛାତ୍ରୀଙ୍କ ସହିତ ସାଇକେଲ ଯୋଗେ ଆସି ଗଣେଶ ବଜାରଠାରେ ଓହ୍ଲାଇଥିଲେ। ସେଠାରୁ ସେ ନିଜ ଗ୍ରାମକୁ ଚାଲିଚାଲି ପରିବା ମାର୍କେଟ ଦେଇ ଯାଉଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ବାପା ଜଳଧର ଝିଅ ସାଙ୍ଗକୁ ପଚାରିବା ସହ ଝିଅର ସନ୍ଧାନ ନେବାକୁ ଫୋନ କରିଥିଲେ। ବହୁ ଖୋଜାଖୋଜି କରି ବିଫଳ ହେବା ପରେ ଜଳଧର ଟାଉନ ଥାନାରେ ଜଣାଇବା ପରେ ଥାନାଧିକାରୀ ସକାଳ ପର୍ଯ୍ୟନ୍ତ ଅପେକ୍ଷା ▶ପୃଷ୍ଠା-୧୦









# ମେ' ମାସରୁ ଭୁବନେଶ୍ୱର-କ୍ୱାଲାଲମ୍ପୁର୍‌କୁ ବିମାନ ସେବା

## ଏୟାରଏସିଆକୁ ପ୍ରସ୍ତାବ ଦେଲା କମ୍ପାନୀ

■ **ଭୁବନେଶ୍ୱର, ୧।୩ (ସମିସ):** ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଥରେ ଭୁବନେଶ୍ୱର-କ୍ୱାଲାଲମ୍ପୁର ମଧ୍ୟରେ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବ। ଆସନ୍ତା ମେ' ମାସରୁ ସିଧାସଳଖ ବିମାନ ସେବା ପୁନଃ ଆରମ୍ଭ କରିବା ଲାଗି ଏୟାର ଏସିଆ ଏୟାରଲାଇନ୍ସ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଛି। ବିଧିବଦ୍ଧ ଅନୁମତି ମିଳିବା ପରେ ବିମାନ ସେବା ଆରମ୍ଭ ହେବ ବୋଲି କୁହାଯାଇଛି। ରାଜ୍ୟ ସରକାର ନିଜ ଉଦ୍ୟମରେ ଭୁବନେଶ୍ୱରରୁ ଦୁବାଇ, ମାଲେସିଆ ଓ ସିଙ୍ଗାପୁରକୁ ସିଧାସଳଖ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିବା ପରେ ଯାତ୍ରୀଙ୍କ ସଂଖ୍ୟା ବେଶ୍ ଉତ୍ସାହଜନକ ରହିଛି। ଫଳରେ ଏୟାର ଏସିଆ ସହିତ ଆଉ କିଛି କମ୍ପାନୀ ଓଡ଼ିଶାରୁ ବିଦେଶକୁ ବିମାନ ଉଡ଼ାଣ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରଥମ କମ୍ପାନୀ ଭାବେ ଏୟାର ଏସିଆ ୨୦୧୭ ମସିହାରେ ଭୁବନେଶ୍ୱର- ▶ପୃଷ୍ଠା-୧୦

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-247 ♦BHUBANESWAR ♦SATURDAY ♦2 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୭ ♦ଭୁବନେଶ୍ୱର ♦ଶନିବାର ♦୨ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ଦୀପକ କୁମାର ପୂର୍ବାଞ୍ଚଳ ଆଇଜି

**ସିଦ୍ଧାର୍ଥ କାଟେରିଆ କେନ୍ଦ୍ରାପଡ଼ା, ବି.ଯୁଗଳ କିଶୋର ଖୋର୍ଦ୍ଧା ଏସ୍‌ପି**

■ **ଭୁବନେଶ୍ୱର, ୧।୩ (ସମିସ):** ରାଜ୍ୟ ସରକାର ଶୁକ୍ରବାର ଆଇପିଏସ୍‌ସ୍ତରରେ ଏକ ଛୋଟ ଅଦଳବଦଳ କରିଛନ୍ତି। ତାଳଚେର ଏନ୍‌ସିଆର ଏବଂ ଅନୁଗୁଳ ପୁଲିସ ତାଲିମ ପ୍ରତିଷ୍ଠାନରେ କାର୍ଯ୍ୟରତ ଆଇପିଏସ୍ ଦୀପକ କୁମାରଙ୍କୁ ପୂର୍ବାଞ୍ଚଳ ଆଇଜି ଭାବେ ଅବସ୍ଥାପିତ କରିଛନ୍ତି। ସେହିପରି ପୂର୍ବାଞ୍ଚଳ ଆଇଜି ଥିବା ୨୦୦୪ ବ୍ୟାଚ୍‌ର ସତ୍ୟବ୍ରତ ଭୋଇଙ୍କୁ ତାଳଚେର ଏନ୍‌ସିଆର ଏବଂ ଅନୁଗୁଳ ପିଟିସିକୁ ବଦଳି କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଏସ୍‌ପିଙ୍କୁ ମଧ୍ୟ ବଦଳି କରାଯାଇଛି। କେନ୍ଦ୍ରାପଡ଼ାଏସ୍‌ପି ବନୋଥା ଯୁଗଳ କିଶୋର କୁମାରଙ୍କୁ ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ କେନ୍ଦ୍ରାପଡ଼ାକୁ ବଦଳି ହୋଇଛି। ଆଗକୁ ନିର୍ବାଚନ ଥିବାରୁ ବଦଳି ହୋଇଥିବା ଆଇପିଏସ୍‌ଙ୍କୁ ତୁରନ୍ତ ନୂତନ ସ୍ଥାନରେ ଯୋଗ ଦେବାକୁ କୁହାଯାଇଛି।



## ୭ ମହଲା କୋଠାରେ ନିଆଁ; ୪୫ ମୃତ

■ **ଢାକା, ୧।୩ (ଏଜେନ୍ସି):** ବାଂଲାଦେଶ ରାଜଧାନୀ ଢାକାରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଠାକାର ଏକ ସାତ ମହଲା କୋଠାରେ ନିଆଁ ଲାଗି ୪୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୨ ଜଣ ଗୁରୁତର ଆହତ ହୋଇଛନ୍ତି। ଅଢ଼େଇ ଘଣ୍ଟାର କଠିନ ପରିଶ୍ରମ ପରେ ଦମକଳ ବାହିନୀ ନିଆଁ ଲିଭାଇବାରେ ସକ୍ଷମ ହୋଇଛି। ସୂଚନା ଅନୁଯାୟୀ ଉଦ୍ଧାରକାର୍ଯ୍ୟରେ ୧୫ଟି ଦମକଳ ବାହିନୀ ଲାଗିଥିଲା। ଗ୍ରୀନ କୋଜି କଟେଜ ନାମକ ଏହି କୋଠାରୁ ୭୫ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪୨ ଜଣ ଚେତା ହରାଇ ଥିଲେ। ସମସ୍ତଙ୍କୁ ଢାକା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନେକଙ୍କ ମୃତଦେହ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିବାରୁ ଚିହ୍ନଟ କରାଯାଇପାରିନାହିଁ। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି।

ବାଂଲାଦେଶ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ସାମନ୍ତ ଲାଲ୍ ସେନ କହିଛନ୍ତି ଯେ ରାତି ପ୍ରାୟ ୯ଟା ୩୦ରେ ପ୍ରଥମ ମହଲାରେ ଥିବା ରେଷ୍ଟୋରାଁରେ ନିଆଁ ଲାଗିଥିଲା। ପରେ ଏହା ଦ୍ରୁତଗତିରେ ଉପର ମହଲାକୁ ବ୍ୟାପି ଯାଇଥିଲା। ଏଠାରେ ଆଉ କିଛି ରେଷ୍ଟୋରାଁ ଏବଂ ପୋଷାକ ଦୋକାନ ମଧ୍ୟ ଥିଲା। ତେଣୁ ନିଆଁ ଭୟାବହ ରୂପଧାରଣ କରିଥିଲା। ରାତି ୧୨ଟା ୩୦ରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ମାମଲାର ତଦନ୍ତ ଜାରି ରହିଥିବା ମନ୍ତ୍ରୀ ଶ୍ରୀ ସେନ୍ କହିଛନ୍ତି।

**ଲୋକସଭା ନିର୍ବାଚନ**

## ବିଜେପିର ପ୍ରଥମ ପ୍ରାର୍ଥୀ ତାଲିକା ଖୁବ୍‌ଶୀଘ୍ର

**ବାରଣାସୀରୁ ମୋଦୀ, ଗାନ୍ଧୀନଗରରୁ ଶାହା, ଲକ୍ଷ୍ନୌରୁ ରାଜନାଥ**

**ଆମେଥିରୁ ଲଢ଼ିବେ ସ୍ମୃତି ଇରାନୀ, ଭିବାନୀରୁ ଭୂପେନ୍ଦ୍ର ଯାଦବ**

**ସମ୍ବଲପୁରରୁ ଧର୍ମେନ୍ଦ୍ର ପ୍ରଧାନ, ପୁରୀରୁ ସମ୍ବିତ ପାତ୍ର ଚୂଡ଼ାନ୍ତ**

■ **ନୂଆଦିଲ୍ଲୀ, ୧।୩ (ସମିସ):** ଆଗାମୀ ଲୋକସଭା ନିର୍ବାଚନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୫୫ ପ୍ରାର୍ଥୀଙ୍କ ତାଲିକା ଚୂଡ଼ାନ୍ତ କରିଛି ବିଜେପି । ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ଘୋଷଣା କରାଯିବ । ଗତକାଲି ରାତି ପ୍ରାୟ ୧୧ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱକାଳ ବୈଠକ ପରେ ଦଳ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ସହ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରଣାସୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଗୃହମନ୍ତ୍ରୀ ଅମିତ୍ ଶାହା ଗାନ୍ଧୀନଗର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲକ୍ଷ୍ନୌ, ସ୍ମୃତି ଇରାନୀ ଆମେଥିରୁ ଓ ଭୂପେନ୍ଦ୍ର ଯାଦବ ଭିବାନୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଗୁନା-ଶିବପୁରୀ ବା ଗ୍ୱାଲିୟରରୁ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଭୋପାଳ ବା ବିଦିଶାରୁ ଦଳ ପ୍ରାର୍ଥୀ କରିବ। ସର୍ବାନନ୍ଦ ସୋନୱାଲ ଡିବ୍ରୁଗଡ଼, ରବୀନ୍ଦ୍ର ରୈନା ରାଜୌରୀ-ଅନନ୍ତନାଗ, ମନୋଜ ତିୱାରୀ ଉତ୍ତରପୂର୍ବ ଦିଲ୍ଲୀ ଆସନ, ପରବେଶ ବର୍ମା ପଶ୍ଚିମ ଦିଲ୍ଲୀରୁ ପ୍ରାର୍ଥୀ ହେବେ। ଓଡ଼ିଶାର ଚୂଡ଼ାନ୍ତ ହୋଇଥିବା ଦୁଇ ଆସନ ମଧ୍ୟରୁ ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୁରୀରୁ ସମ୍ବିତ୍ ପାତ୍ରଙ୍କ ନାମ ଥିବା ସୂଚନା ମିଳିଛି।

ବୈଠକରେ ବିଭିନ୍ନ ରାଜ୍ୟରେ ବିଜେପିର ବିଭିନ୍ନ ସହଯୋଗୀ ଦଳକୁ ଆସନ ବଣ୍ଟନ ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଛି। ଉତ୍ତରପ୍ରଦେଶର ୮୦ ଲୋକସଭା ଆସନ ମଧ୍ୟରୁ ବିଜେପି ୭୪ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ଏବଂ ସହଯୋଗୀ ଦଳଗୁଡ଼ିକୁ ୬ଟି ଆସନ ପ୍ରଦାନ କରିବ। ବିହାରରେ ଜେଡିୟୁ ସହ ଆସନ ବୁଝାମଣା ବୈଠକ ପରେ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବ। ତେବେ ବିଜେପି କେବେ ବି ▶ପୃଷ୍ଠା-୧୦

### ୧୦୦ ଟପିବ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା

■ **ନୂଆଦିଲ୍ଲୀ, ୧।୩ (ସମିସ):** ଆଗାମୀ ଲୋକସଭା ନିର୍ବାଚନରେ ଅନ୍ୟୂନ ୧୦୦ ଆସନରେ ବିଜେପି ମହିଳା ପ୍ରାର୍ଥୀଙ୍କୁ ସୁଯୋଗ ଦେଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦଳର କୋର କମିଟି ବୈଠକରେ ଏ ସଂକ୍ରାନ୍ତରେ ବିଚାରବିମର୍ଶ ପରେ ନିଷ୍ପତ୍ତି ନିଆଯାଇଛି। ଆଗାମୀ ନିର୍ବାଚନରେ ପ୍ରଥମଥର ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭା ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି କେନ୍ଦ୍ରମନ୍ତ୍ରୀ ମିନାକ୍ଷୀ ଲେଖୀ ଓ ସ୍ମୃତି ଇରାନୀ ସେମାନଙ୍କର ଆସନ ବଜାୟ ରଖିବେ। ମାତ୍ର ଦର୍ଶନା ଜରଦେଶ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ଅନ୍ନପୂର୍ଣ୍ଣା ଦେବୀ ଯାଦବ ଓ ରେଣୁକା ସିଂହଙ୍କ ପ୍ରାର୍ଥିତ୍ୱ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇ ନ ଥିବା ଜଣାପଡ଼ିଛି।

**ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

## ଖଣିଜ ସମ୍ପଦରେ ଟିକସ ଲଗାଇବା ଅଧିକାର ରାଜ୍ୟର

■ **ନୂଆଦିଲ୍ଲୀ, ୧।୩ (ଏଜେନ୍ସି):** ଖଣିଜ ସମ୍ପଦ ଉପରେ ଟିକସ ଲଗାଇବାର କ୍ଷମତା ସଂସଦ ପାଖରେ ନାହିଁ। ସମ୍ବିଧାନ ଏହି କ୍ଷମତା ସଂସଦକୁ ଦେଇ ନାହିଁ। ଏହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଏଭଳି ଅଧିକାରକୁ ଦୁର୍ବଳ କରାଯିବା ଅନୁଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। 'ଖଣି ନିଲାମରୁ ସଂଗ୍ରହ ରୟାଲଟିକୁ ଟିକସ ଭାବେ ଧରାଯିବ କି ନାହିଁ' ମାମଲାର ଶୁଣାଣି ସମୟରେ ଭାରତର



ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୯ ଜଣିଆ ଖଣ୍ଡପୀଠ ଗୁରୁବାର ଏହି ଟିପ୍ପଣୀ ଦେଇଥିଲେ। ଖଣ୍ଡପୀଠ କହିଛନ୍ତି ଯେ ସଂସଦ କେବଳ ଖଣିଜ ପଦାର୍ଥ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ନ ହେବା ପାଇଁ କିଛି ସୀମା ଧାର୍ଯ୍ୟ କରିପାରିବ। ସମ୍ବିଧାନର ନିୟମ ଅନୁଯାୟୀ ଖଣି ଉପରେ କର ଲଗାଇବାର ଶକ୍ତି ସଂସଦର ଅଛି ଏବଂ ରାଜ୍ୟର ନାହିଁ ବୋଲି ସଂସଦ କହିପାରିବ ନାହିଁ। ସମ୍ବିଧାନର ସପ୍ତମ ଅନୁଚ୍ଛେଦରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ କ୍ଷମତା ଏବଂ କାର୍ଯ୍ୟ ବଣ୍ଟନ କରାଯାଇଛି। ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣିଙ୍କୁ ସିଜେଆଇ କହିଥିଲେ ଯେ ଖଣିଜ ସମ୍ପଦର ସୁରକ୍ଷା ପାଇଁ ଏଭଳି ଟିକସ ଲଗାଇପାରିବ ନାହିଁ। ଉଦାହରଣ ସ୍ୱରୂପ ଏହା ୨୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ। କାରଣ ନିର୍ଦ୍ଦିଷ୍ଟ ଉପାୟରେ କର ଲଗାଇଲେ ଖଣିଜ ପଦାର୍ଥ ବିକାଶ ଉପରେ ସମସ୍ୟା ସୃଷ୍ଟି ହୋଇପାରେ। ଏହି ଶୁଣାଣିରେ କୌଣସି ଫଳାଫଳ ବାହାରି ପାରି ନ ଥିଲା। ୫ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ପରିଚାଳନା) ନିୟମ, ୧୯୫୭ ଅଧିନରେ ଖନନ କରାଯାଇଥିବା ଦେୟ ରୟାଲଟି କର କି ନୁହେଁ ବୋଲି ବିଚାର କରୁଛନ୍ତି। ଗତ ୨୭ ତାରିଖରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା।


DSPL-761

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ



୪ଟି ଜିଲ୍ଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର
ଉଦ୍‌ଘାଟନ
ଏବଂ
୧୫ଟି ଜିଲ୍ଲାରେ ୨୯୦୬ କୋଟି ଟଙ୍କା ବ୍ୟୟରେ ୪୬ଟି ପ୍ରକଳ୍ପର
ଭିତ୍ତିପ୍ରସ୍ତର ସ୍ଥାପନ



୨ ମାର୍ଚ୍ଚ ୨୦୨୪ ॥ ଅପରାହ୍ନ ୪ଟା ୩୦

ଉଦ୍‌ଘାଟନ

କୁସୁମି ବ୍ୟାରେଜ୍, ନୟାଗଡ

ଭୂତଳ ପାଇପ୍ ଲାଇନ୍ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବଣ୍ଟନ ବ୍ୟବସ୍ଥା

କେନ୍ଦୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ଶଂଖଭଙ୍ଗା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ
ତିଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଫଟାଟାଙ୍ଗର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ କଟଗାଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର

ଭିତ୍ତିପ୍ରସ୍ତର ସ୍ଥାପନ

ହାଡୁଆ ଡ୍ୟାମ୍ ଓ ହାଡୁଆ ଡ୍ୟାମ୍‌ର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, କଟକ ॥ କୁସୁମି ବ୍ୟାରେଜର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, ନୟାଗଡ ॥ ଡିମିରିଆ-ରାଉତପଡା ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ
ବୈଦେଶ୍ୱର-ଗୋପିନାଥପୁର ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ ॥ ଫଟକି ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, ନବରଙ୍ଗପୁର ॥ ମାଲଗାଁ ବ୍ୟାରେଜ୍, ନବରଙ୍ଗପୁର ॥ ସତୀଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର

୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା

ଲାକଟିଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଟେମୁରାପାଲ୍ଲୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଭାଲୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ ପୋଡାଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର
କୋହରାଡଙ୍ଗରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କୁର୍ଲୁ ଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କଲ୍ୟାଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ରାୟଗଡା ॥ ଚାଙ୍ଗିରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗିର
ଦମ୍-କିପାଲି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବଥର୍ଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଦେୈତାରିମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବିଲେଇସାଥୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର
ଘଗରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ସେମେଲମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଡୁମେରଟୁଆଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଗାଡିଆଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ବାରାହା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଧୋବେନ ଚଞ୍ଚରା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ପଖାନଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଲାମେର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ଟୁକୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ କୁଟିଙ୍ଗ ପଦର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଦଳକଟା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୋନପୁର ॥ ଚିଲାଣ୍ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଅନୁଗୋଳ
କତରାପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଟକ ॥ କପାସିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଢେଙ୍କାନାଳ ॥ ମଣଦା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଲାଲିଆଛେଞ୍ଚଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କନ୍ଧମାଳ
ଡାହୁକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ପଥରଗଣ୍ଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ କଦଳିଝରଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ମାଣିକମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର
ସୁଖୁପଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ଉତାଲିଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଝିଲିନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଶଳଡ଼ିହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ
ସୁନାମୁଦି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ନୂଆଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ ॥ କେଙ୍ଗଟି ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୁନ୍ଦରଗଡ

ଜଳସମ୍ପଦ ବିଭାଗ

OIPR-32031/13/0018/2324

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ଆର୍‌ଏସ୍‌ପି ଏଜିଏମ୍‌ଙ୍କୁ ୨ବର୍ଷ କାରାଦଣ୍ଡ

■ **ଭୁବନେଶ୍ୱର, ୧।୩(ସମିସ):** ଜାଲ୍ କାଗଜପତ୍ର ଜରିଆରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ମାମଲାର ବିଚାର କରି ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଅଦାଲତ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି)ର ପୂର୍ବତନ ଏଜିଏମ୍ କେ. ବାଲଗଙ୍ଗାଧରଙ୍କୁ ୨ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ୨୩ ବର୍ଷ ପରେ ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ସିବିଆଇ ଦାଖଲ କରିଥିବା ଦସ୍ତାବିଜକୁ ଆଧାର କରି ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ଏଥିସହ ଅଦାଲତ ଅଭିଯୁକ୍ତକୁ ୧୫ ହଜାର ଟଙ୍କା ଜୋରିମାନା ଦେବାକୁ କହିଛନ୍ତି। ଇତିମଧ୍ୟରେ ମାମଲାରେ ସମ୍ପୃକ୍ତ ୬ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇ ସାରିଛି। ସାକ୍ଷ୍ୟ ପ୍ରମାଣ ଅଭାବରୁ ମାମଲାରେ ସମ୍ପୃକ୍ତ ଘରୋଇ ସଂସ୍ଥାର ମୁଖ୍ୟଙ୍କୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାରୁ ପ୍ରକାଶ, ଆରଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍ ମରାମତି କାମ ପାଇଁ ଏକ ଘରୋଇ ସଂସ୍ଥାକୁ ଟେଣ୍ଡର ଦିଆଯାଇଥିଲା। କାର୍ଯ୍ୟ ନ କରି ଜାଲ୍ ଗକାଗଜପତ୍ର ଜମା କରି ଉକ୍ତ ସଂସ୍ଥା ନାମରେ ୨୪ ଲକ୍ଷ ୪୧ ହଜାର ବିଲ୍ କରାଯାଇଥିଲା। ଅଭିଯୋଗ ହେବା ପରେ ଘଟଣାର ସିବିଆଇ ତଦନ୍ତ କରିଥିଲା। ବାଲଗଙ୍ଗାଧରଙ୍କ ସମେତ ମାମଲାରେ ଏକାଧିକ ଅଭିଯୁକ୍ତଙ୍କ ନାମରେ ସିବିଆଇ ୨୦୦୧ ନଭେମ୍ବର ୨୯ରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ (ଚାର୍ଜସିଟ୍) ଦାଖଲ କରିଥିଲା।

# ମୃତ୍ୟୁ ପରେ କିଡ୍‌ନୀ ଦାନ କରି ଶିବୁ ଅମର

### ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହେଲା ଶେଷକୃତ୍ୟ ● ପିପିଲିର ସୁନୀତା ପାଇଲେ ନୂଆ ଜୀବନ

■ **କଟକ/ପଟ୍ଟାମୁଣ୍ଡାଇ, ୧।୩ (ସମିସ):** ମହାଯାତ୍ରାରେ ଯିବା ପରେ ନିଜର ୨ଟି ଯାକ କିଡ୍‌ନୀ ଦାନ କରି ଦୁଇଜଣଙ୍କୁ ନୂଆ ଜୀବନ ଦେଇଛନ୍ତି ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ମହନପୁର ପଞ୍ଚାୟତ ନୟାକଟ ଗ୍ରାମର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଓମ୍ ଶିବୁ ଦାସ (୧୭)। ବ୍ରେନ୍ ଟ୍ୟୁମର୍‌ରେ ପୀଡ଼ିତ ଶିବୁ ୧୯ ଦିନ ହେବ କଟକ ବଡ଼ ମେଡ଼ିକାଲରେ ମୃତ୍ୟୁ ସହ ସଂଘର୍ଷ କରି ହାରିଯିବା ପରେ ପରିବାରଲୋକ ତାଙ୍କର ଦୁଇଟିଯାକ କିଡ୍‌ନୀକୁ ଦାନ କରିଥିଲେ। ଏହା କରି ଶିବୁ ଦୁଇଟି ଅମୂଲ୍ୟ ଜୀବନ ବଞ୍ଚାଇବାରେ ସହାୟ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶିବୁଙ୍କ ଅନ୍ତିମ ସଂସ୍କାର ତାଙ୍କ ଗ୍ରାମ ଶ୍ମଶାନରେ ସଂପନ୍ନ ହୋଇଛି।

ଶିବୁଙ୍କ ଗୋଟିଏ କିଡ୍‌ନୀ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ପଠାଯାଇଥିବା ବେଳେ ଅନ୍ୟ ଏକ କିଡ୍‌ନୀକୁ ପିପିଲିର ସୁନୀତା ମହାପାତ୍ରଙ୍କ ଶରୀରରେ ପ୍ରତିରୋପିତ କରାଯାଇଛି। ଗୁରୁବାର ରାତିରେ ଶିବୁଙ୍କୁ ଡାକ୍ତରମାନେ ବ୍ରେନ୍ ଡେଡ୍ ଘୋଷିତ କରିଥିଲେ। ଏହା ପରେ ତାଙ୍କର ପରିବାରଲୋକଙ୍କ ସହମତିକ୍ରମେ ଅଙ୍ଗଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ(ସୋଟୋ) ସହ ମେଡିକାଲ କର୍ତ୍ତୃପକ୍ଷ ଆଲୋଚନା କରିବା ପରେ ଏସ୍‌ସିବି ମେଡ଼ିକାଲର ସ୍ୱତନ୍ତ୍ର



ଡାକ୍ତରୀ ଦଳ ଗଠନ ହୋଇଥିଲା। ଏସ୍‌ସିବି ୟୁରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ସମୀର ସ୍ୱାଇଁଙ୍କ ନେତୃତ୍ୱରେ ଡାକ୍ତର ସଞ୍ଜୟ ଚୌଧୁରୀ, ଡାକ୍ତର ପ୍ରୀତମ ପଟ୍ଟନାୟକ, ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟ, ଡାକ୍ତର ରାକେଶ ରାଉତରାୟ, ଡାକ୍ତର ଉଦୟ ବେହେରା ଏବଂ ଡାକ୍ତର ରଞ୍ଜିତା ଏହି ପ୍ରତିରୋପଣ କରିଥିଲେ। ୨୧ ବର୍ଷୀୟ ସୁନୀତା କିଛି ବର୍ଷ କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ। କିଡନୀ ପ୍ରତିରୋପଣ ପରେ ତାଙ୍କୁ ଏକ ନୂଆ ଜୀବନ ମିଳିଛି। ଏହାକୁ ମିଶାଇ ଏସ୍‌ସିବିରେ ୧୦ମ କାଡାଭରିକ କିଡନୀ ପ୍ରତିରୋପଣ ସଫଳତାର ସହ ସଂପନ୍ନ ହୋଇଛି।

ଏକମାତ୍ର ପୁଅକୁ ହରାଇ ବାପା ରମେଶ ଚନ୍ଦ୍ର ଦାସ କହିଛନ୍ତି ଯେ ଅକାଳରେ ତା'ର ଜୀବନ ସିନା ଚାଲିଗଲା, ହେଲେ ସେ ଅନ୍ୟର ଦୁଇଟି ଜୀବନ ବଞ୍ଚାଇ ସମାଜ ପାଇଁ ଉଦାହରଣ ସାଜିଛି। ସରକାରଙ୍କ ଘୋଷଣା ପରେ ଅଙ୍ଗଦାନ କରିଥିବା ମୋ ପୁଅକୁ ଗାଁ ଶ୍ମଶାନରେ ତୋପ ସଲାମି ଦିଆଯାଇ ବିଦାୟ ଦିଆଯାଇଥିବାର ଦୃଶ୍ୟକୁ ମୁଁ ବଞ୍ଚିଥିଲା ପର୍ଯ୍ୟନ୍ତ ଭୁଲିପାରିବି ନାହିଁ।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଶିବୁଙ୍କ କିଛି ଦିନ ତଳେ ମୁଣ୍ଡ ବିନ୍ଧିବାରୁ ତାକୁ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବ୍ରେନ୍ ଟ୍ୟୁମର ଜଣାପଡ଼ିବା ପରେ ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କର ଗୁରୁବାର ଦିନ ମୃତ୍ୟୁ ଘଟିଥିଲା। ବାପା ରମେଶ ଶରୀର ଦାନ କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ବଡ଼ମେଡିକାଲରେ କେବଳ କିଡ୍‌ନୀ ଦୁଇଟିକୁ ନେବାକୁ ପରାମର୍ଶ ଦେଇଥିଲେ।

### 'ରାଜ୍ୟର ସବୁ ସ୍ଥାନରେ ଅଙ୍ଗଦାନ ଓ ସଂରକ୍ଷଣ ଭିତ୍ତିଭୂମି ସୃଷ୍ଟି କରାଯାଉ'

■ **ଭୁବନେଶ୍ୱର, ୧।୩ (ସମିସ):** ଜଟିଳ ଏବଂ ଅତ୍ୟନ୍ତ ଦୁଃଖଦ ସମୟରେ ବି କେନ୍ଦ୍ରାପଡ଼ାର ୧୮ ବର୍ଷୀୟ ଶିବୁ ଦାଶଙ୍କ ଅଙ୍ଗଦାନ ପାଇଁ ତାଙ୍କ ପରିବାରଲୋକ ଯେଉଁ ନିଷ୍ପତ୍ତି ନେଲେ, ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଭାରତୀୟ ଶରୀର ଅଙ୍ଗଦାନ ସୋସାଇଟି (ବଡି ଆଣ୍ଡ ଅର୍ଗାନ୍ ଡୋନେସନ୍ ସୋସାଇଟି ଅଫ୍ ଇଣ୍ଡିଆ)ର ସଭାପତି ଡଃ ପ୍ରଭାସ ଆଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ଯେ ଶିବୁ ଦାଶଙ୍କ ପରିବାରଲୋକେ ସମାଜ ଆଗରେ ବହୁତ ବଡ଼ ଉଦାହରଣ ରଖିଛନ୍ତି। ସ୍ୱାସ୍ଥ୍ୟସେବାରେ ବ୍ୟାପକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ପରିବର୍ତ୍ତନ ପାଇଁ ପାଣ୍ଠିର ଅଭାବ ରଖିନାହାନ୍ତି। ପରିଣାମସ୍ୱରୂପ ସ୍ୱାସ୍ଥ୍ୟ ସେବାରେ ବହୁତ ଉନ୍ନତି ଆସିପାରିଛି। ତେବେ ଏହି ସେବାର ପ୍ରଭାବ ଆହୁରି ତୃଣମୂଳସ୍ତରରେ ପହଞ୍ଚିବାର ଆବଶ୍ୟକତା ରହିଛି ଡଃ ଆଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ଯେ ଅଙ୍ଗଦାନ ନିମନ୍ତେ ମୃତକଙ୍କ ଶରୀରରୁ ଯକୃତ, ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଭାଲ୍‌ଭ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବାହାର କରିବା ଓ ତାହାକୁ ସଂରକ୍ଷଣ କରିବା ଲାଗି ରାଜ୍ୟରେ ଭିତ୍ତିଭୂମିର ଘୋର୍ ଅଭାବ ରହିଛି। ଏହି କାରଣରୁ ଅଙ୍ଗଦାନ ପ୍ରକ୍ରିୟା କେବଳ କଟକ ଓ ଭୁବନେଶ୍ୱର ମଧ୍ୟରେ ସୀମିତ ରହୁଛି। ରାଜ୍ୟର ଅନ୍ୟ ସ୍ଥାନରେ ଅଙ୍ଗ ବାହାର କରି ଅନ୍ୟର ଜୀବନରକ୍ଷା କରିବା ପାଇଁ ଭିତ୍ତିଭୂମି ସୃଷ୍ଟି କରିବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗରେ ସୃଷ୍ଟି ହେଲା ୪୫ ବରିଷ୍ଠ ପାହ୍ୟା ପଦ

■ **ଭୁବନେଶ୍ୱର, ୧।୩(ସମିସ):** ସ୍ୱାସ୍ଥ୍ୟ ସେବାରେ ବର୍ଦ୍ଧିତ ଆବଶ୍ୟକତା ଓ ଚାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ମେଡିକାଲ ଆଣ୍ଡ ହେଲଥ୍ ସର୍ଭିସେସ୍ (ଓଏମ୍‌ଏଚ୍‌ଏସ୍) କ୍ୟାଡର୍‌ରେ ୪୫ଟି ବରିଷ୍ଠ ଅଧିକାରୀ ପଦବୀ ସୃଷ୍ଟି କରିଛନ୍ତି। ଏଥିରେ ୧୨ଟି ସୁପର୍ ଟାଇମ୍ ପେ' ଗ୍ରେଡ୍ ପଦବୀ ଥିବା ବେଳେ ୩୩ଟି ସିନିୟର୍ ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍ ପଦବୀ ଅନ୍ତର୍ଭୁକ୍ତ। ସିଲେକ୍ସନ୍ ଗ୍ରେଡ୍-୧ (ଅତିରିକ୍ତ ନିର୍ଦ୍ଦେଶକ ସ୍ତର-୧)ରେ ୪୫ଟି ପଦବୀକୁ ଉଚ୍ଛେଦ କରାଯାଇ ସମାନ ସଂଖ୍ୟକ ନୂତନ ପଦବୀ ସୃଷ୍ଟି କରାଯାଇଛି।

**କ୍ୟାଡର୍ ପୁନର୍ଗଠନ ପରେ ବରିଷ୍ଠ ପଦବୀ ସଂଖ୍ୟା ୧୫, ୭୭୪**

**ମେଡିକାଲ ଓ ଡେଣ୍ଟାଲ କଲେଜ ଶିକ୍ଷକଙ୍କୁ ମିଳିବ ଡିଏସିପି**

ଏହି ପୁନର୍ଗଠନ ଫଳରେ ସୁପର୍ ଟାଇମ୍ ପେ' ଗ୍ରେଡ୍ ପଦବୀ ସଂଖ୍ୟା ୧୪କୁ ବୃଦ୍ଧି ପାଇଥିବା ବେଳେ ସିନିୟର୍ ଆଡମିନଷ୍ଟ୍ରେଟିଭ୍ ଗ୍ରେଡ୍ ପଦବୀ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି। ସୁପର୍ ଟାଇମ୍ ପେ' ଗ୍ରେଡ୍ ପାହ୍ୟାରେ ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ପରିବାର କଲ୍ୟାଣ ନିର୍ଦ୍ଦେଶକ, ନର୍ସିଂ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ଆରଜିଏଚ୍ ନିର୍ଦ୍ଦେଶକ, ବ୍ଲଡ୍ ସେଫ୍ଟି ନିର୍ଦ୍ଦେଶକ, ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ, ଏସ୍‌ଆଇଏଚ୍‌ଏଫ୍‌ଡବ୍ଲୁ ନିର୍ଦ୍ଦେଶକ ଆଦି ପଦବୀ ରହିଛି। ସେହିପରି ସିନିୟର୍ ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍ ପାହ୍ୟାରେ ସିଡିଏମ୍‌ଓ/ପିଏଚ୍‌ଓ, କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ, ଆରଜିଏଚ୍ ଅଧୀକ୍ଷକ ଆଦି ପଦବୀ ଅନ୍ତର୍ଭୁକ୍ତ। ଏହି ପୁନର୍ଗଠନକୁ ଅର୍ଥ ବିଭାଗର ମଞ୍ଜୁରୀ ମିଳିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଓଏମ୍‌ଏଚ୍‌ଏସ୍ କ୍ୟାଡର୍‌ରେ ପୁନର୍ଗଠନ ପରେ ସମୁଦାୟ ୬ଟି ବରିଷ୍ଠ ପାହ୍ୟାରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୫, ୭୭୪ରେ ପହଞ୍ଚିଛି। ଏଥିରେ ସୁପରଟାଇମ୍ ପେ' ଗ୍ରେଡ୍ ପାହ୍ୟାରେ ୧୪ଟି ପଦବୀ ରହିଥିବା ବେଳେ ସିନିୟର ଆଡମିନଷ୍ଟ୍ରେଟିଭ୍ ଗ୍ରେଡ୍‌ରେ ୪୫ଟି, ସିଲେକ୍ସନ୍ ଗ୍ରେଡ୍ (ଅତିରିକ୍ତ ନିର୍ଦ୍ଦେଶକ)ରେ ୩୭୪ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ଅପରପକ୍ଷେ ଜୁନିୟର୍ ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍‌ରେ ୮୯୫ଟି ପଦବୀ ରହିଥିବା ବେଳେ ଗ୍ରୁପ୍-ଏ (ସିନିୟର୍ ବ୍ରାଞ୍ଚ)ରେ ୧୭୦୯ ଏବଂ ଗ୍ରୁପ୍-ଏ (ଜୁନିଅର ବ୍ରାଞ୍ଚ)ରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୨୭୩୭ ରହିଛି। ବିଭାଗ ପକ୍ଷରୁ ଆଜି ପ୍ରକାଶିତ ଅନ୍ୟଏକ ବିଜ୍ଞପ୍ତିରେ ଓଏମ୍‌ଇଏସ୍ କ୍ୟାଡର୍‌ରେ କାର୍ଯ୍ୟରତ ମେଡିକାଲ ଓ ଡେଣ୍ଟାଲ କଲେଜ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ପାଇଁ ଡାଇନାମିକ୍ କ୍ୟାରିୟର୍ ଆଡଭାନ୍ସମେଣ୍ଟ ପ୍ରୋଗ୍ରେସନ୍ (ଡିଏସିପି) ଲାଗୁ କରାଯିବ ବୋଲି କୁହାଯାଇଛି।

## ନାଗାବଳୀରେ ବୁଡ଼ି ଦୁଇ ନାବାଳିକା ମୃତ

■ **ଜେକେପୁର/କୋଲନରା,୧।୩(ସମିସ):** ଶୁକ୍ରବାର ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ି ଦୁଇ ନାବାଳିକାଙ୍କର ମୃତ୍ୟୁ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ସାନଚାନ୍ଦିଲି ଗାଁ ନଦୀଘାଟରେ। ମୃତକମାନେ ହେଲେ ହେମାବତୀ ସୁନା (୧୨) ଓ ଅନୁ ଅବଦୁଲ (୧୦)। ମୃତ ହେମାବତୀ ଜେକେପୁରର ଗୋପବନ୍ଧୁ ସରକାରୀ ହାଇସ୍କୁଲରେ ଷଷ୍ଠ ଶ୍ରେଣୀର ଛାତ୍ରୀ ଥିବାବେଳେ ମୃତ ଅନୁ ସାନଚାନ୍ଦିଲି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଚାନ୍ଦିଲି ପୁଲିସ ପହଞ୍ଚି ତଦନ୍ତ କରିଛି।




# ଜିଏସ୍‌ଟି ସଂଗ୍ରହରେ ପୁଣି ରେକର୍ଡ କଲା ଓଡ଼ିଶା

**ଭୁବନେଶ୍ୱର, ୧।୩(ସମିସ):** ଗତ ଫେବୃଆରୀରେ ସର୍ବାଧିକ ଜିଏସ୍‌ଟି ସଂଗ୍ରହ କରାଯାଇଛି। ଏହି ମାସରେ ଓଡ଼ିଶା ୫୧୩୫.୮୧ କୋଟି ଟଙ୍କାର ଜିଏସ୍‌ଟି (କେନ୍ଦ୍ରୀୟ ଜିଏସ୍‌ଟି+ସମନ୍ୱିତ ଜିଏସ୍‌ଟି+ରାଜ୍ୟ ଜିଏସ୍‌ଟି+ଅତିରିକ୍ତ ଟିକସ) ସଂଗ୍ରହ କରିଛି। ଏହା ଏଯାବତ ସର୍ବାଧିକ ମୋଟ ଜିଏସ୍‌ଟି ସଂଗ୍ରହ। ଗତବର୍ଷ ଫେବୃଆରୀରେ ଏହି ପରିମାଣ ୪୫୧୯.୩୫ କୋଟି ଥିଲା। ପୂର୍ବାପେକ୍ଷା ଚଳିତ ବର୍ଷ ୧୩.୬୪% ଅଭିବୃଦ୍ଧି ହୋଇଛି। ମୋଟ ଜିଏସ୍‌ଟି ସଂଗ୍ରହରେ ଗତ ଆର୍ଥିକ ବର୍ଷ ତୁଳନାରେ ୧୧.୦୭% ବୃଦ୍ଧି ହୋଇଛି। ରାଜ୍ୟ ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନରେଟ୍ କାର୍ଯ୍ୟାଳୟ ସୂତ୍ରରୁ ହସ୍ତଗତ ସୂଚନାନୁସାରେ ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ଫଇସାଲା ବାବଦକୁ ଚଳିତ ବର୍ଷ ଫେବୃଆରୀରେ ଓଡ଼ିଶା ୨୨୯୫.୪୧ କୋଟି ଟଙ୍କା ପାଇଥିବା ବେଳେ ଗତବର୍ଷ ଫେବୃଆରୀରେ ଏହି ପରିମାଣ ୧୬୭୩.୯୭ କୋଟି ଟଙ୍କା ଥିଲା। ଏହି କ୍ଷେତ୍ରରେ ୩୭.୧୨% ଅଭିବୃଦ୍ଧି ହୋଇଛି। ଗତ ଫେବୃଆରୀ ସୁଦ୍ଧା ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ବାବଦକୁ ସଂଗ୍ରହ ପରିମାଣ ୨୧୮୪୬.୫୫ କୋଟି ଟଙ୍କା ରହିଥିବା ବେଳେ ଗତବର୍ଷ ଫେବୃଆରୀରେ ୧୬୭୧୦.୩୪ କୋଟି ଟଙ୍କା ଆଦାୟ ହୋଇଥିଲା। ଫଳରେ ଏ ବାବଦରେ ୩୦.୭୪% ଅଭିବୃଦ୍ଧି ହୋଇଛି। ସେହିପରି ରାଜ୍ୟ ବାଣିଜ୍ୟ କର ଓ ଜିଏସ୍‌ଟି କମିଶନରେଟ୍ ଦ୍ୱାରା ପରିଚାଳିତ ସମସ୍ତ ଟିକସ ବ୍ୟବସ୍ଥା ଯଥା ରାଜ୍ୟ ଜିଏସ୍‌ଟି/ସମନ୍ୱିତ ଜିଏସ୍‌ଟି ଫଇସଲା, ଭାଟ, ବୃତ୍ତିଗତ କର ଆଦି ବାବଦରେ ଗତ ଫେବୃଆରୀରେ ୩୪୭୦.୭୫ କୋଟି ଟଙ୍କା ଆଦାୟ ହୋଇଛି। ଏହି କ୍ଷେତ୍ରରେ ପୂର୍ବାପେକ୍ଷା ୨୫.୫୦% ଅଭିବୃଦ୍ଧି ହୋଇଛି।


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ଏ ବର୍ଷ ଅସହ୍ୟ ତାତି, ବାରମ୍ବାର ଗ୍ରୀଷ୍ମ ପ୍ରବାହ

**ଭୁବନେଶ୍ୱର, ୧।୩(ସମିସ):** ଏଥର ଅସହ୍ୟ ତାତିରେ ଛଟ ପଟ ହେବେ ରାଜ୍ୟବାସୀ। ଟାଣ ଖରା ସାଙ୍ଗକୁ ବହିବ ଝାଞ୍ଜି ପବନ। ପୁଣି ତାହା ସହ ବାରମ୍ବାର ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ସ୍ଥିତି। କେବଳ ଦିନରେ ନୁହେଁ ରାତିରେ ବି ଗରମ ଗୁଳୁଗୁଳିରେ ଲୋକଙ୍କୁ ନିସ୍ତାର ମିଳିବ ନାହିଁ। ଆସନ୍ତା ମାର୍ଚ୍ଚ-ମେ’ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ଋତୁରେ ଏଭଳି କିଛି ସ୍ଥିତି ରହିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଆକଳନ ଜାରି କରାଯାଇଛି। ଦେଶରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ନେଇ ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଏହାସହିତ ବିଭାଗ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ମାଧ୍ୟମରେ ଆସନ୍ତା ୩ ମାସରେ ଦିନ ଓ ରାତିରେ ତାପମାତ୍ରା ସହିତ ବର୍ଷା ସମ୍ପର୍କରେ ପୂର୍ବାନୁମାନ କରାଯାଇଛି।

ଆଇଏମଡି ପକ୍ଷରୁ ଜାରି ରିପୋର୍ଟରେ ଦର୍ଶାଯାଇଛି ଯେ ଏଥର ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ଋତୁରେ ବାରମ୍ବାର ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହେବ। ରାଜ୍ୟର ଅଧିକାଂଶ ସ୍ଥାନରେ ତାତି ବଢ଼ିବା ସହ ସ୍ୱାଭାବିକଠାରୁ ତାପମାତ୍ରା ଉପରେ ରହିବ। କେବଳ ଦିନରେ ନୁହେଁ ରାତିର ତାପମାତ୍ରା ମଧ୍ୟ ସ୍ୱାଭାବିକଠାରୁ ଉପରେ ରହିବ। ଅନ୍ୟପଟେ ଯଦିଓ ଗ୍ରୀଷ୍ମରେ ପ୍ରବଳ ତାତି ହେବ ବୋଲି ଆକଳନ କରାଯାଇଛି, ମାତ୍ର ଚଳିତ ମାର୍ଚ୍ଚ ମାସରେ ପଶ୍ଚିମା ଝଡ଼ ଜନିତ ବର୍ଷା ଯୋଗୁଁ ସାମାନ୍ୟ ଆଶ୍ୱସ୍ତି ମିଳିବ। ରାଜ୍ୟରେ ମାର୍ଚ୍ଚ ମାସରେ ବାରମ୍ବାର ପଶ୍ଚିମାଝଡ଼ ପ୍ରଭାବ ଯୋଗୁଁ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିବ। ତେଣୁ ମାର୍ଚ୍ଚରେ ସମ୍ଭବତଃ ଗରମ୍ କମ ରହିବ। ତେବେ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ଅନ୍ୟଜିଲ୍ଲା ତୁଳନାରେ ଅଧିକା ରହିବାକୁ ଥିବା ବେଳେ ଗଞ୍ଜାମ ସଂଲଗ୍ନ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ହଠାତ୍ ଗ୍ରୀଷ୍ମ ପ୍ରବାହ ସୃଷ୍ଟି ହୋଇପାରେ ବୋଲି ଆଇଏମଡି ଆକଳନ କରିଛି।

୨୦୨୩ ଅପେକ୍ଷା ଚଳିତ ବର୍ଷରେ ଗ୍ରୀଷ୍ମ ପ୍ରବାହ ଅଧିକ ରହିବ ବୋଲି ପୂର୍ବରୁ ବିଭିନ୍ନ ଆନ୍ତର୍ଜାତୀୟ ପାଣିପାଗ ସଂସ୍ଥାଙ୍କ ସମେତ ପାଣିପାଗ ବିଶେଷଜ୍ଞମାନେ ଆକଳନ




କରିଥିଲେ। ଏପ୍ରିଲ ପର୍ଯ୍ୟନ୍ତ ଏଲନିନୋ ଶକ୍ତିଶାଳୀ ରହିବାକୁ ଥିବାରୁ ଏହା ପ୍ରଭାବରେ ପ୍ରବଳ ହିଟ୍‌ୱେଭରେ ଜନଜୀବନ ଅସ୍ତବ୍ୟସ୍ତ କରିବ। ୨୦୨୩ରେ ସୃଷ୍ଟି ହୋଇଥିବା ଏଲ୍-ନିନୋ ଚଳିତ ବର୍ଷ ମାର୍ଚ୍ଚ କିମ୍ବା ଏପ୍ରିଲ୍ ପର୍ଯ୍ୟନ୍ତ ସକ୍ରିୟ ରହିବ। ପୂର୍ବ ତଥ୍ୟ ଅନୁଯାୟୀ ଏଲ୍-ନିନୋ ସରିବା ପରେ ଏହାର ପ୍ରଭାବ ଅଧିକ ଦେଖାଯାଏଇଥାଏ। ଉଦାହରଣ ଭାବେ ୨୦୧୫ ବର୍ଷର ଏଲ୍-ନିନୋର ପ୍ରଭାବ ୨୦୧୬ ରେ ଅଧିକ ପଡ଼ିବା ସହ ସେହି ବର୍ଷ ପ୍ରବଳ ଗରମ ଅନୁଭୂତ ହୋଇଥିଲା। ତେଣୁ ଚଳିତ ବର୍ଷ ଏଲନିନୋ ପ୍ରଭାବ ଯୋଗୁଁ ପ୍ରବଳ ଗରମ ବର୍ଷ ହେବାକୁ ଯାଉଛି ଆକଳନ କରାଯାଉଛି।

ଅନ୍ୟପଟେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହାପରେ ତାପମାତ୍ରା ବିଶେଷ ପରିବର୍ତ୍ତନ ହେବାକୁ ନ ଥିବା ବେଳେ ପରବର୍ତ୍ତୀ ଦୁଇ ଦିନରେ କିଛି କିଛି ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ରର ବୁଲେଟିନ୍ ଅନୁଯାୟୀ ରବିବାର ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଏବଂ ସୋମବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି।

**ଗ୍ରୀଷ୍ମ ପ୍ରବାହରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବାକୁ ମାର୍ଗଦର୍ଶିକା**

## ସାଙ୍ଗରେ ଆଣନ୍ତୁ ପାଣି ବୋତଲ

**ଭୁବନେଶ୍ୱର, ୧।୩(ସମିସ):** ରାଜ୍ୟରେ ଅନୁଭୂତ ହେଲାଣି ଖରାର ତାଉ। ଆଉ କିଛି ଦିନ ମଧ୍ୟରେ ଗ୍ରୀଷ୍ମପ୍ରବାହ ମଧ୍ୟ ଆରମ୍ଭ ହୋଇଯିବ। ଏଥିରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସାମ୍ଭାବ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଗ୍ରୀଷ୍ମ ପ୍ରବାହକୁ ମୁକାବିଲା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଟିପ୍ସ ଦେବା ପାଇଁ ମଧ୍ୟ କୁହାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ, ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ପିଇବା ପାଣି ବ୍ୟବସ୍ଥା କରିବାକୁ କୁହାଯାଇଛି। ନିରବଚ୍ଛିନ୍ନ ପିଇବା ପାଣି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟ ଭିତରେ କିମ୍ବା ବାହାରେ ଥିବା ନଳକୂପ ସଜାଡ଼ିବା ଏବଂ ପର୍ଯ୍ୟାପ୍ତ ଓଆର୍‌ଏସ୍ ମହଜୁଦ ରଖିବାକୁ କୁହାଯାଇଛି। ଏହାସହ ଆଉଟଡୋର କାର୍ଯ୍ୟକ୍ରମ ନ କରିବାକୁ କୁହାଯାଇଛି। ସ୍କୁଲ ଓ କଲେଜ ଯିବା ବେଳେ ସାଙ୍ଗରେ ପାଣି ବୋତଲ ନବାକୁ ପରାମର୍ଶ ଦିଆଯାଇଛି।

**ପର୍ଯ୍ୟାପ୍ତ ପିଇବା ପାଣି, ଓଆର୍‌ଏସ୍ ମହଜୁଦ ରଖିବାକୁ ଗୁରୁତ୍ୱ**

**ଉଲିବୁରୁ ଖଣି ଦୁର୍ନୀତି ମାମଲା**

# ଦୀପକ ଗୁପ୍ତାଙ୍କ ବିଭିନ୍ନ ଠିକଣାରେ ଇଡି ଚଢ଼ଉ

**ଯୋଡ଼ା/ବଡ଼ବିଲ, ୧।୩ (ସମିସ):** ଯୋଡ଼ା ଖଣି କ୍ଷେତ୍ର ଅନ୍ତର୍ଗତ ବହୁଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା ଏବଂ ତାଙ୍କର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଜୟ କାଦମାଙ୍କ ବିଭିନ୍ନ ଠିକଣାରେ କେନ୍ଦ୍ରୀୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ ଜାରି ରହିଛି। ଅଭିଯୁକ୍ତ ଦୀପକଙ୍କର ଭୁବନେଶ୍ୱର, ରାଉରକେଲା, ବଡ଼ବିଲ, କୋଲକାତା, ଝାରସୁଗୁଡା ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଜୟ କାଦମାଙ୍କ ବିସରା ଡାହା କାର୍ଯ୍ୟାଳୟ, କାଦମାୱଲା ଇନ୍‌ସଲଭେନ୍ସି କାର୍ଯ୍ୟାଳୟ ସହ ବାସଭବନରେ ମଧ୍ୟ ଏହି ଚଢ଼ଉ ଶୁକ୍ରବାର ପୂର୍ବାହ୍ନଠାରୁ ଖବର ଲେଖାଯିବା ପର୍ଯ୍ୟନ୍ତ ଜାରି ରହିଥିବା ଦେଖିବାକୁ ମିଳିଛି। କଡ଼ା ସୁରକ୍ଷା ମଧ୍ୟରେ ଜାରି ରହିଥିବା ଏହି ଚଢ଼ଉରେ ଇଡି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରୁଛି। ଉଲିବୁରୁ ଖଣିରେ ବେଆଇନ ଖଣି ଖନନ ନେଇ ୧୮ ଶହ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ୨୦୧୩ ସେପ୍ଟେମ୍ବର ୪ରେ ଦୀପକ ଗୁପ୍ତାଙ୍କୁ କେନ୍ଦୁଝର ଭିଜିଲାନ୍ସ ବିଭାଗ ଗିରଫ କରିଥିଲା। ଦୀପକ ଗୁପ୍ତା ବିକେ ମହାନ୍ତିଙ୍କ ଉଲିବୁରୁଠାରେ ୩୫ ହେକ୍ଟର ପରିମିତ ଲୌହ ଖଣିର ପାୱାର ଅଫ୍ ଆଟର୍ଣ୍ଣି ନେଇ ୨୦୦୯ ମସିହାଠାରୁ ଖଣି ପରିସୀମା ବାହାରେ ଏବଂ ବିନା ଜଙ୍ଗଲ ଅନୁମୋଦନରେ ବ୍ୟାପକ ଖଣି ଖନନ କରି ଏହାକୁ ଦେଶ ବାହାରକୁ ରପ୍ତାନୀ କରିଆସୁଥିଲେ। ଗିରଫ ପରେ ଦୀର୍ଘ ୭ବର୍ଷ ଧରି ସେ ଜେଲରେ ରହିଥିବା ବେଳେ ବାରମ୍ବାର ତାଙ୍କର ଜାମିନ ଆବେଦନ ଖାରଜ ହୋଇଥିଲା। ତେବେ ୨୯ ସେପ୍ଟେମ୍ବର ୨୦୨୦ରେ ଉଚ୍ଚ ନ୍ୟାୟାଳୟ ୧ କୋଟି ଟଙ୍କା ନଗଦ ଜମା ସହ ୨କୋଟି ଟଙ୍କାର ସ୍ଥାନୀୟ ଜାମିନଦାର ବଦଳରେ ତାଙ୍କୁ ଜାମିନରେ ଛାଡ଼ିଥିଲେ ଏବଂ ସେ ରାଜ୍ୟ କିମ୍ବା ଦେଶ ବାହାରକୁ ଯେପରି ଯାଇନପାରନ୍ତି, ସେଥିପାଇଁ ତାଙ୍କର ପାସପୋର୍ଟ ଜବତ କରବା ସହ ଏକ ଚୁକ୍ତିନାମା ଦାଖଲ କରିଥିଲେ। ଏହି ଘଟଣାଟି ସେତେବେଳେ ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଏଥିରେ ୧୮ଶହ କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଥିବା ଆକଳନ କରାଯାଇଥିଲା। ଏହି ମାମଲାଟିରେ ଖଣି ଲିଜ୍ ହୋଲଡର ବିକେ ମହାନ୍ତି, ତତ୍କାଳୀନ ଖଣି ଉପନିର୍ଦ୍ଦେଶକ ମାନସ ରଞ୍ଜନ ମହାନ୍ତି, ଖଣି ଅଧିକାରୀ ହଳଧର ଦାସ, ସତ୍ୟବ୍ରତ ରାଉତ, ଜଗନ୍ନାଥ ମିଶ୍ର, କୃତ୍ତିବାସ ଗିରି, ରବୀନ୍ଦ୍ର ମହାନ୍ତି ଏହିପରି ୮ଜଣଙ୍କର ନାମରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାରେ ମୋଟ ୨୯ଜଣଙ୍କ ନାମରେ କେନ୍ଦୁଝର ଭିଜିଲାନ୍ସ ପକ୍ଷରୁ ମାମଲା ଦାୟର କରାଯାଇଥିଲା; ଯାହା ଏବେ ମଧ୍ୟ ବିଚାରଧୀନ ରହିଛି।

# ଜେଇଇ ମେନ୍‌ରେ ଆଦର୍ଶ ବିଦ୍ୟାଳୟର ସଫଳତା

**ଭୁବନେଶ୍ୱର, ୧।୩(ସମିସ):** ଚଳିତ ବର୍ଷ ନ୍ୟାସନାଲ ଟେଷ୍ଟିଙ୍ଗ୍ ଏଜେନ୍ସି(ଏନ୍‌ଟିଏ) ପରିଚାଳିତ ଯୁଗ୍ମ ପ୍ରବେଶିକ ପରୀକ୍ଷା (ଜେଇଇ ମେନ୍)ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଆଶାନୁରୂପ ସଫଳତା ପାଇଛନ୍ତି।

ଏହି ପରୀକ୍ଷାରେ ମୋଟ୍ ୩୬ ଜଣ ଛାତ୍ରଛାତ୍ରୀ ୯୦ ପରସେଣ୍ଟାଇଲ୍‌ରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ସେରଗଡ଼ ଆଦର୍ଶ ବିଦ୍ୟାଳୟର ବବୁଲ ପ୍ରଧାନ ସର୍ବାଧିକ ୯୯.୧୪୯ ପର୍‌ସେଣ୍ଟାଇଲ୍ ମାର୍କ ରଖିଥିବାବେଳେ ୧୨ ଜଣ ଛାତ୍ର ୯୪ ପର୍‌ସେଣ୍ଟାଇଲ୍‌ରୁ ଅଧିକ ମାର୍କ ରଖି ରଖିଛନ୍ତି।

ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତକରିଛନ୍ତି। ଏହାସହ ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।








## ପ୍ରଶାସନ ହେପାଜତରେ ବିଦେଶୀ ନାଗରିକ
# ଆଶ୍ରୟସ୍ଥଳୀରୁ ଆସି ପାନ୍ଥନିବାସରେ ରହିଲେ

**ପୁରୀ, ୧।୩(ସମିସ):** ପୁରୀ ବୁଲିବାକୁ ଆସିଥିବା ବିଦେଶୀ ପର୍ଯ୍ୟଟକଙ୍କଠାରୁ ଲୁଟ୍ ହେବା ପରେ ସେ ନୀଳାଦ୍ରି ନୀଳୟ ଆଶ୍ରୟ ସ୍ଥଳୀରେ ରହୁଥିଲେ। ଜଣେ ଅଟୋଚାଳକ ତାଙ୍କର ଟଙ୍କା ଏବଂ କେତେକ ସାମଗ୍ରୀ ଲୁଟ୍ କରିଥିଲେ। ପାଖରେ ଟଙ୍କା ନ ଥିବାରୁ ନିଜ ଦେଶକୁ କେମିତି ଫେରିବେ ସେ ନେଇ ଆଶଙ୍କା ଭିତରେ ଥିଲେ ନେଦରଲ୍ୟାଣ୍ଡର ଆନଥୋନି ଭ୍ୟାନ ଅର୍କେଲ। ଶୁକ୍ରବାର ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ୍ୱ ପଦକ୍ଷେପ ନିଆଯାଇଛି। ତାଙ୍କୁ ଆଶ୍ରୟସ୍ଥଳୀରୁ ଅଣାଯାଇ ପୁରୀ ପାନ୍ଥନିବାସରେ ରଖାଯାଇଛି। ଏହି ବିଦେଶୀ ନାଗରିକଙ୍କୁ ସୁସ୍ୱାଦୁ ଖାଦ୍ୟପେୟ ଦିଆଯାଉଥିବା ବେଳେ ତାଙ୍କ ପାଇଁ ଆବଶ୍ୟକୀୟ ସୁବିଧା କରାଯିବ ବୋଲି ଜଣାପଡ଼ିଛି।

ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ତାଙ୍କୁ ପାନ୍ଥନିବାସରେ ଆଣି ରଖାଯାଇଛି। ସେ ଠିକ୍‌ଠାକ ଅଛନ୍ତି। ଓଡ଼ିଶା ତାଙ୍କୁ ଖୁବ୍ ଭାଲ ଲାଗିଛି। ସେ ତପ୍ତପାଣି, ଚିଲିକା, ଗୋପାଳପୁର, ଭିତରକନିକା ସମେତ ପୁରୀର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିଛନ୍ତି। ଓଡ଼ିଶାର ପ୍ରାକୃତିକ ପରିବେଶ ତାଙ୍କୁ ଅଧିକ ଆକର୍ଷିତ କରିଛି। ତେଣୁ ସେ ଆଉ କିଛିଦିନ ରହିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ତାଙ୍କ ପାଖରେ ଭିସା, ପାସ୍‌ପୋର୍ଟ ଏବଂ ନାଗପୁରରୁ ୧୪ ତାରିଖରେ ଫ୍ଲାଇଟ୍ ଟିକେଟ ମଧ୍ୟ ଅଛି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କର ଭୁବନେଶ୍ୱରରୁ ନାଗପୁର ଫ୍ଲାଇଟ୍ ଟିକେଟ୍ କରାଇ ଛଡାଯିବ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ପର୍ଯ୍ୟଟକଙ୍କୁ ପ୍ରାଥମିକ ଚିକିତ୍ସା ସେବା
# ରାସ୍ତାକଡ଼ ବ୍ୟବସାୟୀଙ୍କୁ ଫାଷ୍ଟଏଡ୍ କିଟ୍ ବଣ୍ଟନ

**ପୁରୀ, ୧।୩(ସମିସ)**

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ। ବାଲୁଖଣ୍ଡ ଅଭୟାରଣ୍ୟକୁ ଚିରି ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ର ପର୍ଯ୍ୟନ୍ତ ଲମ୍ବିଛି ଏହି ଜାତୀୟ ରାଜପଥ। ତେଣୁ ବିଭିନ୍ନ ସମୟରେ ଏହି ରାସ୍ତାରେ ଯାଉଥିବା ପର୍ଯ୍ୟଟକ ବନ୍ୟଜନ୍ତୁ ଏପରି କି ବୁଲା ଗାଈଗୋରୁ, କୁକୁରଙ୍କ ଦ୍ୱାରା ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଆଖାପାଖରେ ସେମିତି କିଛି ହସ୍ପିଟାଲ, ଔଷଧ ଦୋକାନ ନ ଥିବାରୁ ପର୍ଯ୍ୟଟକମାନଙ୍କୁ ପ୍ରାଥମିକ ଚିକିତ୍ସା ମିଳିବାରେ ବିଳମ୍ବ ଏବଂ ସମସ୍ୟା ହୋଇଥାଏ। ଏହି ବାସ୍ତବତାକୁ ଉପଲବ୍ଧି କରି ସ୍ୱେଚ୍ଛାସେବୀ ସଙ୍ଗଠନ ସେଭ୍ କୋଷ୍ଟାଲ ଲାଇଫ୍ ନିଆରା ଉଦ୍ୟମ ଆରମ୍ଭ କରିଛି। ଛୋଟମୋଟ ଦୁର୍ଘଟଣାର ଶିକାର ହେଉଥିବା ପର୍ଯ୍ୟଟକ ଯେପରି ତ୍ୱରିତ୍ୱ ପ୍ରାଥମିକ ଚିକିତ୍ସା ସେବା ପାଇପାରିବେ ସେଥିଲାଗି ରାସ୍ତାକଡ଼ ବ୍ୟବସାୟୀଙ୍କୁ ଫାଷ୍ଟଏଡ୍ କିଟ୍ ବଣ୍ଟନ ଆରମ୍ଭ କରିଛି। ଶୁକ୍ରବାର ପୁରୀ-କୋଣାର୍କ ମଧ୍ୟରେ ୪ଟି ଜାଗାରେ ଏହା ବଣ୍ଟନ କରାଯାଇଥିବା ବେଳେ ଆଗକୁ ଏହି ରାସ୍ତାର ଅନ୍ୟାନ୍ୟ ସ୍ଥାନ ସମେତ ସାତପଡ଼ାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଏହି ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟ କେହି ଚାହିଁଲେ ଏହି ମହତ୍ ସେବାରେ ସାମିଲ ହୋଇପାରିବେ ବୋଲି କହିଛନ୍ତି ସେଭ୍ କୋଷ୍ଟାଲ ଲାଇଫ୍‌ର ମୁଖ୍ୟ ପ୍ରକୃତିବନ୍ଧୁ ସରୋଜ କୁମାର ଜେନା।





ସେଭ୍ କୋଷ୍ଟାଲ ଲାଇଫ୍‌ର ନିଆରା ଉଦ୍ୟମ

ପର୍ଯ୍ୟଟନର ଗନ୍ତାଘର ଓଡ଼ିଶା। ସୁଦୀର୍ଘ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ଦୃଶ୍ୟରାଜିର ବିଭବ ଓଡ଼ିଶାର ପ୍ରତିଟି କୋଣ ଅନୁକୋଣରେ ଭରି ରହିଛି। ବିଭିନ୍ନ ପ୍ରକାର ବନ୍ୟଜନ୍ତୁ, ଜଙ୍ଗଲ, ଗ୍ରାମୀଣ ଜୀବନ ଶୈଳୀ ଏବଂ ଐତିହ୍ୟରେ ଭରପୂର ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲା ମଧ୍ୟରୁ ପୁରୀ ଅନ୍ୟତମ। ଶ୍ରୀମନ୍ଦିର ଭଳି ଆଧ୍ୟାତ୍ମିକ ପୀଠ ସାଙ୍ଗକୁ କୋଣାର୍କର ସୂର୍ଯ୍ୟମନ୍ଦିର, ପ୍ରକୃତିରାଣୀ ଚିଲିକା ଭଳି ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ରହିଛି। ସେହିପରି ଅଲାରନାଥ, ବାଲିହରଚଣ୍ଡୀ, ବେଲେଶ୍ୱର, ବାଲିକପିଳେଶ୍ୱର, ରାମଚଣ୍ଡୀ, ଚନ୍ଦ୍ରଭାଗା, ମା' ମଙ୍ଗଳା ମନ୍ଦିର ସମେତ ବୌଦ୍ଧ କୀର୍ତ୍ତିରାଜି, ପ୍ରାଚୀନ ମଠ ମନ୍ଦିର ଓ ମନୋରମ ବେଳାଭୂମି ପୁରୀର ଅନ୍ୟତମ ଖାସ୍ ଆକର୍ଷଣ। ତେଣୁ ଓଡ଼ିଶା ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶଙ୍କ ପସନ୍ଦର ସ୍ଥାନ ହେଉଛି ପୁରୀ। ବିଶେଷକରି ପୁରୀକୁ ଆସୁଥିବା ପର୍ଯ୍ୟଟକମାନେ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡରେ ଅଧିକ ସଂଖ୍ୟାରେ ଯାତାୟାତ କରିଥାନ୍ତି। ମାତ୍ର ଅଭୟାରଣ୍ୟ ମଧ୍ୟ ଦେଇ ଯାଇଥିବା ଏହି ରାସ୍ତାର ପୁରୀ ସହରକୁ ଡେଇଁଗଲେ ଉଭୟ ପାର୍ଶ୍ୱକୁ ପ୍ରାୟତଃ ଜଙ୍ଗଲ ଘେରି ରହିଛି। ଏଥିମଧ୍ୟରୁ ଭୁଆଁ ଛକରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ କାଁ ଭାଁ ଦୋକାନ ଏବଂ ହାତଗଣତି କିଛି ଘରକୁ ଛାଡିଦେଲେ ଏହି ରାସ୍ତା ଏକପ୍ରକାର ନିଛାଟିଆ ରହିଥାଏ। ଭୁଆଁରୁ ଟିକିନା ପର୍ଯ୍ୟନ୍ତ ପ୍ରାୟ ୬ କିମି ରାସ୍ତାର ସ୍ଥିତି ଏମିତି ଯେ ଉଭୟ ପାର୍ଶ୍ୱର ଗଛ ପରସ୍ପରକୁ ଲାଗିଯାଇଛି। ଏପରି କି ଦିନରେ ସୂର୍ଯ୍ୟକିରଣ ଏବଂ ରାତିରେ ଜହ୍ନ ଆଲୁଅ ମଧ୍ୟରେ ରାସ୍ତାରେ ଦେଖିବାକୁ ମିଳେ ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦିନ ହେଉ କି ରାତି ହରିଣ ସମେତ ଅନ୍ୟାନ୍ୟ ବନ୍ୟଜନ୍ତୁ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯା'ଆସ କରିଥାନ୍ତି। ସେହିପରି ବୁଲା ଗାଈଗୋରୁ ଏବଂ କୁକୁରଙ୍କ ଯୋଗୁ ମଧ୍ୟ ଅଧିକାଂଶ ସମୟରେ ବାଇକ୍ ଆରୋହୀ ଆହତ ହେବାର ନଜିର ରହିଛି। ସନ୍ଧ୍ୟା ପରେ ଯଦି କୌଣସି ଦୁର୍ଘଟଣାରେ ଆହତ ହୋଇ ପଡ଼ିଥାନ୍ତି ଅନ୍ୟଠାରୁ ସାହାଯ୍ୟ ପାଇବା କଷ୍ଟକର ହୋଇପଡେ। କାରଣ ଜଙ୍ଗଲିଆ ରାସ୍ତାରେ ଅନ୍ୟଜଣେ ଅଟକିବା ପାଇଁ ମଧ ସାହାସ କରନ୍ତି ନାହିଁ। ତେଣୁ ଏହିସବୁ ବାସ୍ତବତାକୁ ଉପଲବ୍ଧି କରୁଥିବା ସେଭ୍ କୋଷ୍ଟାଲ ଲାଇଫ୍‌ର ସଦସ୍ୟମାନେ ଛୋଟମୋଟ ଦୁର୍ଘଟଣାର ଶିକାର ହେଉଥିବା ପର୍ଯ୍ୟଟକ କିପରି ତ୍ୱରିତ ପ୍ରାଥମିକ ଚିକିତ୍ସା ପାଇବେ ସେଥିଲାଗି ଶୁକ୍ରବାର ୪ଟି ଛକ (ବାଲିଗୁଆଳି, ଭୁଆଁ, ଟିକିନା ଏବଂ ଚନ୍ଦ୍ରଭାଗା)ରେ ଥିବା ୪ ଜଣ ବ୍ୟବସାୟୀଙ୍କୁ ଫାଷ୍ଟଏଡ୍ କିଟ୍ ବଣ୍ଟନ କରିବା ସହ ସେମାନଙ୍କୁ ପ୍ରାଥମିକ ଚିକିତ୍ସାର ପ୍ରଶିକ୍ଷଣ ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ପର୍ଯ୍ୟଟକ ପହଞ୍ଚନ୍ତୁ କିମ୍ବା ଖବର ପାଇବା ମାତ୍ରେ ସେମାନେ ପହଞ୍ଚି ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଆମ୍ବୁଲାନ୍ସକୁ ଡାକି ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି ପ୍ରକୃତିବନ୍ଧୁ ସରୋଜ କୁମାର ଜେନା। ତେବେ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସଦସ୍ୟ ଶୁଭେନ୍ଦୁ କୁମାର ରାଉତରାୟ, ଅକ୍ଷୟ କୁମାର ବାରିକ, ହେମନ୍ତ ପାଇକରାୟ, ମିଥୁନ ଛୋଟରାୟ, ଦେବାଶିଷ ପାତ୍ର ପ୍ରମୁଖ ସାମିଲ ଥିଲେ।

# ପୁରୀରେ ହେବ ପଞ୍ଚତାରକା ହୋଟେଲ ହୟାତ୍ ରିଜେନ୍ସି




**ପୁରୀ, ୧।୩(ସମିସ):** ଏମ୍‌ଜିଏମ ଗ୍ରୁପ୍ ପକ୍ଷରୁ ପୁରୀରେ ତିଆରି ହେବ ପଞ୍ଚତାରକା ହୋଟେଲ। ୨୨୫ କୋଟି ପୁଞ୍ଜି ନିବେଶରେ ବଳିଆପଣ୍ଡା ହାଉସିଂବୋର୍ଡ କଲୋନୀରେ ନିର୍ମାଣ ହେବାକୁ ଥିବା ଏହି ହୋଟେଲ 'ହୟାତ ରିଜେନ୍ସି'ର ଶୁକ୍ରବାର ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ସଦର ବ୍ଲକ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରୀରେ ଏମଜିଏମ୍ ଗ୍ରୁପ ପ୍ରଥମଥର ପାଇଁ ଏହି ପଞ୍ଚ ତାରକା ହୋଟେଲ ନିର୍ମାଣ କରିବାକୁ ଯାଉଛି। ଅଢେଇ ବର୍ଷ ଭିତରେ ଏହି ହୋଟେଲ ନିର୍ମାଣ ସରିବ ହାୟତ ହୋଟେଲ୍ସ ଆଣ୍ଡ ରିସର୍ଟ୍ସ ସହ ଅନୁବନ୍ଧିତ ଏହି ହୋଟେଲ 'ହୟାତ ରିଜେନ୍ସି' ଭାବେ ପରିଚିତ ହେବ। ଏଥିରେ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ଥିବା ୧୦୭ଟି ରୁମ୍ ରହିବ। ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେଲେ ପ୍ରତ୍ୟକ୍ଷ ଭାବେ ୨୫୦ ଜଣଙ୍କୁ କର୍ମ ନିଯୁକ୍ତି ମିଳିବ। ଓଡ଼ିଶାରେ ହୟାତ୍ ରିଜେନ୍ସିର ଏହା ପ୍ରଥମ ବଡ଼ ପ୍ରକଳ୍ପ। ଏମଜିଏମ୍ ଗ୍ରୁପ ପକ୍ଷରୁ ପୁରୀ ବ୍ୟତୀତ ବୌଦ୍ଧ ଜିଲ୍ଲାରେ ମଧ୍ୟ ୨୨୫ କୋଟି ବ୍ୟୟରେ ଆଉ ଏକ ପ୍ରକଳ୍ପ କରିବାକୁ ଯାଉଛି ବୋଲି ଗ୍ରୁପ୍‌ର ମୁଖ୍ୟ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି କହିଛନ୍ତି। ସୂଚନାଥାଉ କି, ଏମ୍‌ଜିଏମ୍ ଗ୍ରୁପ ଓଡ଼ିଶାରେ ଖଣି ଓ ମାଇନ୍ସ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ। ଏହି କମ୍ପାନୀ ବର୍ତ୍ତମାନ ବୟନ, ବାୟୋ ଫୁଏଲ୍ସ ଓ କ୍ରୀଡା ଉପକରଣ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଛି।

## ରାଜ୍ୟସ୍ତରୀୟ ଓକିଲ ସଂଘ କ୍ରିକେଟ୍
# ହାଇକୋର୍ଟ ବାର୍ ଆସୋସିଏସନ ଚାମ୍ପିଅନ

**ପୁରୀ, ୧।୩(ସମିସ)**

ସ୍ଥାନୀୟ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓକିଲ ସଂଘ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୀ ବାର୍ ଆସୋସିଏଶନକୁ ପରାସ୍ତ କରି ହାଇକୋର୍ଟ ବାର୍ ଆସୋସିଏଶନ ଚାମ୍ପିୟନ ହୋଇଛି।



ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୧ଟି ଦଳ ଭାଗ ନେଇଥିଲେ। ସମସ୍ତ ଦଳ ଭଲ ଖେଳ ପ୍ରଦର୍ଶନ କରିଥିବା ସ୍ଥଳେ ପୁରୀ ବାର୍ ଆସୋସିଏଶନ ଓ ହାଇକୋର୍ଟ ବାର୍ ଆସୋସିଏଶନ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଟସ୍ ଜିତି ହାଇକୋର୍ଟ ବାର୍ ଆସୋସିଏଶନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୧୬୩ ରନ ସଂଗ୍ରହ କରିଥିବା ବେଳେ ପୁରୀ ଆଗରେ ୧୬୪ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ହେଲେ ଏହି ଲକ୍ଷ୍ୟକୁ ପୂରଣ କରିବାକୁ ଯାଇ ପୁରୀ ବାର୍ ଆସୋସିଏଶନ ମାତ୍ର ୯୧ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ମ୍ୟାନ୍ ଅଫ ଦି ମ୍ୟାଚ ଭାବରେ ଆଇନଜୀବୀ ସୁକାନ୍ତ ଦଳାଇ (କଟକ), ମ୍ୟାନ ଅଫ୍ ଦି ସିରିଜ ଭାବରେ ଆଇନଜୀବୀ କାଳିଶଙ୍କର ବାରିକ (ପୁରୀ) ମନୋନୀତ ହୋଇଥିଲେ। ମ୍ୟାଚ୍‌କୁ ପରିଚାଳନା କରିଥିଲେ ଓଡ଼ିଶା କ୍ରିକେଟ ଆସୋସିଏଶନର ସ୍ୱୀକୃତିପ୍ରାପ୍ତ ଅମ୍ପେୟାର ଦିଲ୍ଲୀପ କୁମାର ସାମଲ, ସୌମେନ୍ଦ୍ର ପାତ୍ର ଓ ବିଭୂପ୍ରସାଦ ଚୌଧୁରୀ।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଷ୍ଟେଟ ବାର୍ ଆସୋସିଏଶନର ଚେୟାରମ୍ୟାନ ଆଡଭୋକେଟ ସିତାଂଶୁ ମୋହନ ଦ୍ୱିବେଦୀ, ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ୟୁଥ୍ ଆଫିୟାର୍ସର ଚେୟାରମ୍ୟାନ କୁନା ବିହାରୀ ଦାସ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ଷ୍ଟେଟ ବାର୍ ଆସୋସିଏଶନର ଚେୟାରମ୍ୟାନ ପୁରୀ ବାର୍ ଆସୋସିଏଶନ ଶୃଙ୍ଖଳିତ ଭାବେ ପ୍ରତିଯୋଗିତାକୁ ସମ୍ପୂର୍ଣ୍ଣ କରିଥିବାରୁ ଆଇନଜୀବୀ ସାରଦା ପ୍ରସାଦ ସାମଲ, ଆଇନଜୀବୀ ବିଭୂତି ଶଙ୍କର ତ୍ରିପାଠୀ, କ୍ୟାପଟେନ ଆଇନଜୀବୀ ଭଗବାନ ପଡ଼ିଆରୀଙ୍କ ସହିତ ପୁରୀ ବାର୍ ଆସୋସିଏଶନର ସମସ୍ତ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ
# ପରିକ୍ରମା ପ୍ରକଳ୍ପ ଓ ଶ୍ରୀସେତୁ ବୁଲି ଖୁସିବ୍ୟକ୍ତ କଲେ



**ପୁରୀ, ୧।୩(ସମିସ):** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଇଛନ୍ତି। ଶୁକ୍ରବାର ଅପରାହ୍ନରେ ଡ. ମିଶ୍ର ସିଂହଦ୍ୱାର ଠାରେ ପହଞ୍ଚିବା ପରେ ତାଙ୍କୁ ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇ ମନ୍ଦିରକୁ ପାଛୋଟି ନିଆଯାଇଥିଲା। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ବୁଲି ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଏହାପରେ ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ସହ ପ୍ରକଳ୍ପ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ବିଭିନ୍ନ ରାଜ୍ୟରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ଶ୍ରୀସେତୁ ବୁଲିବାକୁ ଯାଇଥିଲେ। ରାଜ୍ୟର ପ୍ରଥମ ଟ୍ରମ୍ପେଟ୍ ବ୍ରିଜ (ଶ୍ରୀସେତୁ) ପରିଦର୍ଶନ କରି ସେ ବେଶ୍ ଖୁସି ପ୍ରକଟ କରିଥିଲେ। ଦର୍ଶନ ଓ ପରିକ୍ରମା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଡ. ମିଶ୍ର କହିଥିଲେ ଯେ, ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଦୀର୍ଘଦିନ ହେଲା ଇଚ୍ଛା ଥିଲା। ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁ ତାହା ଆଜି ପୂରଣ ହୋଇଛି। ଭଲ ଭାବେ ଠାକୁରଙ୍କୁ ଦର୍ଶନ କରିଛି ବୋଲି କହିଥିଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ମିଶ୍ର। ଶ୍ରୀ ମିଶ୍ରଙ୍କ ସହ ଶ୍ରୀମନ୍ଦିର ପ୍ରଶାସକ ସମର୍ଥ ବର୍ମା, ଜିଲ୍ଲାପାଳ ସିର୍ଦ୍ଧାଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକି ମିଶ୍ରଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଥାଉ କି, ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ତାଙ୍କ ସମ୍ମାନ ସୂଚକ ଡି. ଲିଟ୍ ଉପାଧିରେ ସମ୍ମାନିତ କରାଯାଇଥିଲା।

## ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ, ୧।୩(ସମିସ): ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଆସନ୍ତା ୯ ତାରିଖରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ପୁରୀ ସିଭିଲ କୋର୍ଟ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ତଥା ଦେୱାନି, ଫୌଜଦାରୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡପତ୍ର ବାଦଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ୍ ଓ ଜଳ ଯୋଗାଣ ବିଲ ଦେୟ ଜନିତ ବିବାଦ, ବ୍ୟାଙ୍କରଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ରାଜସ୍ୱ, ପ୍ରାକ ମକଦ୍ଦମା ସ୍ତରୀୟ ତଥା ବ୍ୟାଙ୍କ ଋଣ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଦେୱାନି, ଫୌଜଦାରୀ ମକଦ୍ଦମା ଗୁଡିକର ସମାଧାନ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା ଏବଂ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼ି ନ ଥାଏ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ ହୋଇଥାଏ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୂଚନା ଦେଇଛନ୍ତି।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ପୁରୀ, ୧।୩(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ବ୍ୟାକରଣ ବିଭାଗର ବିଭାଗ ମୁଖ୍ୟ ତଥା ବେଦ ବିଶାରଦ ପ୍ରଫେସର କେ. ଭି. ସମାୟାଜୁଲୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଣେ ମିଷ୍ଟଭାଷୀ, ଛାତ୍ର ବତ୍ସଳ, ମେଳାପୀ ବ୍ୟକ୍ତି ଭାବରେ ଦୀର୍ଘବର୍ଷ ହେବ ସେ ସଦାଶିବ ପରିସରରେ କାର୍ଯ୍ୟ କରୁଥିଲେ। ତାଙ୍କର ଅବସରକାଳୀନ ଜୀବନ ସୁଖ ସମୃଦ୍ଧିମୟ ହେଉ ବୋଲି ଡ. ଅଜୟ କୁମାର ଦାଶ, ଡ. ପ୍ରିୟବ୍ରତ ମିଶ୍ର, ପ୍ରଫେସର ଦୁର୍ଗା ଚରଣ ଷଡ଼ଙ୍ଗୀ, ପ୍ରଫେସର ସୂର୍ଯ୍ୟମଣି ରଥ, ଡ. ନିବେଦିତା କର, ଡ. ସିମାଞ୍ଚଳ ପଣ୍ଡା, ଡ. ନୃସିଂହ ଚରଣ ସାହୁ, ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ବିମଳ ମହାନ୍ତି, ସୀତାଂଶୁ ଦାଶଙ୍କ ସମେତ ବହୁ ପୁରାତନ ଅଧ୍ୟାୟୀ ଯୋଗଦେଇ ପ୍ରଫେସର ସୋମୟାଜୁଲୁଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାକରଣ ବିଭାଗର ପ୍ରଫେସର ଅନୁପମା ପୃଷ୍ଟି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ଭିତରେ ବିଭାଗର ଅଧ୍ୟାପକ ଡ. ଅଜୟାନନ୍ଦ ସାହୁ, ଡ. ଅଖିଳେଶ କୁମାର ମିଶ୍ର, ଡ. ଯତିରାଜ ବରାଳ, ଡ. ପଙ୍କଜ କୁମାର ରାଉଳ ଏବଂ ଅଧ୍ୟାୟୀମାନେ ଉପସ୍ଥିତି ଥିଲେ। ସଭା ସଞ୍ଚାଳନ କରିଥିଲେ ଡ. ସୁଶାନ୍ତ କୁମାର ରାୟ।

# ହୁଇଲ୍‌ଚେୟାର ଦିବସ ପାଳିତ







**ପୁରୀ, ୧।୩(ସମିସ)**

ଭିନ୍ନକ୍ଷମ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ପୁରୀ ପକ୍ଷରୁ ଶୁକ୍ରବାର ଆନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି। ବଡ଼ଶଙ୍ଖସ୍ଥିତ ରାଣୀସତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ବ୍ୟଙ୍ଗକବି ନାଟ୍ୟକାର ରତ୍ନାକର ବେହେରା ଶ୍ରୀକ୍ଷେତ୍ର ଇନର ହ୍ୱିଲ୍ କ୍ଲବର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ପ୍ରଭୃତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରୀ ଜିଲ୍ଲା ଦିବ୍ୟାଙ୍ଗ ମହାମଞ୍ଚ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରୁ ଏକ ହ୍ୱିଲ ଚେୟାର ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏହି ଦିବସ ପାଳନ ଅବସରରେ ଭିନ୍ନକ୍ଷମ ମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ନୃତ୍ୟ କବିତା, ମ୍ୟୁଜିକ ହୁଇଲ ଚେୟାର ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୧୫ ଜଣ ଭିନ୍ନକ୍ଷମଙ୍କୁ ନ୍ୟୁଟ୍ରେଶନ ବ୍ୟାଗ୍, ୧୦ ଜଣଙ୍କୁ ହ୍ୱିଲ ଚେୟାର ଏବଂ ନିଜେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇଥିବା ୧୫ ଜଣ ବ୍ୟକ୍ତି ବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗଜଲକ୍ଷ୍ମୀ ରାୟ, ବନିତା ଦୀକ୍ଷିତ, ଦୀପକ ପଲେଇ, ବର୍ଷା ମିଶ୍ର, ଶ୍ରୀଧର ବେହେରା, ଶିଶିର ସାହୁ ପ୍ରଭୁ ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ। ଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଅଟୋ ସହ ୧୨୦ କେଜି ଭାଙ୍ଗ ଜବତ; ୨ ଯୁବକ ଗିରଫ

**ପୁରୀ, ୧।୩(ସମିସ):** ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁରୀ ପୁଲିସ ପକ୍ଷରୁ ଅଭିଯାନ ଚାଲିଛି। ଏସ୍‌ପି ପିନାକ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବୁ ଥାନାର ଅଧିକାରୀ ନିଜ ନିଜ ଅଞ୍ଚଳରେ ଧରପଗଡ଼ ଜାରି ରଖିଛନ୍ତି। ଏହି କ୍ରମରେ ସଦର ଥାନା ପୁଲିସ ଶୁକ୍ରବାର ୧୨୦ କେଜି ଭାଙ୍ଗ ଜବତ କରିବା ସହ ୨ ଯୁବକଙ୍କୁ ଗିରଫ କରିଛି। ଏଥିସହ ଭାଙ୍ଗ ଆଣି ଆସୁଥିବା ଅଟୋକୁ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଚାଳିଶିବାଟିଆର ଗଙ୍ଗାଧର ବେହେରା (୨୮) ଓ ଅଭୟ କୁମାର ସ୍ୱାଇଁ (୨୬)। ସେମାନଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା (ନଂ. ୯୯/୨୪) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଦ୍ୱୟ ଏକ ଯାତ୍ରୀବାହୀ ଅଟୋରେ ୪ଟି ଜରିବ୍ୟାଗ୍ (ପ୍ରତ୍ୟେକରେ ୩୦ କେଜି ଲେଖାଏ)ରେ ଭାଙ୍ଗ ଭର୍ତ୍ତି କରି ପୁରୀ ଆସୁଥିବା ବେଳେ ପୁଲିସ ବାଟମଙ୍ଗଳା ନିକଟରେ ଅଟକାଇଥିଲା। ଯାଞ୍ଚ ବେଳେ ୧୨୦ କେଜି ଭାଙ୍ଗ ଜବତ କରିବା ସହ ଅଟୋକୁ ମଧ୍ୟ ଜବତ କରିଛି ପୁଲିସ। ସୂଚନାଥାଉ କି, ଗୁରୁବାର ମଧ୍ୟ ସଦର ଥାନା ପୁଲିସ ୧କିଗ୍ରା ୭୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତ ବଳଙ୍ଗା ଥାନା ଅନ୍ତର୍ଗତ କେତୀପାଟଣାର ରବିନାରାୟଣ ମହାପାତ୍ର ଓରଫ୍ ନାରୁ (୫୪)କୁ ଗିରଫ କରି କୋର୍ଟଚାଲାଣ କରିଥିଲା।



## କର୍କଟ ନେଲା 'ମିସ୍ ଇଣ୍ଡିଆ ତ୍ରିପୁରା' ରିଙ୍କିଙ୍କ ଜୀବନ



ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ପୂର୍ବତନ 'ମିସ୍ ଇଣ୍ଡିଆ ତ୍ରିପୁରା' ରିଙ୍କି ଚକମାଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଦୁଇ ବର୍ଷରୁ ଅଧିକ ସମୟ ହେଲା ସ୍ତନ କର୍କଟରେ ପୀଡ଼ିତ ଥିଲେ। ଅସ୍ତ୍ରୋପଚାର ସତ୍ତ୍ୱେ ତାଙ୍କୁ ବଞ୍ଚା ଯାଇପାରି ନ ଥିଲା। ମୃତ୍ୟୁବେଳକୁ ତାଙ୍କୁ ୨୮ ବର୍ଷ ବୟସ ହୋଇଥିଲା। ସେ ୨୦୧୭ ରେ ମିସ୍ ଇଣ୍ଡିଆ ପିଜାଣ୍ଟ 'ବ୍ୟୁଟି ୱିଥ୍ ଏ ପର୍ପୋଜ' ସମ୍ମାନ ଜିତି ଥିଲେ। ଏହି ପ୍ରତିଯୋଗିତା ମାନୁଷୀ ଛିଲର ଜିତିଥିଲେ। ଗତ ମାସରେ ରିଙ୍କି ନିଜ ରୋଗ ବିଷୟରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ସେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନିଜର କଠିନ ଯାତ୍ରା ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ସ୍ତନ କର୍କଟର ଅସ୍ତ୍ରୋପଚାର ପରେ ଏହା ଅନ୍ୟ ଅଙ୍ଗକୁ ବ୍ୟାପି ଯାଇଥିଲା। ପ୍ରଥମେ ଫୁସ୍‌ଫୁସ୍ ଏବଂ ପରେ ମସ୍ତିଷ୍କ କର୍କଟ ହୋଇଥିଲା। ଏହାର ଅସ୍ତ୍ରୋପଚାର ହେବ ବୋଲି ଉଲ୍ଲେଖ କରିଥିଲେ।

## ଆଚରଣ ବିଧି ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ: ଇସି

**ନୂଆଦିଲ୍ଲୀ, ୧।୩ (ଏଜେନ୍ସି):** ଆଗାମୀ ଲୋକସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ (ଇସି) ଶୁକ୍ରବାର ରାଜନୈତିକ ଦଳମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ଏଥିରେ ନିର୍ବାଚନ ପ୍ରଚାର ସମୟରେ ଶିଷ୍ଟାଚାର ଏବଂ ସଂଯମତା ଅବଲମ୍ବନ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିବାକୁ କୁହାଯାଇଛି। ଯେଉଁ ଷ୍ଟାର ପ୍ରଚାରକ କିମ୍ବା ପ୍ରାର୍ଥୀଙ୍କୁ ପୂର୍ବରୁ ନୋଟିସ ଜାରି କରାଯାଇଛି, ଯଦି ସେ ପୁଣି ଆଚରଣ ବିଧି ଉଲ୍ଲଙ୍ଘନ କରନ୍ତି ତେବେ କଡ଼ା କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ। ସେହିପରି ସାମାଜିକ ଗଣମାଧ୍ୟମରେ ପ୍ରତିଦ୍ୱନ୍ଦ୍ୱିଙ୍କୁ ବଦନାମ କିମ୍ବା ଅପମାନିତ କଲା ଭଳି ପୋଷ୍ଟ ନ କରିବାକୁ କହିଛନ୍ତି। ଜାତି, ଧର୍ମ ଏବଂ ଭାଷା ଭିତ୍ତିରେ ବିବାଦ ସୃଷ୍ଟି କଲା ଭଳି କିମ୍ବା ବିଭାଜନକାରୀ ବୟାନ ଦେବାରୁ ନିବୃତ୍ତ ରହିବାକୁ ଇସି ପରାମର୍ଶ ଦେଇଛନ୍ତି।

## ନଭଲନିଙ୍କ ଅନ୍ତିମ ସଂସ୍କାର

**ମସ୍କୋ, ୧।୩ (ଏଜେନ୍ସି):** ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସବୁଠାରୁ ବଡ଼ ବିରୋଧୀ ଆଲେକ୍ସି ନଭଲନିଙ୍କ ଶୁକ୍ରବାର ମସ୍କୋର ଏକ ଚର୍ଚ୍ଚରେ ଅନ୍ତିମ ସଂସ୍କାର କରାଯାଇଛି। ଗିରଫ ଭୟ ମଧ୍ୟରେ ହଜାର ହଜାର ଲୋକ ଏହି ଶେଷ ଯାତ୍ରାରେ ସାମିଲ ହୋଇଥିଲେ। ଏହି ସମୟରେ ଆମେରିକା, ଫ୍ରାନ୍ସ, ଜର୍ମାନୀ ଭଳି ଦେଶର ରାଷ୍ଟ୍ରଦୂତ ନଭଲନିଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ନଭଲନିଙ୍କ ମାତାପିତା ମଧ୍ୟ ଉପସ୍ଥିତ ଥିଲେ। ସମର୍ଥକମାନେ ନଭଲନିଙ୍କୁ ଧନ୍ୟବାଦ ଦେଇ ରୁଷ୍ ଶୀଘ୍ର ପୁତିନଙ୍କ କବଳରୁ ସ୍ୱାଧୀନ ହେବ ବୋଲି କହିଥିଲେ।

## ୩୯, ୧୨୫ କୋଟି ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରି

**ନୂଆଦିଲ୍ଲୀ, ୧।୩ (ଏଜେନ୍ସି):** ଭାରତୀୟ ସେନାକୁ ଅଧିକ ମଜବୁତ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରାଳୟ ବଡ଼ ଚୁକ୍ତି କରିଛି। ମନ୍ତ୍ରାଳୟ ଶୁକ୍ରବାର ୩୯, ୧୨୫ କୋଟି ଟଙ୍କାର ପାଞ୍ଚୋଟି ସାମରିକ କ୍ରୟ ଚୁକ୍ତିରେ ସ୍ୱାକ୍ଷର କରିଛି। ରିପୋର୍ଟ ଅନୁଯାୟୀ ମିଗ-୨୯ ର ଏରୋ ଇଞ୍ଜିନ କ୍ରୟ ଲାଗି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ, ସିଆଇଡବ୍ଲ୍ୟୁଏସ୍ ଏବଂ ଉଚ୍ଚକ୍ଷମତାର ରାଡାର ଲାଗି ଲାର୍ସନ ଆଣ୍ଡ ଟର୍ବୋ ଲିମିଟେଡ ସହ ୨ଟି ଚୁକ୍ତି ହୋଇଛି। ସେହିପରି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କ୍ରୟ ପାଇଁ ବ୍ରହ୍ମୋସ୍ ଏରୋସ୍ପେସ ପ୍ରାଇଭେଟ ଲିମିଟେଡ ସହ ୨ଟି ଚୁକ୍ତିକୁ ଚୂଡ଼ାନ୍ତ ରୂପ ଦିଆଯାଇଛି।

## ୨୫ ବିଶେଷଜ୍ଞଙ୍କୁ ମିଳିପାରେ କେନ୍ଦ୍ରରେ ନିଯୁକ୍ତି

**ନୂଆଦିଲ୍ଲୀ, ୧।୩ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ଆପଏଣ୍ଟମେଣ୍ଟସ କମିଟି ବୈଠକରେ ଘରୋଇ କ୍ଷେତ୍ରର ବିଶେଷଜ୍ଞ ଭାବେ ସୁନାମ ଅର୍ଜିଥିବା ୩ ଜଣଙ୍କୁ ଯୁଗ୍ମ ସଚିବ ଭାବେ ଓ ଅନ୍ୟ ୨୨ ଜଣଙ୍କୁ ନିର୍ଦ୍ଦେଶକ/ଉପସଚିବ ପଦବୀରେ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି ଦିଆଯିବା ପ୍ରସ୍ତାବ ଅନୁମୋଦିତ ହୋଇଛି। ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଦକ୍ଷ ଓ ଅତି ଯୋଗ୍ୟ ବ୍ୟକ୍ତିଙ୍କ ଉପଯୋଗ ଦରକାର। ସେଥିପାଇଁ ଘରୋଇ କ୍ଷେତ୍ରରୁ ସୁଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ପଦବୀ ଦେବା ନିମନ୍ତେ ସ୍ଥିର ହୋଇଛି। ସାଧାରଣତଃ ସଚିବ, ଯୁଗ୍ମ ସଚିବ, ଉପସଚିବ, ନିର୍ଦ୍ଦେଶକ ଆଦି ପଦରେ ଆଇଏଏସ, ଆଇପିଏସ, ଆଇଏଫଏସ ତଥା ଗ୍ରୁପ-ଏ ସର୍ଭିସେସ ଅଫିସରମାନଙ୍କୁ ବସାଯାଏ ଯେଉଁମାନେ ସରକାରୀ ନୀତି ନିର୍ଦ୍ଧାରଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ୟୁପିଏସସି ଦ୍ୱାରା ଘରୋଇ କ୍ଷେତ୍ରରୁ ସୁଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଏପରି ଉଚ୍ଚ ସରକାରୀ ପଦବୀରେ ନିଯୁକ୍ତି ଦେବା ନିମନ୍ତେ ଯେଉଁ ବ୍ୟବସ୍ଥାଟି ୨୦୧୮ ରୁ ଆରମ୍ଭ ହୋଇଛି ତାହାକୁ ଲେଟେରାଲ ଏଣ୍ଟ୍ରି ମୋଡ୍ କୁହାଯାଉଛି।

**ଦୋହଲିଲା ବେଙ୍ଗାଲୁରୁ**

# କାଫେରେ ଆଇଇଡି ବିସ୍ଫୋରଣ; ୯ ଆହତ

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ବେଙ୍ଗାଲୁରୁ କୁନ୍ଦଲହାଲି ସ୍ଥିତ ରାମେଶ୍ୱରମ କାଫେରେ ଶୁକ୍ରବାର ଦ୍ୱିପହରେ ବଡ଼ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୯ ଜଣ ଲୋକ ଆହତ ହୋଇଛନ୍ତି। ଏହି ବିସ୍ଫୋରଣରେ ଆଇଇଡି ବ୍ୟବହାର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି। ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ବିସ୍ଫୋରଣର ସୂଚନା ମିଳିବା ପରେ ବୋମା ସ୍କ୍ୱାର୍ଡ, ଫରେନସିକ ଏବଂ ଏନଆଇଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିସ୍ଫୋରଣ ପରେ ପ୍ରଥମେ ଦମକଳ ବାହିନୀ ଏବଂ ହ୍ୱାଇଟଫିଲ୍ଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଉଭୟ ଟିମ୍ ସିଲିଣ୍ଡରରେ ବିସ୍ଫୋରଣ ହୋଇଥିବା କହିଥିଲା। ରେସ୍ତୋରାଁର ଚୌକି ଟେବୁଲ, ଝରକାରେ ଲାଗିଥିବା କାଚ ଚାରିଆଡ଼େ ଛିନଛତର ହୋଇ ପଡ଼ିଥିବା ଦେଖା ଯାଇଥିଲା। ଏହା ପରେ ବିଜେପିର ଦୁଇ ସାଂସଦ ବିସ୍ଫୋରଣ ଉପରେ ସନ୍ଦେହ ପ୍ରକଟ କରିଥିଲେ ଏବଂ ବୋମା ବିସ୍ଫୋରଣ କରାଯାଇଥିବା କହିଥିଲେ। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଣେ ବ୍ୟକ୍ତି ପ୍ରାୟ ୧୨ଟା ସମୟରେ ରେସ୍ତୋରାଁରେ ଏକ ବ୍ୟାଗ୍ ଛାଡ଼ି ଯାଇଥିଲା। ଏହାର ଘଣ୍ଟାଏ ପରେ ବ୍ୟାଗ୍‌ରେ ରଖାଯାଇଥିବା ଆଇଇଡିରୁ ବିସ୍ଫୋରଣ ହୋଇଥିଲା। କାଫେରୁ ବ୍ୟାଟେରି, ଅଧା ପୋଡ଼ା ବ୍ୟାଗ୍ ଏବଂ କିଛି ଆଇଇଡି କାର୍ଡ ମିଳିଛି। ଏହି ମାମଲାରେ ରାଜନୀତି ନ କରିବା ପାଇଁ ସେ ବିରୋଧୀଙ୍କୁ ଅନୁରୋଧ କରିଛନ୍ତି। ଆଗକୁ ଏପରି ନ ହେବା ପାଇଁ ପ୍ରୟାସ କରାଯିବ ବୋଲି କହିଛନ୍ତି। ରାଜ୍ୟର ଗୃହମନ୍ତ୍ରୀ କହିଛନ୍ତି ଯେ ଏବେ ମାମଲାର ତଦନ୍ତ ଜାରି ରହିଛି। ପୁଲିସ ବେଆଇନ କାର୍ଯ୍ୟକଳାପ ନିରୋଧି ଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ଏବେ ଫରେନସିକ ରିପୋର୍ଟକୁ ଅପେକ୍ଷା କରାଯାଇଛି।





**ବ୍ୟାଗ୍ ଛାଡ଼ି ଯାଇଥିଲା ଜଣେ ବ୍ୟକ୍ତି**

**ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ**

ଅନ୍ୟପକ୍ଷରେ ବିଜେପି ସାଂସଦ ତେଜସ୍ୱୀ ସୂର୍ଯ୍ୟା ଏହି ମାମଲାରେ ସରକାରଙ୍କୁ ନିଶାଣ କରିଛନ୍ତି। ସେ କାଫେ ମାଲିକଙ୍କ ସହ କଥା ହୋଇଥିବା ଉଲ୍ଲେଖ କରିଛନ୍ତି। ଏହି ବିସ୍ଫୋରଣ ଉପରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଉତ୍ତର ରଖନ୍ତୁ ବୋଲି ସେ ଦାବି କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଦ୍ୱିପହର ଗୋଟାଏ ସମୟରେ ଜୋରଦାର ବିସ୍ଫୋରଣ ହୋଇଥଇଲା। ଘଟଣାସ୍ଥଳରେ ପହଞ୍ଚିବା ପରେ ଚାରିଆଡେ କଳା ଧୂଆଁ ଦେଖିବାକୁ ମିଳିଥିଲା। ବିସ୍ଫୋରଣ ସମୟରେ କାଫେରେ ୩୫-୪୦ ଲୋକ ଥିଲେ।

**ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ / ରାଜଭବନରେ ଦିଦିଙ୍କୁ ଭେଟିଲେ ମୋଦୀ**

## ସନ୍ଦେଶଖାଲି ଅଭିଯୁକ୍ତଙ୍କୁ ବଞ୍ଚାଇବାକୁ ଚାହିଁଥିଲା ଟିଏମ୍‌ସି

କୋଲକାତା, ୧।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏଠାରେ ଏକ ଜନସଭାରେ କହିଛନ୍ତି, ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଓ ବହୁ ଲୋକଙ୍କ ଜମି ହଡ଼ପ ଅଭିଯୋଗରେ ଗିରଫ ହୋଇଥିବା ତୃଣମୂଳ କଂଗ୍ରେସ (ଟିଏମସି) ନେତା ଶାହାଜାହାଁ ଶେଖଙ୍କୁ ଖସାଇ



ଦେବା ପାଇଁ ରାଜ୍ୟର ମମତା ସରକାର ଯଥାସାଧ୍ୟ ଉଦ୍ୟମ କରିଥିଲେ। ସନ୍ଦେଶଖାଲିରେ ମହିଳା ନିର୍ଯ୍ୟାତିତ ହେଉଛନ୍ତି। ମମତା ବାନାର୍ଜୀ କେତେଖଣ୍ଡ ଭୋଟ ପାଇଁ ଅପରାଧୀକୁ ସୁରକ୍ଷା ଦେଉଛନ୍ତି ଯେତେବେଳେ କି କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ଅଂଶୀଦାରମାନେ ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ଭଳି ରହିବାକୁ ଉଚିତ ମଣିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଆକ୍ଷେପ କରିଛନ୍ତି। ସେ କହିଛନ୍ତି, 'ସନ୍ଦେଶଖାଲିର ଘଟଣାରେ ସମଗ୍ର ଦେଶ ଦୁଃଖୀ ହୋଇଛି। ମା', ମାଟି ମାନୁଷ କହୁଥିବା ଦଳର କାର୍ଯ୍ୟ ଦେଖି ରାଜା ରାମମୋହନ ରାୟଙ୍କ ଆତ୍ମା ଆଜି କାନ୍ଦୁଥିବ। ନିର୍ଯ୍ୟାତିତାମାନେ ଯେତେବେଳେ ମମତା ଦିଦିଙ୍କୁ ସେମାନଙ୍କ ଦୁଃଖ କହିଲେ, ମମତା କୌଣସି ପ୍ରତିକାର କରିବା ତ ଦୂରର କଥା, ବରଂ ଅଭିଯୁକ୍ତ ଶାହାଜାହାଁ ଶେଖର ସୁରକ୍ଷାର ସମସ୍ତ ବନ୍ଦୋବସ୍ତ କରିଛନ୍ତି। ଅଭିଯୁକ୍ତ ଅତ୍ୟନ୍ତ ପ୍ରଭାବଶାଳୀ କାହାରି ସହାୟତା ପାଉନଥିଲେ ପ୍ରାୟ ଦୁଇ ମାସ କିପରି ଆଇନର ପଞ୍ଝାରୁ ଖସି ରହିପାରିଲା।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ସନ୍ଧ୍ୟାରେ ରାଜଭବନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଏଠାରୁ ବାହାରିବା ପରେ ଏହା ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ଦିଦି କହିଛନ୍ତି।

**ମହାଦେବ ବେଟିଂ ଆପ୍ ମାମଲା**

## ୫୮୦ କୋଟି ଟଙ୍କାର ଷ୍ଟକ୍ ଜବତ

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଦୁବାଇରୁ ସଞ୍ଚାଳିତ ମହାଦେବ ଅନ୍ ଲାଇନ୍ ବେଟିଂ ବୁକ୍ ମାମଲାରେ ୬୦୦୦କୋଟି ଟଙ୍କାର ଅବୈଧ ଆୟ ଓ ମନିଲଣ୍ଡରିଂର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଆଜି (ଶକ୍ରବାର) କୁହାଯାଇଛି ଯେ ଅନଲାଇନ ଜୁଆ ଖେଳ (ବେଟିଂ) ଭଳି ଆର୍ଥିକ ଅପରାଧରୁ ଅର୍ଜିତ ୫୮୦ କୋଟି ୭୮ ଲକ୍ଷ ଟଙ୍କା ହାୱାଲା ଜରିଆରେ ବିଦେଶକୁ ପଠାଯାଇଥିଲା । ସେହି ଅର୍ଥ ବିଦେଶରେ ଥିବା ବିଭିନ୍ନ ନକଲି ବା ନାମମାତ୍ର (ସେଲ) କମ୍ପାନୀର ଆକାଉଣ୍ଟରେ ଜମା କରାଯାଇ ତାହାକୁ ଫରେନ୍ ପୋର୍ଟଫୋଲିଓ ଇନଭେଷ୍ଟମେଣ୍ଟ (ଏଫପିଆଇ) ଭାବେ ଭାରତୀୟ ଷ୍ଟକ୍ ମାର୍କେଟରେ ନିବେଶ କରାଯାଇଛି। ଦୁବାଇରେ ରହି ହାୱାଲା କାରବାର ଚଳାଉଥିବା ହରିଶଙ୍କର ଟିବ୍ରିୱାଲ ସେହି ଏଫପିଆଇର ଅନ୍ତିମ ଲାଭାର୍ଥୀ ବୋଲି ଯାଞ୍ଚରୁ ଜଣାପଡ଼ିବା ପରେ ଇଡି ବର୍ତ୍ତମାନ ମନି ଲଣ୍ଡରିଂ ନିରୋଧ ଆଇନ-୨୦୦୨ ଅନୁଯାୟୀ ଉକ୍ତ ୫୮୦କୋଟି ୭୮ ଲକ୍ଷ ଟଙ୍କାର ଷ୍ଟକ୍ ନିବେଶକୁ ଅଚଳ (ଫ୍ରିଜ) କରିଛି। ବୁଧବାର ଦିନ ଇଡି ପକ୍ଷରୁ ମହାଦେବ ଅନ୍ ଲାଇନ୍ ବେଟିଂ ବୁକ୍ ମାମଲାରେ ସନ୍ଦିଗ୍ଧ କୋଲକାତା, ଗୁରୁଗ୍ରାମ, ଦିଲ୍ଲୀ, ଇନ୍ଦୋର ଓ ରାୟପୁରର ଅନେକ ଠିକଣାରେ ଚଢ଼ଉ ଓ ଖାନତଲାସ କରାଯାଇ ୧କୋଟି ୮୬ଲକ୍ଷଟଙ୍କା ନଗଦ ଓ ୧କୋଟି ୭୮ ଲକ୍ଷ ଟଙ୍କାର ଅଳଙ୍କାର ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଜବତ କରାଯାଇଛି। ଏଥିପୂର୍ବରୁ ଇଡି ଏହି ବେଆଇନ ବେଟିଂ ଓ ମନିଲଣ୍ଡରିଂ ମାମଲାରେ ୫୭୨ କୋଟି ୪୧ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ଜବତ କରିଥିବାରୁ ୫୮୦କୋଟି ୭୮ଲକ୍ଷ ଟଙ୍କାର ଷ୍ଟକ୍ ନିବେଶକୁ ଫ୍ରିଜ କରାଯିବା ପରେ ଏହି ମାମଲାରେ ଏଯାବତ ମୋଟ ୧୨୯୬ କୋଟି ୫ଲକ୍ଷ ଟଙ୍କାର ଷ୍ଟକ୍, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତଥା ନଗଦ (କ୍ୟାସ) ଜବତ ହେଲାଣି। ଅନ୍ୟପକ୍ଷରେ ଇଡି ଆପ୍‌ର ମୁଖ୍ୟ ଅପରେଟର ଗିରୀଶ ତଲରେଜାକୁ ଭୋପାଳରୁ ଗିରଫ କରିଛି।

## ନେତାଙ୍କ କାନ୍ଧରେ ଚିପ୍ ଲଗାଇବୁ କି: ସିଜେଆଇ

**ନୂଆଦିଲ୍ଲୀ, ୧।୩ (ଏଜେନ୍ସି):** ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ବେଞ୍ଚରେ ଆଜି ପହଞ୍ଚିଥିଲା ଏକ ବିଚିତ୍ର ଆବେଦନ। ସୁରିନ୍ଦର କୁନ୍ଦ୍ରା ନାମକ ବ୍ୟକ୍ତି ଆବେଦନ କରିଥିଲେ ଯେ ସମସ୍ତ ସାଂସଦ ଓ ବିଧାୟକଙ୍କୁ ଡିଜିଟାଲୀ ମନିଟର କରାଯିବାର ବ୍ୟବସ୍ଥା ପାଇଁ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ। ସିଜେଆଇ ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ, କ'ଣ ସମସ୍ତ ସାଂସଦ ଓ ବିଧାୟକଙ୍କ କାନ୍ଧରେ ମାଇକ୍ରୋଚିପ୍ ଖଞ୍ଜିଦେବା? ସାଂସଦ ଓ ବିଧାୟକମାନଙ୍କର ବି ଗୋପନୀୟତାର ଅଧିକାର ରହିଛି। କିପରି ସେମାନଙ୍କୁ ଡିଜିଟାଲୀ ମନିଟର କରିହେବ? ଏଭଳି ଅଜବ ପିଟିସନ୍ ଆଣି ଅଦାଲତଙ୍କ ସମୟ ନଷ୍ଟ କରିଥିବାରୁ ୫ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିପାରେ। ତେବେ ତୁମକୁ ଜରିମାନା କରାଯାଉନାହିଁ ବୋଲି କହି ସିଜେଆଇ ପିଟିସନକୁ ନାକଚ କରିଥିଲେ।

## ଭାରତର ବିରୋଧ: ହଟିଲେ ଥାଇଲାଣ୍ଡ ରାଷ୍ଟ୍ରଦୂତ

**ଆବୁଧାବି, ୧।୩ (ଏଜେନ୍ସି):** ଭାରତର ଦୃଢ଼ ବିରୋଧ ପରେ ଥାଇଲାଣ୍ଡ ନିଜ ରାଷ୍ଟ୍ରଦୂତ ପିମଚନୋକ ଭୋଙ୍କରପୋର୍ଣ୍ଣ ପିଟଫିଲ୍ଡଙ୍କୁ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ବୈଠକରୁ ହଟାଇ ଦେଇଛି। ତାଙ୍କ ସ୍ଥାନରେ ଥାଇଲାଣ୍ଡର ବିଦେଶ ସଚିବ ଏହି ବୈଠକରେ ସାମିଲ ହେବେ। ସୂଚନା ଅନୁଯାୟୀ ଆବୁଧାବିରେ ଡବ୍ଲ୍ୟୁଟିଓର ମନ୍ତ୍ରିସ୍ତରୀୟ ସମ୍ମିଳନୀ ଚାଲିଛି। ଏଥିରେ କୃଷି ଉପରେ ଚର୍ଚ୍ଚା ଚାଲିଥିବାବେଳେ ଭାରତ ପବ୍ଲିକ ଡିଷ୍ଟ୍ରିବ୍ୟୁସନ ସିଷ୍ଟମ (ପିଡିଏସ) ପାଇଁ ସବ୍‌ସିଡିରେ ଚାଉଳ କିଣି ବିକ୍ରି କରୁଛି ବୋଲି ଥାଇଲାଣ୍ଡ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ନିୟମର ବିରୋଧୀ ବୋଲି କୁହାଯାଇଥିଲା। ଥାଇଲାଣ୍ଡ ଅଭିଯୋଗକୁ ଆମେରିକା, କାନାଡ଼ା ଏବଂ ଅଷ୍ଟ୍ରେଲିଆ ସମେତ ଅନେକ ଦେଶ ସମର୍ଥନ ଦେଇଥିଲେ। ପରେ ଭାରତ ଥାଇଲାଣ୍ଡ ଥିବା ବୈଠକକୁ ବର୍ଜନ କରିଥିଲା। ଭାରତ ଏହି ପ୍ରସଙ୍ଗ ଥାଇଲାଣ୍ଡ ରାଷ୍ଟ୍ରଦୂତଙ୍କ ସମ୍ମୁଖରେ ଉଠାଇ ବିରୋଧ କରିଥିଲା।

## ହିମାଚଳ ସରକାରରୁ ଟଳିନି ସଙ୍କଟ

**ସିମଲା, ୧।୩ (ଏଜେନ୍ସି):** ହିମାଚଳ ପ୍ରଦେଶ ସରକାରରେ ଦେଖା ଯାଇଥିବା ସଙ୍କଟର ସମାଧାନ ପାଇଁ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ରାଜ୍ୟକୁ ପଠା ଯାଇଥିଲା। ସେ ଗୁରୁବାର ସରକାରରେ ଥିବା ସମସ୍ୟାର ସମାଧାନ ହୋଇଯାଇଛି ବୋଲି କହିଥିଲେ। ମାତ୍ର ଏହାର ଦିନକ ପରେ ଶୁକ୍ରବାର ପୁଣି ଛକାପଞ୍ଝା ଆରମ୍ଭ ହୋଇଗଲାଣି। ଏହାକୁ ଦେଖିଲେ ସରକାରଙ୍କ ଉପରୁ ସଙ୍କଟ ଟଳି ନାହିଁ ବୋଲି ଜଣାପଡୁଛି। ଆଜି ସଚିବାଳୟରେ କ୍ୟାବିନେଟ ବୈଠକ ଚାଲିଥିଲା। ଏହି ସମୟରେ ହଠାତ୍ ମୁଖ୍ୟମନ୍ତ୍ରୀ ବୈଠକକୁ ସ୍ଥଗିତ କରି ଦେଇଥିଲେ। ପରେ ଅନ୍ୟମନ୍ତ୍ରୀଙ୍କ ସହ ସଙ୍ଗେ ସଙ୍ଗେ ବିଧାନସଭାକୁ ଚାଲି ଯାଇଥିଲେ।




**ତମାଖୁ କମ୍ପାନୀର ୨୦ ଜାଗାରେ ଚଢ଼ଉ**

## ମିଳିଲା ୧୦୦ କୋଟିର କାର୍, ୫ କୋଟି ଟଙ୍କା

କାନପୁର, ୧।୩ (ଏଜେନ୍ସି): ତମାଖୁ କମ୍ପାନୀ ବଂଶୀଧର 'ଏକ୍ସପୋର୍ଟ୍ସ ପ୍ରାଇଭେଟ ଲିମିଟେଡ'ର କାନପୁର ସ୍ଥିତି ମୁଖ୍ୟାଳୟରେ ଆୟକର ବିଭାଗ ଚଢ଼ଉ କରିଛି। କମ୍ପାନୀର ଦିଲ୍ଲୀ, ମୁମ୍ବାଇ, ଗୁଜରାଟ ସମେତ ୨୦ ଠିକଣାରେ ଚଢ଼ଉ କରାଯାଇଛି। ଗୁରୁବାର ଆରମ୍ଭ ହୋଇଥିବା ଏହି ଚଢ଼ଉ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କମ୍ପାନୀ ମାଲିକ କେକେ ମିଶ୍ରାଙ୍କ ଦିଲ୍ଲୀ ସ୍ଥିତ କୋଠାରୁ ୧୦୦ କୋଟିରୁ ଅଧିକ ଟଙ୍କାର କାର୍ ମିଳିଛି। ଏଥିରେ ୬୦ କୋଟିରୁ ଅଧିକ ଟଙ୍କାର ବିଳାସପୂର୍ଣ୍ଣ ଗାଡ଼ି ସାମିଲ ରହିଛି। ଏହି ଗାଡ଼ି ମଧ୍ୟରେ ରୋଲ୍ସ-ରୟସ, ଫ୍ୟାଣ୍ଟମ, ଲାମ୍ବୋର୍ଗିନି, ଫେରାରି, ମ୍ୟାକଲରେନ ସାମିଲ ରହିଛି। ସେହିପରି ୧୦୦ କୋଟିରୁ ଅଧିକ ଟଙ୍କାର ଟିକସ ଚୋରି ସାମ୍ନାକୁ ଆସିଛି। ଏହା ସହିତ ୫ କୋଟି ଟଙ୍କା ଏବଂ କୋଟି କୋଟି ଟଙ୍କାର ବେନାମି ସମ୍ପତ୍ତି ମିଳିଛି। ଆୟକର ବିଭାଗର ସୂଚନା ଅନୁଯାୟୀ କମ୍ପାନୀ କାନପୁରର ପ୍ରମୁଖ ଗୁଟଖା କମ୍ପାନୀଙ୍କୁ ମାଲ୍ ଦେଉଥିଲା। ଏହି କମ୍ପାନୀ କେବଳ ୨୦ରୁ ୨୫ କୋଟି ଟଙ୍କାର କାରବାର ଦେଖାଇ ଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ୧୫୦ କୋଟି ଟଙ୍କାର କାରବାର ସାମ୍ନାକୁ ଆସିଲାଣି। ଜାଲ କମ୍ପାନୀ ବନାଇ ନକଲି ଚେକ୍ କାଟି ଟିକସ ଚୋରି କରାଯାଉଥିଲା ବୋଲି ଜଣାପଡ଼ିଛି।



ଟେଲିଭିଜନ୍ ହେଉଛି ମନୋରଞ୍ଜନର ଏପରି ଏକ ମାଧ୍ୟମ, ଯାହା ଏକା ସମୟରେ ଲକ୍ଷ ଲକ୍ଷ ଲୋକଙ୍କୁ ହସାଏ, କିନ୍ତୁ ନିଜେ ଏକାକୀତ୍ୱର ଯାତନା ସହେ।
- ଟି ଏସ୍ ଇଲିଅଟ୍



ସକାଳ THE SAKALA

## ଅର୍ଥକରୀ ଫସଲ ଚାଷକୁ ଗୁରୁତ୍ୱ ଦିଆଯାଉ

ଆବୁଧାବିରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ)ର କୃଷିକ୍ଷେତ୍ର ସହାୟତା ସଂକ୍ରାନ୍ତ ଆଲୋଚନା ଜାରି ରହିଥିବା ବେଳେ ଭାରତରେ ଚାଷୀମାନେ ନିଜର ଦାବି ପୂରଣ ପାଇଁ ଆନ୍ଦୋଳନ କରୁଛନ୍ତି। ଡବ୍ଲୁଟିଓ ଆଲୋଚନାରେ ଭାରତ ବିଭିନ୍ନ ଫସଲର ସରକାରୀ ମହଜୁଦ ପରିମାଣର ସୀମା ନିର୍ଦ୍ଧାରଣ ଓ ସୀମାଶୁଳ୍କ ଛାଡ଼ ସୀମା ବୃଦ୍ଧି ନୀତିର ସମୟସୀମା ଆଉ ବୃଦ୍ଧି ନ କରିବାକୁ ଚାହିଁ ଏହା ଉପରେ ଏକ ସମାଧାନ ସୂତ୍ର ବାହାର କରିବାକୁ ଚାପ ପ୍ରୟୋଗ କରୁଛି। ବିଶ୍ୱ ବାଣିଜ୍ୟ ସଂଗଠନର ଅନେକ ନିୟମ ଏବେ ପରିବର୍ତ୍ତିତ ସମୟର ଆବଶ୍ୟକତା ପୂରଣ କରୁନାହିଁ। କୃଷିକ୍ଷେତ୍ର ପାଇଁ କେତେ ରିହାତି ଦିଆଯିବା ଉଚିତ, ଗୋଟିଏ ଦେଶ ତାହାର ଚାଷୀଙ୍କଠାରୁ କେତେ ପରିମାଣର ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଫସଲ ସଂଗ୍ରହ କରି ମହଜୁଦ ରଖିପାରିବ; ଗୋଟିଏ ଦେଶ କେତେ କୃଷିଜାତ ଓ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନି କରିବ, ଚାଷୀ କେତେ ରିହାତି ବା ସହାୟତା ପାଇବେ ତାହା ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱ ବାଣିଜ୍ୟ ଆଇନର ଗଣ୍ଡି ଭିତରେ ସୀମାବଦ୍ଧ ହୋଇ ରହିବା ସମ୍ଭବ ନୁହେଁ। ଭାରତ ଚାଷବାସ ଓ ଇ-କମର୍ସ କ୍ଷେତ୍ରରେ ବିଶ୍ୱ ବାଣିଜ୍ୟ ସଂଗଠନର ନିୟମରେ କିଛି ସଂସ୍କାର ଓ ରିହାତି ଲୋଡୁଛି। ଚୀନ୍ ସମେତ ୧୨୦ ଦେଶ ମଧ୍ୟ ବିଶ୍ୱ ବାଣିଜ୍ୟ ସଂଗଠନର ନୀତି ନିୟମରେ ପରିବର୍ତ୍ତନ ଚାହୁଁଛନ୍ତି। ତେବେ ଆମେରିକା ଓ ୟୁରୋପର ଧନାଢ଼୍ୟ ତଥା ପ୍ରଭାବଶାଳୀ ରାଷ୍ଟ୍ରମାନଙ୍କ ବିରୋଧ ଯୋଗୁଁ ଏ କ୍ଷେତ୍ରରେ କୌଣସି ସମାଧାନ ସୂତ୍ର ବାହାରି ପାରୁନାହିଁ।

ଭାରତ ଭଳି ଜନବହୁଳ ଦେଶ ନିଜର ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ଓ ଖାଦ୍ୟ ନିରାପତ୍ତାର ସୁରକ୍ଷା ପାଇଁ ବିପୁଳ ପରିମାଣର ଖାଦ୍ୟଶସ୍ୟ ମହଜୁଦ କରି ରଖିବାକୁ ଚାହୁଁଛନ୍ତି। କିନ୍ତୁ ଡବ୍ଲୁଟିଓ ନିୟମରେ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ରହିଛି। ଅନେକ ପାଶ୍ଚାତ୍ୟ ଦେଶ ଏହାକୁ ଏହି ସୀମା କଟକଣାକୁ ବିରୋଧ କରୁଛନ୍ତି। ତେଣୁ ଏହାକୁ ନେଇ ଆବୁଧାବିରେ ରୀତିମତ ଏକ ଲଢ଼େଇ ଚାଲିଛି ଏବଂ ଆୟୋଜକମାନେ ବୈଠକର ମିଆଦକୁ ଦୁଇଦିନ ବଢ଼ାଇ ଦେଇଛନ୍ତି। ଆଶା କରାଯାଉଛି ଯେ ଭାରତର ଦାବି ଉପରେ କିଛି ଗୋଟେ ସମାଧାନ ସୂତ୍ର ବାହାରିବ।

ଭାରତରେ ବର୍ଷକୁ ବର୍ଷ ଖାଦ୍ୟ ଶସ୍ୟ ଉତ୍ପାଦନ ବଢୁଛି ଏବଂ ଚାଷୀମାନେ ଏହାକୁ ଧାର୍ଯ୍ୟ ସହାୟକ ମୂଲ୍ୟ (ଏମ୍ଏସ୍ପି)ରେ ସରକାରଙ୍କୁ ବିକିବାକୁ ଚାହୁଁଛନ୍ତି। ଚାଷୀ ସଂଗଠନମାନେ ମଧ୍ୟ ଏମ୍ଏସ୍ପିକୁ ସାମ୍ବିଧାନିକ ଗ୍ୟାରେଣ୍ଟି ଦେବାକୁ ଚାହୁଁଛନ୍ତି। ସେମାନେ କିନ୍ତୁ ବୁଝୁନାହାନ୍ତି ଯେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନର ଏକ ସଦସ୍ୟ। ତେଣୁ ଖାଦ୍ୟ ଶସ୍ୟ ସଂଗ୍ରହ ଓ ମହଜୁଦ ଉପରେ ତା'କୁ ଏହି ଆନ୍ତର୍ଜାତିକ ସଂସ୍ଥାର ନିୟମ ମାନିବାକୁ ହେବ। ଦ୍ୱିତୀୟତଃ, କୃଷିକ୍ଷେତ୍ରକୁ ରିହାତି, ଏମ୍ଏସ୍ପି ଓ ଚାଷୀଙ୍କୁ ବିଭିନ୍ନ ରିହାତି ଦେବାରେ ସରକାର ମନଇଚ୍ଛା ସବୁ କିଛି କରିପାରିବେ ନାହିଁ। ଏଥିପାଇଁ କିଛି ଆନ୍ତର୍ଜାତିକ ଆଇନ ପ୍ରତିବନ୍ଧକ ସୃଷ୍ଟି କରୁଛି। ସର୍ବୋପରି ଚାଷୀଙ୍କ ସବୁ ଉତ୍ପାଦକୁ ସରକାର ନିର୍ଦ୍ଧାରିତ ଲାଭଜନକ ମୂଲ୍ୟରେ କିଣିବା ଆଦୌ ସମ୍ଭବ ନୁହେଁ। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କେତେକ ଚାଷୀ ସଂଗଠନ ଓ କୃଷକ ନେତା ଏହି ପ୍ରସଙ୍ଗରେ ସରକାରଙ୍କ ସହ ମୂଲଚାଲ କରୁଛନ୍ତି। ସେମାନଙ୍କର ଧାରଣା ନିର୍ବାଚନ ଚାପରେ ସରକାର ହୁଏତ ମୁଣ୍ଡ ନିଆଁଇବେ। ତେବେ ସମ୍ପୃକ୍ତ ଆନ୍ଦୋଳନକାରୀ ଓ ଚାଷୀ ନେତା ବୁଝିପାରୁ ନାହାନ୍ତି ଯେ ସେମାନେ ସମଗ୍ର ଭାରତର ଚାଷୀକୁଳର ପ୍ରତିନିଧିତ୍ୱ କରୁନାହାନ୍ତି। କେବଳ ପଞ୍ଜାବ, ହରିୟାଣା ଓ ପଶ୍ଚିମ ଉତ୍ତରପ୍ରଦେଶର କିଛି ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦେଶର ଅନ୍ୟଭାଗର ଚାଷୀମାନେ ଏ ଅବାସ୍ତବ ଦାବି ଓ ଆନ୍ଦୋଳନରୁ ଦୂରେଇ ରହି ଆପଣା କାମରେ ବ୍ୟସ୍ତ ଅଛନ୍ତି।

ଏଭଳି ସ୍ଥିତି ଭାରତର 'ନିତି' ଆୟୋଗ ଦେଶରେ ଗହମ ଓ ଧାନର ସଂଗ୍ରହ ନୀତି ଏବଂ ଏମ୍ଏସ୍ପି ବ୍ୟବସ୍ଥାର ସମୀକ୍ଷା କରିବାକୁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଆୟୋଗର ସୁପାରିସ ବାସ୍ତବବାଦୀ ମନେ ହୁଏ। ଆୟୋଗ ପକ୍ଷରୁ କୁହାଯାଇଛି ଦେଶରେ ଏବେ ବିଭିନ୍ନ ପୁଷ୍ଟିକର ଶସ୍ୟ (ନ୍ୟୁଟ୍ରି ସିରିଅଲ୍), ଡାଲି ଓ ତୈଳବୀଜର ଚାହିଦା ବଢ଼ିଛି। ଧାନ ଓ ଗହମ ଆବଶ୍ୟକତାଠାରୁ ବହୁ ଅଧିକ ଉତ୍ପାଦିତ ହେଉଛି। ଏହି ଖାଦ୍ୟ ଶସ୍ୟ ଚାଷ ବ୍ୟୟ ବହୁଳ, ଅଧିକ ପାଣି, ସାର ଓ କୀଟନାଶକ ଲୋଡ଼େ। ଖର୍ଚ୍ଚ ତୁଳନାରେ ଏହାର ଲାଭ କମ୍ ରହେ। ତେଣୁ ଏହା ଉପରେ ଅଧିକ ଏମ୍ଏସ୍ପି ଦେଇ ଏହି ଚାଷକୁ ଉତ୍ପାଦିତ କରାଯାଇ ପାରିବ ନାହିଁ। ଯେତିକି ଦରକାର ଘରୋଇ ଆବଶ୍ୟକତା ପୂରଣ ପାଇଁ ସେତିକି ଉତ୍ପାଦନ କରାଯିବା ଆବଶ୍ୟକ।

ଅପରପକ୍ଷରେ ଖାଉଟିଙ୍କ ଖାଦ୍ୟ ରୁଚି କ୍ରମଶଃ ବଦଳୁଛି। ସେମାନେ ଭାତ ଓ ରୁଟି ପରିବର୍ତ୍ତେ ନ୍ୟୁଟ୍ରି, ସିରିୟଲସ ଯଥା ବିଭିନ୍ନ ପ୍ରକାର ମିଲେଟ୍ସ, ଚଣା, ତୈଳବୀଜ ଓ ଡାଲିଜାତୀୟ ଶସ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ନିତି ଆୟୋଗର ତଥ୍ୟ ଅନୁସାରେ ୨୦୪୭ ଯାଏଁ ଏସବୁ ଫସଲର ଚାହିଦା ବଢ଼ିବ। ଏପରିକି ପିଆଜ, ରସୁଣ ଓ ମସଲା ଜାତୀୟ ଫସଲ ଚାଷ ଏବେ ଅଧିକ ଅର୍ଥକରୀ ସାବ୍ୟସ୍ତ ହେଉଛି। ତେଣୁ ସମୟକ୍ରମେ ଏହା ଉପରେ ସରକାର ଅଧିକ ଏମ୍ଏସ୍ପି ଦେବାକୁ ବାଧ୍ୟ ହୋଇପାରନ୍ତି। ଏହା ଫଳରେ ଧାନ, ଗହମ ଓ ଆଖୁ ଭଳି ବ୍ୟୟବହୁଳ ଫସଲର ଚାଷ କମିବାକୁ ବାଧ୍ୟ ହେବ। ବିଶ୍ୱର ସବୁ ଦେଶରେ କୃଷିକ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ଉତ୍ପାଦନ ଖର୍ଚ୍ଚ ବଢୁଥିବାରୁ ଚାଷୀମାନେ ସରକାରଙ୍କଠାରୁ ନାନା ପ୍ରକାର ରିହାତି ଓ ସହାୟତା ମାଗୁଛନ୍ତି। ତେବେ ଏହାର ମଧ୍ୟ ଏକ ସୀମା ରହିଛି। ତାକୁ ଟପିବା ଦେଶର ଅର୍ଥନୀତି ପାଇଁ ସମ୍ଭବ ନୁହେଁ।

ଭାରତ ସରକାର ଦେଶର କୃଷକମାନଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ରାଜକୋଷକୁ ପ୍ରାୟ ଖୋଲି ଦିଆଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତା' ସତ୍ତ୍ୱେ ସରକାରଙ୍କ ଉପରେ ଅଧିକ ଚାପ ପକାଇବା ଅନୁଚିତ। ସରକାର ଏବେ ଚାଷୀଙ୍କୁ ଶସ୍ତା ମୂଲ୍ୟରେ ସାର ଯୋଗାଇବା ପାଇଁ ୨୪୪୨୦ କୋଟି ଟଙ୍କାର ଏକ ରିହାତି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବିଶ୍ୱ ବଜାରରେ ବିଭିନ୍ନ ପ୍ରକାର ରାସାୟନିକ ସାରର ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଭାରତ ସରକାର ଆସନ୍ନ ଖରିଫ ଋତୁରେ ଚାଷୀଙ୍କୁ ପୁରୁଣା ମୂଲ୍ୟରେ ସାର ଯୋଗାଇ ଦେବେ। ୨୦୨୪-୨୫ ଖରିଫ ବର୍ଷ ପାଇଁ ଏହି ରିହାତି ଦିଆଯିବ।

ଚାଷୀଙ୍କ ପାଇଁ ଏବେ ସୁବର୍ଣ୍ଣ ସୁଯୋଗ ଆସିଛି। କେନ୍ଦ୍ର ସରକାର ଧାନ ଓ ଗହମର ଏମ୍ଏସ୍ପି ମୂଲ୍ୟ ନିତି ଆୟୋଗର ସୁପାରିସ କ୍ରମେ ସମୀକ୍ଷା କରନ୍ତୁ ବା ନ କରନ୍ତୁ, ଚାଷୀ କିନ୍ତୁ ଚାହିଦା ଥିବା ଅଣଧାନ ଓ ଅଣଗହମ ଅର୍ଥକରୀ ଫସଲ ଅଧିକ ଚାଷ କରି ଲାଭବାନ ହେବାକୁ ଉଦ୍ୟମ କରିବା ଆବଶ୍ୟକ। ଧାନ, ଗହମ ଓ ଆଖୁ ଆଦି ଆବଶ୍ୟକତା ଅନୁସାରେ ଚାଷ ହେଉ ଏବଂ ଅନ୍ୟ ଅର୍ଥକରୀ ଫସଲକୁ ଅଗ୍ରାଧିକାର ଦିଆଯାଉ। ଏହା ସମୟର ଆହ୍ୱାନ। ଏଥର ଖରିଫରୁ ଏ ପ୍ରକ୍ରିୟା ଆରମ୍ଭ ହେଉ।

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ରିଲାଏନ୍ସ-ଡିସନି ମିଶ୍ରଣ ପ୍ରସଙ୍ଗ

# ଟିଭି ଓ ଓଟିଟି ଜଗତର ନୂତନ ଯୁଗ



ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ଭାରତୀୟ ଟେଲିଭିଜନ ଓ ମନୋରଞ୍ଜନ ଶିଳ୍ପର ତିନି ପ୍ରମୁଖ ସଦସ୍ୟ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍', ଏହାର ପରିଚାଳନାଧୀନ 'ଭାୟାକମ ୧୮ ମିଡିଆ' ଓ ଯୁକ୍ତରାଷ୍ଟ୍ର ଆମେରିକାଭିତ୍ତିକ 'ଦି ୱଲଟ୍ ଡିସ୍‌ନି କର୍ପୋରେସନ' ୨୮ ଫେବୃୟାରୀ ୨୦୨୪ରେ ବ୍ୟବସାୟ ମିଶ୍ରଣ ନିମନ୍ତେ ଚୁକ୍ତି କରିଥିବା ଘୋଷଣା ହୋଇଛି। ୨୦୨୩ର ଆୟ ବିଚାରକୁ ନେଲେ ରିଲାଏନ୍ସ ଓ ଡିସ୍‌ନିର ଆୟ ପ୍ରାୟ ୨୩, ୩୨୧ କୋଟି ଟଙ୍କା। 'ବିଜିନେସ ଷ୍ଟାଣ୍ଡାର୍ଡ'ର ତଥ୍ୟ ଅନୁଯାୟୀ, ଭାରତୀୟ ଗଣମାଧ୍ୟମରେ ଏହି ଦୁଇ କମ୍ପାନୀର ମିଳିତ ରାଜସ୍ୱ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଗତବର୍ଷ ରାଜସ୍ୱ ଆଦାୟରେ 'ଗୁଗୁଲ ଇଣ୍ଡିଆ' ୨୮, ୦୪୦ ଟଙ୍କା ସହ ପ୍ରଥମ ସ୍ଥାନରେ ଥିବା ବେଳେ ତୃତୀୟ ସ୍ଥାନରେ ଥିବା ମେଟା ୧୮, ୩୦୮ କୋଟି ଟଙ୍କା ରାଜସ୍ୱ ପାଇଥିଲା। ଫେବୃୟାରୀ ୨୦୨୪ର ଚୁକ୍ତି ଅନୁଯାୟୀ, ରିଲାଏନ୍ସ ଓ ଡିସ୍‌ନିର ମିଶ୍ରଣ ସୁଚାରୁ ରୂପେ କାର୍ଯ୍ୟକାରୀ ହେଲେ ସର୍ବବୃହତ ଟେଲିଭିଜନ ପ୍ରତିଷ୍ଠାନର ମାନ୍ୟତା ଲାଭ କରିବ।

କରୋନା ମହାମାରୀ ପରବର୍ତ୍ତୀ ପରିବେଶରେ ମାନ୍ଦା ବ୍ୟବସାୟକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ମଞ୍ଚଗୁଡିକର ମିଶ୍ରଣ ଅବଶ୍ୟମ୍ଭାବୀ। ଏକପକ୍ଷରେ ଟେଲିଭିଜନ ମଞ୍ଚରେ ବିଜ୍ଞାପନ ରାଜସ୍ୱ କ୍ରମାଗତଭାବେ କମି ଚାଲିଥିବା ତଥା ଭବିଷ୍ୟତରେ ମଧ୍ୟ ଅନୁରୂପ ଧାରା ବଳବତ୍ତର ରହିବା ଆକଳନ କରାଯାଉଥିବା ବେଳେ ଅପରପକ୍ଷରେ ଡିଜିଟାଲ ମଞ୍ଚର ବିକାଶ ନିମନ୍ତେ ଅର୍ଥ ଆବଶ୍ୟକ ପଡୁଛି। ଏହି ଗୋଲକଧନ୍ଦାରୁ ମୁକ୍ତି ପାଇବା ନିମନ୍ତେ ଗଣମାଧ୍ୟମ ମଞ୍ଚଗୁଡିକ ମିଶ୍ରଣକୁ ଗୁରୁତ୍ୱ ଦେଉଛନ୍ତି। ଆଲୋଚ୍ୟ ଚୁକ୍ତି ଘୋଷଣା ପୂର୍ବରୁ ଜାପାନର ସୋନୀ କର୍ପୋରେସନ ଓ ଜୀ ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜ ମିଶ୍ରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତେବେ ବ୍ୟବସାୟ ପରିଚାଳନା ମତଭେଦ ହେତୁ ସେଥିରେ ଅଗ୍ରଗତି ଘଟି ନଥିଲା।

ରିଲାଏନ୍ସ-ଡିସନି ବୁଝାମଣା ଅନୁଯାୟୀ ମିଶ୍ରଣ ପରେ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍'ର ୧୬.୩୪ ପ୍ରତିଶତ, ରିଲାଏନ୍ସ ପରିଚାଳନାଧୀନ 'ଭାୟାକମ୧୮'ର ୪୬.୮୨ ପ୍ରତିଶତ ଏବଂ 'ଡିସନି'ର ୩୬.୮୪ ପ୍ରତିଶତ ଅଂଶଧନ ରହିବ। ରିଲାଏନ୍ସର 'ନେଟୱାର୍କ୧୮', 'ଭାୟାକମ୧୮' ଓ 'ଡିସନି' ମିଶ୍ରଣରେ କଲର୍ସ, ଷ୍ଟାରପ୍ଲସ, ଷ୍ଟାର ଗୋଲଡ୍ ଭଳି ମନୋରଞ୍ଜନ ତଥା ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ୧୮ ଭଳି କ୍ରୀଡ଼ା ଚ୍ୟାନେଲ ସାଙ୍ଗକୁ ଜିଓ ସିନେମା ଓ ଡିସନି-ହଟଷ୍ଟାର ଭଳି ଷ୍ଟ୍ରିମିଂ ମଞ୍ଚ ଏକତ୍ର ପରିଚାଳିତ ହେବ। ମିଳିତଭାବେ ଭାରତରେ ପ୍ରାୟ ୭୫ କୋଟି ଉପଭୋକ୍ତାଙ୍କ ନିକଟରେ ପହଞ୍ଚି ପାରିବ। ରିଲାଏନ୍ସ-ଡିସନି ମିଶ୍ରଣକୁ ପ୍ରାୟ ସତୁରି ହଜାର କୋଟି ଟଙ୍କା ମୂଲ୍ୟାୟନ କରାଯାଉଛି।



ରିଲାଏନ୍ସ ପକ୍ଷରୁ କୁହାଯାଇଛି ଯେ ରିଲାଏନ୍ସ-ଡିସନିର ମିଶ୍ରଣ ପରେ ଉଦୟ ଶଙ୍କର ଉପସଭାପତି ରୂପେ ଅବସ୍ଥାପିତ ହୋଇ କାର୍ଯ୍ୟଭାର ତୁଲାଇବେ। ରିଲାଏନ୍ସ ଇଣ୍ଡାଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଆମ୍ବାନୀଙ୍କ ପତ୍ନୀ ନୀତା ଆମ୍ବାନୀ ଅଧ୍ୟକ୍ଷ ପଦରେ ରହିବେ। ଭାରତୀୟ ଟେଲିଭିଜନ ଇତିହାସ ପୃଷ୍ଠାରେ ଉଦୟ ଶଙ୍କର ଏକ ଚର୍ଚ୍ଚିତ ନାମ। ସେ 'ଷ୍ଟାର ଇଣ୍ଡିଆ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ୨୦୦୭ରୁ ୨୦୨୦ ଯାଏଁ କାର୍ଯ୍ୟ କରିଥିଲେ। କୁହାଯାଏ ଯେ ୨୦୦୭ରେ ଷ୍ଟାର ଇଣ୍ଡିଆର ଆୟ ୧, ୬୦୦ କୋଟି ଟଙ୍କା ଥିବା ବେଳେ ୨୦୧୮ରେ ୧୮, ୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା। ଏହାର ଶ୍ରେୟ ଉଦୟ ଶଙ୍କରଙ୍କ ପରିଚାଳନା ଚାତୁର୍ଯ୍ୟକୁ ଯାଏ। ଉଦୟ ଶଙ୍କର ୨୦୨୪ରେ ୬୧ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଦେଶର ଦ୍ୱିତୀୟ ବୃହତ ଗଣମାଧ୍ୟମ ସଂସ୍ଥାକୁ ସେ କିପରି ଚଳାଇବେ ତାହା ସମୟ କହିବ। ତେବେ ରିଲାଏନ୍ସ ମାଲିକାନାରେ ମହାମାରୀ ପରବର୍ତ୍ତୀ ପରିବେଶରେ ଡିଜିଟାଲ ମଞ୍ଚର ଆଦର ବଢୁଥିବା ଏବଂ ଟେଲିଭିଜନ ବିଜ୍ଞାପନ ଆୟ ଶିଥିଳ ପଡ଼ିଆସୁଥିବା ଅର୍ଥନୀତି ପ୍ରତି ଗଣମାଧ୍ୟମ ସମୀକ୍ଷକମାନେ ତୀକ୍ଷଣ ଦୃଷ୍ଟି ରଖିବେ। କେତେକ ଆଶା କରୁଛନ୍ତି ରିଲାଏନ୍ସ ଡିଜିଟାଲ ମଞ୍ଚ ପ୍ରତି ଗୁରୁତ୍ୱାରୋପ କରିବ। କୃତ୍ରିମ ବୁଦ୍ଧିମତ୍ତା ଭଳି ପ୍ରଯୁକ୍ତି କୌଶଳ ଉପଯୋଗରେ ଦର୍ଶକଙ୍କ ରୁଚିକୈନ୍ଦ୍ରିକ ପ୍ରଦର୍ଶନ ପ୍ରତି ଧ୍ୟାନ ଦିଆଯିବ। ବିଜ୍ଞାପନ ବଦଳରେ ଗ୍ରାହକ ଦେୟ ରାଜସ୍ୱର ମୁଖ୍ୟ ସୂତ୍ର ପାଲଟିବ।

ଟେଲିଭିଜନ ଦର୍ଶକମାନଙ୍କ ରୁଚି କ୍ରମଶଃ ବଦଳିବାରେ ଲାଗିଛି। ଅଧିକ ସଂଖ୍ୟକ ସ୍ମାର୍ଟ ଟେଲିଭିଜନ ବ୍ୟବହାର ପରେ ଓଟିଟି ମଞ୍ଚର ଆଦର ବଢ଼ିଛି। ରିଲାଏନ୍ସ ହାତରେ ଜିଓ ସିନେମା ଓ ଡିସନି-ହଟଷ୍ଟାର ଭଳି ଆପ ଥିବା ହେତୁ ସେହି ମଞ୍ଚଗୁଡ଼ିକର ଗୁଣାତ୍ମକ ଅଭିବୃଦ୍ଧି ପ୍ରାଧାନ୍ୟ ପାଇପାରେ। ଆଲୋଚ୍ୟ ମିଶ୍ରଣରେ ରିଲାଏନ୍ସର ୫୮ ଗୋଟି ଚ୍ୟାନେଲ ସହ ଡିସନିର ଷ୍ଟାର ପ୍ଲସ ସହ ୭୦ ଗୋଟି ଚ୍ୟାନେଲ ସାମିଲ ହେବେ। ଏହାର ଦର୍ଶକ ସଂଖ୍ୟା ସମଗ୍ର ଦେଶର ମୋଟ ଟେଲିଭିଜନ ଦର୍ଶକ ସଂଖ୍ୟାରେ ୩୨ ପ୍ରତିଶତ ଯାଏଁ ସମ୍ପ୍ରସାରିତ ହେବ।

ବ୍ୟାବସାୟିକ ଦିଗରୁ ଗଣମାଧ୍ୟମ ମଞ୍ଚଗୁଡ଼ିକର ଏକତ୍ରୀକରଣ ବାଧ୍ୟବାଧକତାରେ ପରିଣତ ହୋଇଥିବା ବେଳେ ଏହି ବ୍ୟବସ୍ଥା ଗଣତନ୍ତ୍ର ପ୍ରତି ବିପଦର କାରଣ ରୂପେ ବିଚାର କରାଯାଏ। ଏକକ ମାଲିକାନା ଗଣମାଧ୍ୟମ ସ୍ୱାଧୀନତାର ପରିପନ୍ଥୀ। ବିବିଧତା ଗଣତନ୍ତ୍ରକୁ ପରିପୁଷ୍ଟ କରିଥାଏ। କିନ୍ତୁ ଏକତ୍ରୀକରଣ ଧ୍ରୁବୀକରଣ ଦିଗରେ ଗତି କରିପାରେ। ଆଲୋଚ୍ୟ ଯୌଥ ଉଦ୍ୟୋଗରେ ରିଲାଏନ୍ସ ୧୧, ୫୦୦ କୋଟି ଟଙ୍କା ନିବେଶ କରିବା ସୂଚିତ ହୋଇଛି। ଏତେ ପରିମାଣର ଆର୍ଥିକ କ୍ଷମତା ପ୍ରତିଯୋଗୀ ଚ୍ୟାନେଲଗୁଡ଼ିକ ନିମନ୍ତେ ବ୍ୟବସାୟରେ ବିଘଟନର କାରଣ ପାଲଟିପାରେ।

ହିନ୍ଦୀ ସମେତ ମରାଠୀ ଓ କନ୍ନଡ଼ ଭଳି ଆଞ୍ଚଳିକ ଭାଷାରେ ଉଭୟ 'ଭାୟକମ୧୮' ଓ 'ଡିସନି ଷ୍ଟାର' ଟେଲିଭିଜନ ଚ୍ୟାନେଲଗୁଡ଼ିକର ଲୋକାଦୃତି ରହିଛି। 'ଭାୟାକମ୧୮' ଓଡ଼ିଆ ସମେତ ଆଠଗୋଟି ଆଞ୍ଚଳିକ ଭାଷାରେ ଚ୍ୟାନେଲ ପ୍ରସାରିତ ହେଉଛି। ସେହିପରି 'ଡିସନି'ର ମଧ୍ୟ ଆଠଗୋଟି ଆଞ୍ଚଳିକ ଭାଷାରେ ଟେଲିଭିଜନ ଚ୍ୟାନେଲ ଉପଲବ୍ଧ। ଆଲୋଚ୍ୟ ମିଶ୍ରଣରେ ଆଞ୍ଚଳିକ ଭାଷାର ଚ୍ୟାନେଲଗୁଡ଼ିକର ଆର୍ଥିକ ନିବେଶ ବୃଦ୍ଧି ହେଲେ ଗୁଣାତ୍ମକ ବିକାଶ ଆଶା କରାଯାଇପାରେ। ରିଲାଏନ୍ସ-ଡିସନି ମିଶ୍ରଣ ପରେ ଜିଓ ସିନେମା ଓ ଡିସନି-ହଟଷ୍ଟାର ଦୁଇଗୋଟି ଓଟିଟି ମଞ୍ଚ ଜିଓ ଗ୍ରାହକମାନଙ୍କୁ ମାଗଣା ମିଳିପାରେ। ହିସାବ ଅନୁଯାୟୀ ଡିସନି-ହଟଷ୍ଟାର ୩ କୋଟି ୮୩ ଲକ୍ଷ ଓ ଜିଓ ସିନେମା ୨ କୋଟି ୩୭ ଲକ୍ଷ ଉପଭୋକ୍ତା ରହିଛନ୍ତି।

ରିଲାଏନ୍ସ-ଡିସନି ମିଶ୍ରଣ ପର୍ବ ୨୦୨୪ ଶେଷ କିମ୍ବା ୨୦୨୫ ଆରମ୍ଭ ସୁଦ୍ଧା ସାରିବା ଲକ୍ଷ୍ୟ ରଖାଯାଇଥିବା ଜଣାଯାଏ। ଭାରତରେ ଗଣମାଧ୍ୟମ ପରିସରରେ ଏକ ଶକ୍ତିଶାଳୀ ମଞ୍ଚ ଆବିର୍ଭାବରେ ପ୍ରତିଯୋଗୀ ମଞ୍ଚଗୁଡ଼ିକର ବ୍ୟାବସାୟିକ ଢାଞ୍ଚା ପରିବର୍ତ୍ତନ ଆବଶ୍ୟକ କରିବ। ଅପରପକ୍ଷରେ ଏକତ୍ରୀକରଣ ଓ ଧ୍ରୁବୀକରଣ ଦର୍ଶକଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆନଯାଇପାରେ। ଜିଓ ଫୋନ ଉପଭୋକ୍ତାମାନଙ୍କୁ ଜିଓ ସିନେମା ଓ ଡିସନୀ ହଟଷ୍ଟାର ମାଗଣାରେ ସେବା ପ୍ରଦାନ କରାଗଲେ ପ୍ରତିଯୋଗୀ ଛୋଟ ଓଟିଟି ମଞ୍ଚଗୁଡ଼ିକୁ ନିଜ କାର୍ଯ୍ୟକ୍ରମର କିଛି ଅଂଶ ମାଗଣାରେ ଦର୍ଶକ ମହଲରେ ଉପଲବ୍ଧ କରାଇବା ବାଧ୍ୟବାଧକତାରେ ପରିଣତ ହୋଇପାରେ। ରିଲାଏନ୍ସ-ଡିସନି ମିଶ୍ରଣ ଭାରତୀୟ ଗଣମାଧ୍ୟମ ପରିବେଶରେ ପରିବର୍ତ୍ତନର ସୁଦୂରପ୍ରସାରୀ ପ୍ରଭାବ ଆଶା କରାଯାଇପାରେ।

## ଲୋକମତ

### ବାଇକ୍ ରାଲିରେ ନିୟମାବଳୀ

ଆଗକୁ ଥିବା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ବାଇକ୍ ରାଲି ବା ଶୋଭାଯାତ୍ରା ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ରାଲିରେ ଭାଗ ନେଉଥିବା ଅନେକ ବାଇକ୍ ଚାଳକ ନିୟମାବଳୀକୁ ଅଣଦେଖା କରନ୍ତି। ତେଣୁ ରାଲିରେ ଭାଗ ନେବାକୁ ଥିବା ସମସ୍ତ ବାଇକ୍‌ର ପ୍ରଦୂଷଣ ପ୍ରମାଣପତ୍ର, ବୀମା, ପଞ୍ଜୀକରଣ ଇତ୍ୟାଦି ଯାଞ୍ଚ କରାଯାଇ ଅନୁମତିପତ୍ର ଦିଆଯାଉ। ଏତଦ୍‌ବ୍ୟତୀତ ରାଲିର ସମୟ ଓ ଯାତ୍ରା ପଥ ମଧ୍ୟ ନିଶ୍ଚିତ କରାଯାଉ। ସର୍ବୋପରି ଚାଳକ ଡ୍ରାଇଭିଂ ଲାଇସେନ୍ସ ସହିତ ହେଲମେଟ୍ ପିନ୍ଧି ଅନୁମତି ପତ୍ର ପାଇଥିବା ବାଇକ୍‌ଚାଳକ ରାଲିରେ ଭାଗ ନେଇ ଟ୍ରାଫିକ୍ ନିୟମାବଳୀ ମାନି ଶୋଭାଯାତ୍ରା କରନ୍ତୁ।

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

### ସଂଘର୍ଷରୁ ସଫଳତା

ଜୀବନରେ ସଫଳ ହେବା ଲାଗି ନିର୍ଦ୍ଦିଷ୍ଟ କୌଣସି ସୂତ୍ର ନ ଥିଲେ ସୁଦ୍ଧା ସବୁ ସଫଳ ବ୍ୟକ୍ତିଙ୍କ ନେପଥ୍ୟରେ ପରିଲକ୍ଷିତ କେତେକ ସମାନତା ହେଉଛି ଦୃଢ଼ ମନୋବଳ, କଠିନ ପରିଶ୍ରମ, ହାର ନ ମାନିବା, ଧୈର୍ଯ୍ୟ ଓ ସୁଯୋଗର ସଦୁପଯୋଗ। ନିକଟରେ ବିରଳ ସାଫଲ୍ୟ ଲାଭ କରି ଚର୍ଚ୍ଚାର ପରିଧିକୁ ଆସିଥିବା ଦୁଇ ଯୁବ କ୍ରୀଡ଼ାପ୍ରତିଭା ଉତ୍ତର ପ୍ରଦେଶର ରିଙ୍କୁ ସିଂ ଏବଂ କେରଳର ସଜୀବନ ସଜନା ଉଦାହରଣୀୟ। ରିଙ୍କୁ ଅଧୁନା ଭାରତୀୟ କ୍ରିକେଟ ଦଳର ଜଣେ ନିର୍ଭରଯୋଗ୍ୟ ବ୍ୟାଟସମ୍ୟାନ୍। ତାଙ୍କ ପିତା ଗ୍ୟାସ୍ ସିଲିଣ୍ଡର ଘରକୁ ଘର ବୁଲି ଯୋଗାଇ ଥା'ନ୍ତି। ଆର୍ଥିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରିଙ୍କୁ କେବେ ବି ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ। ସେହିଭଳି ମହିଳା ପ୍ରିମିୟର ଲିଗ୍ ୨୦୨୪ର ମୁମ୍ବାଇ-ଦିଲ୍ଲୀ ମ୍ୟାଚର ଶେଷ ବଲରେ ଛକ୍କା ମାରି ମୁମ୍ବାଇକୁ ଅବିଶ୍ୱସନୀୟ ଓ ରୋମାଞ୍ଚକ ବିଜୟ ଦେଇଥିବା କେରଳର ନିପଟ ମଫସଲ ମନ୍ନାଭାଡ଼ି ଗାଆଁର ୨୯ ବର୍ଷ ବୟସ୍କା ଲାଜକୁଳି ସଜନା ଏବେ ମହିଳା କ୍ରିକେଟର ନବ୍ୟ ତାରକା। ମାତ୍ର ଗୋଟିଏ ମ୍ୟାଚ ଓ ଗୋଟିଏ ବଲ୍ ଖେଳି ଅଜସ୍ର ପୁଲକ, ରୋମାଞ୍ଚ ଓ ଶିହରଣ ସୃଷ୍ଟି କରିଥିବା ମହିଳା କ୍ରିକେଟର ଏଇ ସୁନା ଝିଅର ସଫଳତା ପଛରେ ରହିଛି ଅନେକ ସଂଘର୍ଷ। ଅଟୋଚାଳକ ପିତା ଓ ପଞ୍ଚାୟତ ପରିଷଦର ସଦସ୍ୟା ମାତାଙ୍କ ଝିଅ ସଜନା ଧାନବିଲରେ ନଡ଼ିଆ ବରଡ଼ାକୁ ବ୍ୟାଟ ଓ କାଗଜଗୁଳାକୁ ବଲ୍ କରି କ୍ରିକେଟ ଖେଳ ଆରମ୍ଭ କରିଥିଲେ। ଆର୍ଥିକ ଦୁରବସ୍ଥା, ୨୦୧୮ରେ କେରଳର ଭୟାବହ ବନ୍ୟାରେ ସବୁ କିଛି ହରେଇଥିବା ଓ କରୋନା ମହାମାରୀରେ ଅବିଚଳିତ ରହି ଅଭ୍ୟାସ ଜାରି ରଖିଥିଲେ। ଅପେକ୍ଷା କରିଥିଲେ ଉପଯୁକ୍ତ ସମୟ ଓ ସୁଯୋଗକୁ। ସୁଯୋଗର ସଦୁପଯୋଗ କରିବାକୁ ଆଦୌ ଭୁଲିଲେ ନାହିଁ। ଆଜି ଯେତେବେଳେ ଆମର ଯୁବଗୋଷ୍ଠୀ ହତାଶାରେ ଜର୍ଜର ଓ ସାମାନ୍ୟ ବିଫଳତାରେ ମ୍ରିୟମାଣ ହୋଇ ଜୀବନ ହାରି ଦେବାକୁ ପଛାଉ ନାହାନ୍ତି, ସେତେବେଳେ ଏଇ ଦୁଇ ଯୁବଖେଳାଳିଙ୍କ ସରଳ ସୂତ୍ର 'ସଂଘର୍ଷରୁ ସଫଳତା' ଧ୍ୟେୟ ହେଉ। ବିଶ୍ୱବିଖ୍ୟାତ ଧାବକ ବୋଲ୍ଟଙ୍କ ମତରେ ' ମୁଁ ନଅ ସେକେଣ୍ଡ ଦୌଡ଼ିବା ପାଇଁ ଚାରି ବର୍ଷ ଅଭ୍ୟାସ କଲି, କିନ୍ତୁ କିଛି ଲୋକ କେଇ ମାସରେ ଫଳ ନ ପାଇ ହାର ମାନି ଯାଆନ୍ତି।

**ପ୍ରତାପ ନାୟକ**
**ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯**

### ଶସ୍ତା ହେଲାଣି ପେଟ୍ରୋଲ

ଖବର ପ୍ରକାଶ ପାଉଛି, ବିଜ୍ଞାପନ ବି ଆସୁଛି ଯେ ମୋଟର ସାଇକଲର ଚାହିଦା ବଢ଼ିଛି, ୨ଲକ୍ଷରୁ ୪ଲକ୍ଷରେ ଖୁବ ବିକ୍ରି ଚାଲିଛି। ଦାମିକା ଗାଡ଼ିର ବଜାର ଅଛି, ଗ୍ରାହକଙ୍କ ଆଗ୍ରହ ବି ଅଛି। ଏ ଗାଡ଼ିଗୁଡ଼ିକ କିଣିବା ବେଳେ ଗ୍ରାହକ ପଚାରେ ନାହିଁ 'ଭାଇ ମାଇଲେଜ କେତେ ଦେବ? ତେଲ ଦର ପା ୧୦୦ ଉପରେ?'। ମାଇଲେଜ କଥା ମୁଁ ବି ଚିନ୍ତା କରି ନଥିଲି। କାରଣ ନୂଆ ନୂଆ ଡାକ୍ତରୀ ଚାକିରିରେ ଯୋଗ ଦେଇଥାଏ। ଗାଡ଼ି ଚଢ଼ିବା ଗୋଟେ ସ୍ୱପ୍ନ ପୂରଣ ହେଲା ଭଳି ଲାଗୁଥିଲା। ଗାଡ଼ିରେ ତ ତେଲ ପଡ଼ିବ, ସରିବ ପୁଣି ପଡ଼ିବ। ମାଇଲେଜ ପୁଣି କ'ଣ? ୧୯୬୯ରେ ଯେତେବେଳେ ମଟର ସାଇକେଲ ଚଢୁଥିଲି, ପେଟ୍ରୋଲ ଲିଟର ଥିଲା ୧ଟଙ୍କା ୬ପଇସା। କିଣିଥିବା 'ରାଜଦୂତ'ର ଦାମ ଥିଲା ୩୯୩୬ ଟଙ୍କା ୧୫ ପଇସା। ବର୍ଷେ ପରେ ବଡ଼ଭାଇଙ୍କର ମୋଟର ସାଇକେଲ କିଣିବା ବେଳକୁ ଦାମ ୪୦୫୬ ଟଙ୍କା ୮୧ପଇସା। ରସିଦ ଏବେ ପୁରୁଣା ଫାଇଲରୁ ପାଇବା ପରେ ଗୋଟେ କଥା ମନକୁ ଆସିଲା ...ଆରେ ଦାମ ତ ବେଶି କିଛି ବଢ଼ିନି। ଡାକ୍ତର ଚାକିରୀରେ ପ୍ରଥମେ ମୋ ଦରମା ଥିଲା ୪୧୩ ଟଙ୍କା। ଏବେ ଡାକ୍ତରମାନେ ସରକାରୀ ଚାକିରି ବୋଧହୁଏ ୫୦-୬୦ହଜାର ଟଙ୍କାରୁ ଆରମ୍ଭ କରୁଥିବେ। ୭୦ ମସିହାରେ ୮ ଟଙ୍କା ମଜୁରୀରେ କାମ କରୁଥିବା ଶ୍ରମିକ ଏବେ ୬ଘଣ୍ଟା କାମ କରି ୮୦୦ ଟଙ୍କା ପାଉଛି। ତା'ହେଲେ ମୋଟର ସାଇକେଲର ଦାମ ୪ଲକ୍ଷରୁ ୫ ଲକ୍ଷ ହେବା କିଛି ବଡ଼ କଥା ନୁହେଁ। ସେତେବେଳେ ପେଟ୍ରୋଲ ଲିଟର ଥିଲା ୧ଟଙ୍କା ୬ପଇସା ମାନେ ଦରମାର ୪୦୦ ଭାଗରୁ ଭାଗେ। ଏବେ ସେମିତି ହିସାବ କଲେ ପେଟ୍ରୋଲ ଦାମ ବେଶୀ ନୁହେଁ, ବରଂ କମ ଲାଗିବ। ସେତେବେଳେ କାଁ ଭାଁ ଲୋକଙ୍କ ପାଖରେ ଦୁଇଚକିଆ ଆଉ କିଛି କିଛି ସମ୍ଭ୍ରାନ୍ତ ବ୍ୟବସାୟୀ କି ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କ ପାଖରେ ୪ଚକିଆ ଗାଡ଼ି ଥିଲା। ଏବେ ଗାଡ଼ି ରଖିବାକୁ ଦୋକାନ ବଜାର ରାସ୍ତାକଡ଼ରେ କୋଉଠି ଜାଗା ନାହିଁ। ଗାଡ଼ି ରଖିବାକୁ ପାର୍କିଂ ଖର୍ଚ୍ଚ ବି ଲୋକେ ଖୁସିରେ ଦେଉଛନ୍ତି। ମହଙ୍ଗା ଓ ବେକାରୀ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଲୋକମାନେ ବି ସରକାରଙ୍କ ବହୁ ଯୋଜନାରୁ ଫାଇଦା ଉଠାଉଛନ୍ତି। ଯଥେଷ୍ଟ ରୋଜଗାର କରି ଲୋକେ ଗାଡ଼ି ବି କିଣୁଛନ୍ତି ପେଟ୍ରୋଲ ବି ପକାଉଛନ୍ତି। ସମୟ ଅନୁସାରେ ଦରଦାମ ବଢ଼ିବା ଅବଶ୍ୟମ୍ଭାବୀ।

**ଡାକ୍ତର କୈଳାଶ ଚନ୍ଦ୍ର ମିଶ୍ର, ଚାନ୍ଦପୁର**

### ଗାଁରେ ଅଳିଆ ସଫେଇ

ସ୍ୱଚ୍ଛ ଭାରତ ଅଭିଯାନର ଅଂଶସ୍ୱରୂପ ଆଜିକାଲି ପ୍ରତ୍ୟେକ ଗାଆଁରେ ଅଳିଆ କୁଣ୍ଡ ତିଆରି କରାଯାଇଛି। ଉକ୍ତ କୁଣ୍ଡଗୁଡ଼ିକୁ ଓଦା, ଶୁଖିଲା ଏବଂ ପୁନଃବ୍ୟବହାରଯୋଗ୍ୟ ଆଦି ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି। ଦୁଃଖର ବିଷୟ, ଅନେକ ଗାଆଁରେ ଉକ୍ତ କୁଣ୍ଡଗୁଡ଼ିକରୁ ଅଳିଆ ଉଠାଇବାର ବ୍ୟବସ୍ଥା କରାଯାଉନାହିଁ କିମ୍ବା ସଫା କରା ଯାଉନାହିଁ। ଫଳରେ ଏଗୁଡ଼ିକ ଅସ୍ୱାଭାବିକ ପରିବେଶ ସୃଷ୍ଟି କରୁଛି। ଅନ୍ୟ କିଛିସ୍ଥାନରେ ସୁନ୍ଦର କୁଣ୍ଡ ତିଆରି ହୋଇ ପଡ଼ିରହିଛି, କିନ୍ତୁ ବ୍ୟବହାର ହୋଇ ପାରୁନାହିଁ। ତେଣୁ ସହରାଞ୍ଚଳ ଭଳି ଗ୍ରାମାଞ୍ଚଳମାନଙ୍କରେ ଅଳିଆ ଉଠାଇବାର ବ୍ୟବସ୍ଥା କରାଯାଉ।

**ଡ. ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**

### ବିଦ୍ୟୁତ୍ କାଟ ସମସ୍ୟା

ଓଡ଼ିଶାରେ ବିଦ୍ୟୁତ୍ କାଟ ଏକ ପ୍ରମୁଖ ସମସ୍ୟା। ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ମାନ ରହିଥିଲେ ମଧ୍ୟ ପରିଚାଳନାଗତ ବିଭ୍ରାଟ ଯୋଗୁଁ ବାରମ୍ବାର ବିଦ୍ୟୁତ୍ କାଟ ଲାଗି ରହିଛି। ବିଶେଷତଃ ଖରାଦିନ ଆସିଲେ ଅଧିକ ସମୟ ବିଦ୍ୟୁତ୍ କାଟ ହେଉଛି। ଏବେ ପରୀକ୍ଷା ଋତୁ ଚାଲିଛି। ଛାତ୍ରଛାତ୍ରୀମାନେ ପାଠ ପଢ଼ିବାରେ ଅସୁବିଧା ହେଉଛି। ବିଦ୍ୟୁତ୍ ବିତରଣ କମ୍ପାନୀମାନେ ବିଭିନ୍ନ ଆଳ ଦେଖାଇ ଗାଁ ଗହଳିରେ ସନ୍ଧ୍ୟା ସମୟରେ ବିଦ୍ୟୁତ୍ କାଟୁଛନ୍ତି। ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ବେଶୀ ପଡୁଛି। କେବଳ ସେତିକି ନୁହେଁ, ସନ୍ଧ୍ୟାରେ ବିଦ୍ୟୁତ୍ କାଟ ହେଲେ ଘରେ ଚାଲିଚଳଣି ପ୍ରଭାବିତ ହୁଏ। ଚୋରି ବଢ଼େ। ଏଣୁ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଏହି ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ଦେଲେ ସମାଜର ବହୁବିଧ କଲ୍ୟାଣ ସାଧନ ହୁଅନ୍ତା।

**ବୈଷ୍ଣବ ଚରଣ ଦାଶ, ବୁଗୁଡ଼ା(ଗଞ୍ଜାମ)**

ସକାଳ THE SAKALA

### ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

**ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟିତ**

# ଶାନ୍ତି ବିନା ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶ ଅସମ୍ଭବ: ରାଷ୍ଟ୍ରପତି



**କଟକ, ୧।୩ (ସମିସ):** ସାମ୍ପ୍ରତିକ ପରିବର୍ତ୍ତନଶୀଳ ସମାଜରେ ମଣିଷର ଜୀବନଶୈଳୀ ଓ ଜୀବନଚର୍ଯ୍ୟା ବଦଳି ଚାଲିଛି। ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷ, ଖାସ୍ କରି ଯୁବବର୍ଗ ପଥଭ୍ରଷ୍ଟ ଓ ଲକ୍ଷ୍ୟଭ୍ରଷ୍ଟ ହେଉଛି। ଶାନ୍ତିପ୍ରିୟ ମନୁଷ୍ୟ ଅଶାନ୍ତିର ବାତାବରଣ ଭିତରେ ଅଣନିଃଶ୍ୱାସୀ ହେବାରେ ଲାଗିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜ ଭିତରେ ନିଜକୁ ଖୋଜିବାକୁ ହେବ। ପଞ୍ଚେନ୍ଦ୍ରିୟକୁ ହଲ୍‌ଚଲ୍ ନକରି ଅଟଳ ରହବାକୁ ପଡ଼ିବ। ମଣିଷ ସମାଜକୁ ପରିବର୍ତ୍ତନ କରିବା ପୂର୍ବରୁ ନିଜକୁ ପରିବର୍ତ୍ତନ କରି ଶାନ୍ତିମାର୍ଗରେ ଚାଲିବା ଆବଶ୍ୟକ। ହିଂସା, କ୍ରୋଧ ଓ ଅପରାଧକୁ ଦମନ କରି ଶାନ୍ତିରେ ଜୀବନ ଅତିବାହିତ କରିବା ଜରୁରୀ। ଶାନ୍ତି ବିନା ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶ ଅସମ୍ଭବ ବୋଲି ଆଜି ଜବାହାର୍‌ଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଶାଖାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ରାଷ୍ଟ୍ରପତି ଶ୍ରୀମୀତୀ ମୁର୍ମୁ ତାଙ୍କ ଉଦ୍‌ବୋଧନରେ କହିଲେ ଯେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏକ ସଂସ୍ଥା ନୁହେଁ, ଏହା ଏକ ଜ୍ୟୋତିର୍ପୁଞ୍ଜ। ଏହି ମହାନ ପ୍ରତିଷ୍ଠାନ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିବିଶେଷ ହେଉଛନ୍ତି ଅମୃତର ସନ୍ତାନ। ଏହି ପ୍ରତିଷ୍ଠାନ ଜରିଆରେ ରାଜଯୋଗିନୀ, ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାରମାନେ ସାମାଜିକ ପରିବର୍ତ୍ତନ ଆଣୁଛନ୍ତି। ଯାହା ଆଗାମୀ ବିଶ୍ୱର ଭବିଷ୍ୟତକୁ ଉଜ୍ଜ୍ୱଳ କରିବ। ସଭାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ବାର୍ତ୍ତା ଦେଇ କହିଲେ ଯେ ମଣିଷ ଆଖିରେ ଯେଉଁ ଭଳି ଚଷମା ପିନ୍ଧେ, ତାକୁ ସମାଜର ଦୃଶ୍ୟ ଠିକ୍ ସେହିଭଳି ଦୃଶ୍ୟମାନ ହୁଏ। ଉଦାହରଣ ସ୍ୱରୂପ, ଜଣେ ନାଲି ଚଷମା ପିନ୍ଧିଛି, ତାକୁ ପ୍ରତ୍ୟେକ ଦୃଶ୍ୟ ନାଲି ହିଁ ଦେଖାଯିବ। ଏହି ନ୍ୟାୟରେ ଏଠାରେ ଉପସ୍ଥିତ ସମସ୍ତ ଶ୍ରୋତାମଣ୍ଡଳୀ ଏବଂ ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷ ଜୀବନରେ ସଫେଦ୍ ଚଷମା ପିନ୍ଧିବାକୁ ପଣ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ। ଏହି ଅବସରରେ ତାଙ୍କୁ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପରେ ସେ ଏହି ପ୍ରତିଷ୍ଠାନ ସହିତ ଜଡ଼ିତ ପ୍ରତ୍ୟେକଙ୍କୁ ଧନ୍ୟବାଦ ଦେଇଥିଲେ। ରାଜ୍ୟପାଳ ରଘୁବର ଦାସ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅନୁଷ୍ଠାନ ସମଗ୍ର ବିଶ୍ୱର ୧୪୭ଟି ଦେଶରେ ୮ ହଜାର ଶାଖାକୁ ନେଇ କେଉଁଭଳି ପରିବ୍ୟାପ୍ତ ହେଉଛି, ସେ ସମ୍ପର୍କରେ ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗଦେଇ ସଂସ୍ଥାନର ଭାଇ/ଭଉଣୀଙ୍କ ନୀତି, ଆଦର୍ଶ ଓ ଆଧ୍ୟାତ୍ମିକ ଚେତନା କେଉଁଭଳି ସାମାଜିକ ପରିବର୍ତ୍ତନ ଆଣୁଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ।

ସଭାରେ ରାଜଯୋଗିନୀ ବି.କେ ଚକ୍ରଧାରୀ ଦିଦି କହିଲେ ଯେ ୧୯୭୩ ଅଗଷ୍ଟ ୧୯ ତାରିଖରେ ଉତ୍କଳ ମାଟିରେ ଜନ୍ମ ନେଇଥିଲା ଏକ ନୂତନ ଚେତନା ଓ ଭାବନାର ସ୍ରୋତ। ଐତିହାସିକ ରୌପ୍ୟନଗରୀ କଟକରେ ବ୍ରହ୍ମାବାବାଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ରାଜଯୋଗିନୀ ଡକ୍ଟର କମଲେଶ୍ ଦିଦିଙ୍କ ଦ୍ୱାରା ସେବା କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ବି.ଡି ଜତ୍ତି, ଡକ୍ଟର ରାଧାନାଥ ରଥ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଓ ଡକ୍ଟର ବିଶ୍ୱନାଥ ଦାଶଙ୍କ ଭଳି ମହାନ ବ୍ୟକ୍ତିଙ୍କ ସହାୟତାରେ ଏହି ପ୍ରତିଷ୍ଠାନ ଗଢ଼ାଯାଇଥିଲା। ଏହା ଭିତରେ ଏହି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରାଜ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି ବୋଲି ସେ ମତ ଦେଇଥିଲେ। ରାଜଯୋଗିନୀ ଡଃ ବି.କେ କମଲେଶ ଦିଦି ଏବଂ ରାଜଯୋଗିନୀ ସିଲୁ ଦିଦି ସୁବର୍ଣ୍ଣ ଜୟନ୍ତୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରାଜଯୋଗିନୀ ବି.କେ ସୁଲୋଚନା ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜଯୋଗୀ ଡଃ ନଥମଲ୍ ଧନ୍ୟବାଦ ଦେଇଥିଲେ।

**ନିର୍ବାଚନରେ ହିଂସା ଏଡ଼ାଇବାକୁ କଡ଼ା ପଦେକ୍ଷପ**

# ମୁତୟନ ହେବେ କେନ୍ଦ୍ରୀୟ ସଶସ୍ତ୍ର ବଳ

**ଓଡ଼ିଶାରେ ମୁତୟନ ହେବେ ୭୫ କମ୍ପାନୀ**

**ସମ୍ବେଦନଶୀଳ ଓ ନକ୍ସଲ ପ୍ରବଣ ଅଞ୍ଚଳରେ ୩ଲକ୍ଷ ୪୦ହଜାର ସିଏପିଏଫ ଯବାନ**

**ଭୁବନେଶ୍ୱର, ୧।୩(ସମିସ):** ନିର୍ବାଚନରେ ହିଂସା ଏବଂ ଅନ୍ୟାନ୍ୟ ଅଘଟଣକୁ ଏଡ଼ାଇବା ପାଇଁ କଡ଼ା ପଦେକ୍ଷପ ନିଆଯାଇଛି। ସମ୍ବେଦନଶୀଳ ଓ ନକ୍ସଲ ପ୍ରବଣ ଅଞ୍ଚଳରେ ଅଧିକ ସିଏପିଏଫ୍ ଯବାନ ମୁତୟନ କରାଯିବ। ବିଶେଷକରି ଛତିଶଗଡ଼, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗରେ ମାଓବାଦୀ ସକ୍ରିୟ ଅଛନ୍ତି। ତେଣୁ ମାଓପ୍ରବଣ ଅଞ୍ଚଳକୁ ଅଧିକ ଫୋର୍ସ ମୁତୟନ କରିବା ପାଇଁ ନିର୍ବାଚନ କମିସନ୍ କହିଛନ୍ତି। ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ ହେବେ ୩ ଲକ୍ଷ ୪୦ ହଜାର ସିଏପିଏଫ ଯବାନ। ପ୍ରଥମ ପର୍ଯ୍ୟାୟ ଫୋର୍ସ ମୁତୟନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ସ୍ଥାନରେ ୨ହଜାର କମ୍ପାନୀ ବା ୨ ଲକ୍ଷ ଯବାନ ମୁତୟନ ହେବେ। ସେହିପରି ଅନ୍ୟ ଦେଢ଼ ଲକ୍ଷ ଯବାନ ପରବର୍ତ୍ତୀ ସମୟରେ ମୁତୟନ କରାଯିବ। ନକ୍ସଲ ହିଂସା ପ୍ରଭାବିତ ରାଜ୍ୟ ସମେତ ପଶ୍ଚିମବଙ୍ଗ ଏବଂ ଜାମ୍ମୁ ଓ କାଶ୍ମୀରରେ ଏହି ସପ୍ତାହ ଶେଷ ସୁଦ୍ଧା ଫୋର୍ସ ମୁତୟନ ହେବେ। ସେହିପରି ଆସନ୍ତା ୭ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଫୋର୍ସ ମୁତୟନ କରାଯିବ। ଅବାଧ ଓ ମୁକ୍ତ ନିର୍ବାଚନ ପାଇଁ ୩ ଲକ୍ଷ ୪୦ହଜାର ଫୋର୍ସ ମୁତୟନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ନିର୍ବାଚନ କମିସନଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ସେହିପରି ଓଡ଼ିଶାରେ ୭୫କମ୍ପାନୀ ଓଏପିଏଫ ଏବଂ ସିଆରପିଏଫ ମୁତୟନ ହେବେ। ସମ୍ପୃକ୍ତ ସ୍ଥାନ ବାବଦରେ ତଥ୍ୟ ହାସଲ ସହ ଆଗୁଆ ପ୍ରସ୍ତୁତ ହେବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ କରିବାକୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି। ବିଶେଷକରି ଓଡ଼ିଶାର ମାଓପ୍ରବଣ ଅଞ୍ଚଳକୁ ଅଧିକ ଯବାନ ପଠାଯିବ। ସେମାନେ ନିର୍ବାଚନ ପୂର୍ବରୁ ସେଠାରେ ରହିବେ। ନିର୍ବାଚନ ଶେଷ ପରେ ସେମାନଙ୍କୁ ପୁଣି ଅପସାରଣ କରି ନିଆଯିବ ବୋଲି ସୂଚନା ମିଳିଛି।

**■ ଆସନ୍ତା ୫ରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ**

# ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ

**ଭୁବନେଶ୍ୱର, ୧।୩ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ସେ ଚଣ୍ଡୀଖୋଲରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ଏବଂ ଏକ ଜନ ସମାବେଶରେ ଯୋଗ ଦେବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନିକସ୍ତରରେ ଆରମ୍ଭ ହୋଇଛି ପ୍ରସ୍ତୁତି। ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଶାସନ ତଥା ପୁଲିସ୍ ପ୍ରଶାସନର ବରିଷ୍ଠ ପଦାଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ସୂଚନା ଅନୁଯାୟୀ ୫ ତାରିଖରେ ପ୍ରଧାନମନ୍ତ୍ରୀ ତେଲଙ୍ଗାନାରୁ କାର୍ଯ୍ୟକ୍ରମ ସାରି ଅପରାହ୍ଣରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ହେଲିକପ୍‌ଟର ଯୋଗେ ସେ ଯାଜପୁର ଜିଲ୍ଲାର ଚଣ୍ଡୀଖୋଲରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ ଏବଂ ଏହା ପରେ ଏକ ସମାବେଶକୁ ସମ୍ବୋଧନ କରିବେ। କାର୍ଯ୍ୟକ୍ରମ ଶେଷ ପରେ ସନ୍ଧ୍ୟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ବିମାନ ଯୋଗେ କୋଲକାତା ଅଭିମୁଖେ ଯାତ୍ରା କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ, ବେରିକେଡିଂ ବ୍ୟବସ୍ଥା, ଆବଶ୍ୟକ ପାସ୍ ବ୍ୟବସ୍ଥା, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ସରବରାହ ବ୍ୟବସ୍ଥା, ଅଗ୍ନିଶମ ସେବା ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ମୁଖ୍ୟ ସଚିବ ବିସ୍ତୃତ ଆଲୋଚନା କରିଛନ୍ତି। ବୈଠକରେ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂହ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ବାଣିଜ୍ୟ ଓ ପରିବହନ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ଭୁବନେଶ୍ୱର-କଟକ ପୁଲିସ କମିଶନର ସଞ୍ଜୀବ କୁମାର ପଣ୍ଡା, ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ସମ୍ପୃକ୍ତ ଅନ୍ୟ ବିଭାଗର ସଚିବ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ସ୍ୱରାଷ୍ଟ୍ର ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡଃ. ସନ୍ତୋଷ ବାଲା ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ସମ୍ପର୍କରେ ବିଶଦ୍ ସୂଚନା ପ୍ରଦାନ କରିଥିଲେ।

**କେନ୍ଦୁଝରର ୪ ନେତାଙ୍କୁ ଛାତ୍ର ବିଜେଡି ସଂଯୋଜକ ଦାୟିତ୍ୱ**

## ଉମାକାନ୍ତ ପଟ୍ଟନାୟକ ଖୋର୍ଦ୍ଧା ବିଜେଡି ଉପସଭାପତି

**ଭୁବନେଶ୍ୱର, ୧।୩ (ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଡ଼ ଉମାକାନ୍ତ ପଟ୍ଟନାୟକଙ୍କୁ ଖୋର୍ଦ୍ଧା ଜିଲ୍ଲା ବିଜେଡିର ଉପ-ସଭାପତି ପଦରେ ନିଯୁକ୍ତି ଦିଆଯାଇଛି। ଅପରପକ୍ଷେ ଚାରି ଜଣ ନେତାଙ୍କୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବିଧାନସଭା କ୍ଷେତ୍ରରେ ବିଜୁ ଛାତ୍ର ଜନତା ଦଳର ସଂଯୋଜକ ଭାବେ ଅବସ୍ଥାପିତ କରାଯାଇଛି। ଅଭିଷେକ ବେହେରାଙ୍କୁ ଚମ୍ପୁଆ ନିର୍ବାଚନମଣ୍ଡଳୀର ଛାତ୍ର ବିଜେଡି ସଂଯୋଜକ, ଅମରେନ୍ଦ୍ର ଧଳଙ୍କୁ ଆନନ୍ଦପୁର, ନାରାୟଣ ସିଂଙ୍କୁ କେନ୍ଦୁଝର ସଦର ଏବଂ ଦୀନବନ୍ଧୁ ପତିଙ୍କୁ ତେଲକୋଇ ବିଧାନସଭା କ୍ଷେତ୍ରରେ ଛାତ୍ର ବିଜେଡିର ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

**■ ହାଇକୋର୍ଟରେ ଅଙ୍ଗନବାଡି କର୍ମୀଙ୍କ ବେତନ ବୃଦ୍ଧି ପ୍ରସଂଗ**

# ସତ୍ୟପାଠ ଦାଖଲ କରିବେ ଆବେଦନକାରୀ

**କଟକ, ୧।୩ (ସମିସ):** ଅଙ୍ଗନବାଡି କର୍ମୀ ମାନଙ୍କୁ ଅନ୍ୟ କେତେକ ରାଜ୍ୟ ତୁଳନାରେ ଯଥେଷ୍ଟ କମ ବେତନ ପ୍ରଦାନ କରାଯାଉଥିବା ପ୍ରସଂଗରେ ରୁଜୁ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ପ୍ରସଂଗରେ କେତେକ ଦସ୍ତାବିଜ ଓ ତଥ୍ୟ ସମ୍ବଳିତ ସତ୍ୟପାଠ ଦେବେ ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏଣୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ସତ୍ୟପାଠ ଦେବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ନୟାଗଡ ଜିଲ୍ଲା ଖଣ୍ଡପଡା ଅଞ୍ଚଳର ସବିତା ଦାସ ଓ ଅନ୍ୟ ତିନିଜଣ ଅଙ୍ଗନବାଡି କର୍ମୀଙ୍କ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶତକଡା ୪୦-୬୦ପ୍ରତିଶତ ଭାଗିଦାରୀରେ ଅଙ୍ଗନବାଡି ଯୋଜନା ଚାଲିଛି। ଜଣେ ଦିନ ମଜୁରିଆ ଦୈନିକ ୩୭୩ଟଙ୍କା ମଜୁରୀ ବାବଦକୁ ପାରିଶ୍ରମିକ ପାଉଥିବା ବେଳେ ଅଙ୍ଗନବାଡି କର୍ମୀମାନେ ମାସିକ ୭୫୦୦ ଟଙ୍କା ପାଉଥିଲେ। ଏବେ ଏହାକୁ ସରକାର ୧୦ହଜାରକୁ ବୃଦ୍ଧି କରିଛନ୍ତି। କିନ୍ତୁ ତାମିଲନାଡୁ ସରକାର ଅଙ୍ଗନବାଡ଼ି କର୍ମୀମାଙ୍କୁ ୨୪ହଜାର, ଦିଲ୍ଲୀ ସରକାର ମାସିକ ୧୯ହଜାର୫୦୦, ତେଲେଙ୍ଗାନା, ମଧ୍ୟପ୍ରଦେଶ ଓ ହରିୟାଣା ସରକାର ମାସିକ ୧୩ହଜାର୫୦୦ ସହିତ ଅନ୍ୟାନ୍ୟ ସୁବିଧା ଦେଉଥିବା ଦର୍ଶାଯାଇଥିଲା। ଅନ୍ୟ ରାଜ୍ୟ ଭଳି ଦରମା ସହ ଅବସରକାଳୀନ ସୁବିଧା ଯୋଗାଇବାପାଇଁ ପ୍ରାଥର୍ନା କରାଯାଇଛି। ଉକ୍ତ ମାମଲାକୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ୭କୁ ଧାର୍ଯ୍ୟ ହୋଇଛି।

## ଅବଶିଷ୍ଟାଂଶ...

### ବିଏସ୍‌ଏବିଟି ଲୋକାର୍ପିତ...

ସାହେବଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏହା ହେଉଛି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବାବା ସାହେବଙ୍କ ଅବଦାନ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବସ୍ ଟର୍ମିନାଲ ଭିତରେ ବାବା ସାହେବଙ୍କ ଜୀବନ ଓ ଆଦର୍ଶ ଉପରେ ଆଧାରିତ ଏକ ଗ୍ୟାଲେରୀ ନିର୍ମାଣ କରାଯାଇଛି। ସେହିପରି '୫-ଟି' ଉପକ୍ରମରେ ହୋଇଥିବା ଏହି ବସ୍ ଟର୍ମିନାଲ ବସ୍ ମାଲିକ, ବ୍ୟବସାୟୀ, ଯାତ୍ରୀ ତଥା ସମସ୍ତ ଜନସାଧାରଣଙ୍କ ସହଯୋଗରେ ନିର୍ମିତ ହୋଇଛି। ମୁଖ୍ୟମନ୍ତ୍ରୀ ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ବସ୍ ଟର୍ମିନାଲର ଉପଯୁକ୍ତ ରକ୍ଷଣାବେକ୍ଷଣରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିବା ସହ ଆହାର କେନ୍ଦ୍ର ପରିଦର୍ଶନ କରି ଯାତ୍ରୀମାନଙ୍କୁ ଖାଦ୍ୟ ପରଶିଥିଲେ। ସୂଚନାଯୋଗ୍ୟ, ୧୯୪୮ ମସିହାରୁ ହାତଗଣତି କେତୋଟି ବସ୍‌କୁ ନେଇ ଆରମ୍ଭ ହୋଇଥିବା 'ବରମୁଣ୍ଡା ବସ୍‌ଷ୍ଟାଣ୍ଡ' ଆଜି 'ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍'(ବିଏସ୍‌ଏବିଟି)ରେ ପରିବର୍ତ୍ତିତ ହୋଇଛି। ଏପରିକି ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଆଜି ବିମାନବନ୍ଦର ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପରି ଅତ୍ୟାଧୁନିକ ବସ୍ ଟର୍ମିନାଲରେ ରୂପାନ୍ତରିତ ହୋଇଛି। ଏହି ବସ୍ ଟର୍ମିନାଲ୍‌ରେ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ସବୁ ପ୍ରକାର ସୁବିଧା କରାଯାଇଛି। ଗ୍ରୀଷ୍ମର ତାତି ଓ ବର୍ଷାର ଦାଉରୁ ଯାତ୍ରୀଙ୍କୁ ସୁରକ୍ଷା ଦେବାକୁ ନିର୍ମାଣ ହୋଇଛି ଅତ୍ୟାଧୁନିକ ପ୍ରତୀକ୍ଷାଳୟ। ବିଭିନ୍ନ ଖାଦ୍ୟର ମଜା ନେବା ପାଇଁ ଖୋଲା ହୋଇଛି ଭଳିକି ଭଳି ଫୁଡ୍ କାଫେ। ମା' ମାନଙ୍କ ପାଇଁ ଫିଡ଼ିଂ ସେଣ୍ଟର, ପିଲାଙ୍କ ପାଇଁ କ୍ରୀଡ଼ା କେନ୍ଦ୍ର, ଆହାର ପ୍ଲସ୍‌ରେ ୫ଟଙ୍କାରେ ଖାଦ୍ୟ ସୁବିଧା। ଗୋଟିଏ ଶବ୍ଦରେ କହିବାକୁ ଗଲେ ବସ୍ ଯାତ୍ରୀମାନେ ଏହି ଟର୍ମିନାଲରେ ପାଇବେ ବିମାନବନ୍ଦର ସୁବିଧା। ଏଠାରେ ଜରୁରୀକାଳୀନ ଚିକିତ୍ସାଠାରୁ ଆରମ୍ଭ କରି ବ୍ୟବସାୟିକ କମ୍ପ୍ଲେକ୍ସ, ଏସ୍କାଲେଟର, ଲିଫ୍ଟ, ପ୍ରତୀକ୍ଷାଳୟ, ପୁଲିସ୍ ଫାଣ୍ଡି, ଡ୍ରାଇଭରମାନଙ୍କ ବିଶ୍ରାମ କକ୍ଷ, ଆହାର କେନ୍ଦ୍ର, ଫୁଡ୍ କୋର୍ଟ ଆଦି ସମସ୍ତ ସୁବିଧା ବି ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବିଜ୍ଞାନ ଓ ବୈଷୟିକ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତାକୁ ପ୍ରଶଂସା କରିଛନ୍ତି। ଏହି ବସ୍ ଟର୍ମିନାଲ ଭୁବନେଶ୍ୱରର ବିକାଶରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛି ଏବଂ ପରିବହନ କ୍ଷେତ୍ରରେ ସ୍ୱପ୍ନକୁ ପୂରଣ କରିଛି ବୋଲି କହିଛନ୍ତି। ଏହି ଅବସରରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥନନ୍ ସ୍ୱାଗତ ଭାଷଣ ପ୍ରଦାନ ଓ ବିଡିଏ ଅଧ୍ୟକ୍ଷ ବଲୱନ୍ତ ସିଂ ଭିସି ଧନ୍ୟବାଦ ଅର୍ପଣ କରିଥିଲେ।

### ଆଇନ ଅଧିକାରୀଙ୍କ...

ବର୍ତ୍ତମାନ ୧,୬୫୦ ପାଇବେ। ରିଟେନର୍ ପ୍ରାପ୍ୟ ବାବଦରେ ପୂର୍ବରୁ ୪,୦୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୬,୦୦୦ ଟଙ୍କା ପାଇବେ। ୮୫ ଜଣ ସ୍ୱତନ୍ତ୍ର ସରକାରୀ ଓକିଲ ପୂର୍ବରୁ ଦୈନିକ ପ୍ରାପ୍ୟ ବାବଦରେ ୧,୨୫୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧,୮୭୫ ଟଙ୍କା ପାଇବେ। ରିଟେନର୍ ପ୍ରାପ୍ୟ ବାବଦରେ ପୂର୍ବରୁ ୮,୨୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧୨,୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୨୯ ଜଣ ସରକାରୀ ଓକିଲ ଏବଂ ୧୧୩ ଜଣ ସହକାରୀ ସରକାରୀ ଓକିଲ ପୂର୍ବରୁ ରିଟେନର୍ ପ୍ରାପ୍ୟ ବାବଦରେ ୮,୨୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧୨,୩୦୦ ପାଇବେ।

### ଓଡ଼ିଶା ହେବ...

ବ୍ୟୟ କରି ଲଜିଷ୍ଟିକ୍ ପାର୍କ ସ୍ଥାପନ କରିଛି। କମ୍ପାନୀ ଏଠାରେ ୨୩୪ ଲୋକଙ୍କୁ ନିଯୁକ୍ତି ଦେବ। ବଲାଙ୍ଗିରରେ ଆଦିତ୍ୟ ବିର୍ଲା ରିନିୱେବଲ୍ସ ଲିମିଟେଡ୍ ୮୯ କୋଟି ଟଙ୍କା ବିନିଯୋଗ କରି ସୌର ଶକ୍ତି ଉତ୍ପାଦନ କାରଖାନା ପ୍ରତିଷ୍ଠା କରିଛି। ସେହିପରି ମୁଖ୍ୟମନ୍ତ୍ରୀ ଆଜି ଯାଜପୁରରେ ଏବିଆଇଏସ୍ ଏକ୍ସପୋର୍ଟ୍ସ ଇଣ୍ଡିଆ ଲିମିଟେଡ୍‌ର କାରଖାନା ଲୋକାର୍ପଣ କରିଛନ୍ତି। କମ୍ପାନୀ ୬୬.୩୩ କୋଟି ଟଙ୍କା ବିନିଯୋଗ କରିଛି ଏବଂ ୧୬୫୦ ଜଣଙ୍କୁ ନିଯୁକ୍ତି ଦେବ ବୋଲି କହିଛି। ଏନ୍‌କେ ଆନନ୍ଦ ଫୁଟ୍ ୱେର୍ସ ଖୋର୍ଦ୍ଧା ଚମ୍ପାଝର ଠାରେ ୬୨.୪୪ କୋଟି ଟଙ୍କା ବିନିଯୋଗ କରି ଜୋତା ଉତ୍ପାଦନ କେନ୍ଦ୍ର ସ୍ଥାପନ କରିଛି। ଏଠାରେ ୬୨୦ ଜଣ ଲୋକଙ୍କୁ ନିଯୁକ୍ତି ଦେବ। ସମ୍ବଲପୁରରେ ସିଗମା ଟ୍ୟୁବ୍‌ସ ଆଣ୍ଡ ପାଇପ୍ସ ପ୍ରାଇଭେଟ୍ ଲିମିଟେଡ୍ ୫୨ କୋଟି ଟଙ୍କା ବିନିଯୋଗରେ ଟ୍ୟୁବ୍ ଓ ପାଇପ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିଥିବା ବେଳେ ୬୦ ଜଣଙ୍କୁ ନିଯୁକ୍ତି ଦେବ। ମେଫେୟାର ହୋଟେଲ୍ସ ଆଣ୍ଡ ରିସୋର୍ଟ୍ସ ଝାରସୁଗୁଡ଼ାରେ ୫୦ କୋଟି ଟଙ୍କା ବ୍ୟୟରେ ଏକ ସମ୍ମିଳନୀ କେନ୍ଦ୍ର ପ୍ରତିଷ୍ଠା କରିଛି। ଏଠାରେ ୧୧୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ସାଇଜାର ଏଣ୍ଟରପ୍ରାଇଜ୍ ପ୍ରାଇଭେଟ୍ ଲିମିଟେଡ୍ ଯାଜପୁରର କଳିଙ୍ଗ ନଗର ଠାରେ ୨୮.୩୧ କୋଟି ଟଙ୍କା ବିନିଯୋଗ କରି ଲଜିଷ୍ଟିକ୍ ଓ ୱେରହାଉସ୍ ପ୍ରତିଷ୍ଠା କରିଛି। ଏଠାରେ ୬୫୦ ଜଣଙ୍କୁ ନିଯୁକ୍ତି ମିଳିବ।

ଆଜି ମୁଖ୍ୟମନ୍ତ୍ରୀ ୨୯ଟି ଶିଳ୍ପ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଦେଇଛନ୍ତି। ଏଗୁଡିକ ହେଉଛି ଖୋର୍ଦ୍ଧାରେ ଆମପିନ୍ ସୋଲାର୍ ୱାନ୍ କମ୍ପାନୀର ୯୫୦ କୋଟି ଟଙ୍କାର ଇଏମସି ପାର୍କ। ଏଠାରେ ୧୭୫୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ୯୦୦ କୋଟି ଟଙ୍କା ବ୍ୟୟରେ ଏପ୍ସିଲନ୍ କାର୍ବନ୍ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡ଼ାରେ ଇଣ୍ଟିଗ୍ରେଟେଡ୍ କାର୍ବନ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବ। କମ୍ପାନୀ ୬୦୦ ଲୋକଙ୍କୁ ନିଯୁକ୍ତି ଦେବ ବୋଲି କହିଛି। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ସମ୍ବଲପୁରରେ ୮୩୪ କୋଟି ଟଙ୍କା ବ୍ୟୟରେ ବ୍ୟାଟେରୀ ଫଏଲ୍ ଉତ୍ପାଦନ କରିବା ସହ ୧୦୩୮ ଜଣଙ୍କୁ ନିଯୁକ୍ତି ଦେବ। କାଲଡେରିସ୍ ଇଣ୍ଡିଆ ରିଫ୍ରାକ୍ଟୋରିଜ୍ ଲିମିଟେଡ୍ ଖୋର୍ଦ୍ଧାରେ ୭୨୩ କୋଟି ଟଙ୍କା ବିନିଯୋଗ କରିବା ସହ ୩୫୦ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବ। ଆଇଓନ୍ ଏକ୍ସଚେଞ୍ଜ ଇଣ୍ଡିଆ ଲିମିଟେଡ୍ ଜଗତସିଂହପୁରରେ ୩୦୩ କୋଟି ଟଙ୍କା ବିନିଯୋଗ କରି ଜଳ ବିଶୋଧନ କେମିକାଲ, ମୋନୋମର ଓ ପଲିମର୍ ଉତ୍ପାଦନ କରିବା ଏବଂ ୧୫୦ ଲୋକଙ୍କୁ ନିଯୁକ୍ତି ଦେବ। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ସମ୍ବଲପୁରରେ ହ୍ୱାଇଟ୍ ଫ୍ୟୁଜ୍ ଆଲୁମିନା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ। କମ୍ପାନୀ ୨୪୧ କୋଟି ଟଙ୍କା ବିନିଯୋଗ ସହିତ ୨୧୦ ଜଣଙ୍କୁ ନିଯୁକ୍ତି ଦେବ। ଏମ୍‌ଜିଏମ୍ ବାୟୋଫ୍ୟୁଏଲ୍ସ ବୌଦ୍ଧ ଜିଲ୍ଲାରେ ଇଥାନଲ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ୨୨୫ କୋଟି ଟଙ୍କା ବିନିଯୋଗ କରିବ। ଏମ୍‌ଜିଏମ୍ ରିସୋର୍ଟ୍ସ (ହାୟାତ୍ ରେସିଡେନ୍ସି) ପୁରୀରେ ୧୭୦ କୋଟି ଟଙ୍କା ବ୍ୟୟରେ ହୋଟେଲ/ରିସୋର୍ଟ ପ୍ରତିଷ୍ଠା କରି ୧୮୦ ଜଣଙ୍କୁ ନିଯୁକ୍ତି ଦେବ। ସେଞ୍ଚୁରୀ ଏକ୍ସଟ୍ରୁସନ୍ସ ଲିମିଟେଡ୍ ଝାରସୁଗୁଡ଼ାରେ ୧୬୦ କୋଟି ଟଙ୍କା ବିନିଯୋଗ କରିବା ସହ ଆଲୁମିନା ଉତ୍ପାଦନ କରି ୧୦୦୦ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ମିଲ୍କ ମନ୍ତ୍ରା ଡାଏରୀ ପ୍ରାଇଭେଟ୍ ଲିମିଟେଡ୍ ପୁରୀରେ ୫୧ କୋଟି ଟଙ୍କା ନିବେଶରେ ଦୁଗ୍ଧ ଉତ୍ପାଦ ପ୍ରସ୍ତୁତ କରିବା ସହ ୧୦୬୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବ।

### ୪ ବିଭାଗରେ...

ସମସ୍ତ ନବ ନିଯୁକ୍ତ ସଦସ୍ୟଙ୍କ ମାର୍ଗଦର୍ଶନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୫-ଟି ଉପକ୍ରମରେ ରୂପାନ୍ତରିତ ଆଧାରିତ ଶାସନ ବ୍ୟବସ୍ଥା ଦିଗରେ ଅଗ୍ରଗାମୀ ହେଉଛନ୍ତି। ଏହି ପଦକ୍ଷେପ ବିକାଶ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ସହ ପ୍ରତ୍ୟେକ କ୍ଷେତ୍ରରେ ରୂପାନ୍ତରଣ ଆଣିଛି। ଶେଷ ସ୍ତରରେ ଥିବା ଲୋକଙ୍କ ସହ ସମସ୍ତଙ୍କୁ ସଶକ୍ତ କରିଛି। ଟିମ୍ ୱାର୍କ, ଟେକ୍ନୋଲୋଜି, ସ୍ୱଚ୍ଛତା ଏବଂ ସମୟ ପରିଧି ମଧ୍ୟରେ ସମସ୍ତ କାର୍ଯ୍ୟ କରାଯାଉଥିବାରୁ ଦେଶରେ ଓଡ଼ିଶା ଏକ ଦ୍ରୁତ ବିକଶିତ ରାଜ୍ୟ ଭାବେ ପରିଗଣିତ ହେଉଥିବା ସେ କହିଛନ୍ତି। ଏହି ଅବସରରେ ପଞ୍ଚାୟତ ରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ଦୁଇ ଦଶନ୍ଧି ପୂର୍ବରୁ ରାଜ୍ୟର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିଲା। କୌଣସି ନୂତନ ନିଯୁକ୍ତି ମଧ୍ୟ ଦିଆଯାଉ ନ ଥିଲା। ଏପରିକି କର୍ମଚାରୀମାନେ ନିୟମିତ ଦରମା ମଧ୍ୟ ପାଉନଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ପ୍ରତି ରାଜ୍ୟଗୁଡ଼ିକ ମଧ୍ୟରେ ଏକ ଅଗ୍ରଣୀ ଅର୍ଥନୀତି ହୋଇପାରିଛି। ନିୟମିତ ଯୁବକଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହୋଇଥିବା ସେ ପ୍ରକାଶ କରିଛନ୍ତି। ନବନିଯୁକ୍ତି ପାଇଥିବା ପ୍ରଦୀପ କୁମାର ମେହେର, ସୂର୍ଯ୍ୟ ପ୍ରକାଶ ସାମନ୍ତ ସିଂଘାର, ସ୍ୱୟମ୍ ପ୍ରଭା ସାହୁ ଓ ସୁଭଜିତା ପୃଷ୍ଟି ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁଁ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ନିଯୁକ୍ତି ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛତାର ସହ ହେଉଥିବା ବେଳେ ମାତ୍ର ଚାରି ମାସ ମଧ୍ୟରେ ସେମାନଙ୍କୁ ନିଯୁକ୍ତ ଦିଆଯାଇଥିବା କହିଛନ୍ତି। ସେମାନେ ୫-ଟି ଉପକ୍ରମ ଅଧିନରେ ପରିବର୍ତ୍ତନଶୀଳ ଶାସନରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଚାୟତିରାଜ ବିଭାଗ ମୁଖ୍ୟ ଶାସନ ସଚିବ ଏସ୍.କେ ଲୋହାନି ସ୍ୱାଗତ ଭାଷଣ ଦେଇଥିବାବେଳେ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଛନ୍ତି।

### ମେ' ମାସରୁ...

କ୍ୱାଲାଲମ୍ପୁର ମଧ୍ୟରେ ସିଧାସଳଖ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିଥିଲା। ଏହି ବିମାନ ସେବା ବେଶ୍ ସଫଳ ରହିଥିଲା। ଉଭୟ ପଟୁ ଯାତ୍ରୀଙ୍କ ସଂଖ୍ୟା ଉତ୍ସାହଜନକ ରହିଥିବାରୁ ଆଉ ଗୋଟିଏ ଦୁଇଟି ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ସେବା ଆରମ୍ଭ ପାଇଁ କମ୍ପାନୀ ଯୋଜନା କରିଥିଲା। ତେବେ ୨୦୧୯ରେ କୋଭିଡ୍ ମହାମାରୀ ଆରମ୍ଭ ହେବା ପର ଠାରୁ ଏୟାର ଏସିଆର ଭୁବନେଶ୍ୱର-କୁଆଲାଲୁମ୍ପୁର ବିମାନ ସେବା ବନ୍ଦ ରହିଛି। ଦୁଇ ଦିନ ପୂର୍ବେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଏୟାର ଏସିଆର ବରିଷ୍ଠ କର୍ତ୍ତୃପକ୍ଷ କହିଛନ୍ତି ଯେ ଆସନ୍ତା ୩ ମାସ ମଧ୍ୟରେ ଆମେ ଭୁବନେଶ୍ୱର ଓ ବିଶାଖାପାଟଣାରୁ କୁଆଲାଲୁମ୍ପୁର୍ ମଧ୍ୟରେ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିବୁ। ଏଏଆଇର ଜଣେ ସ୍ଥାନୀୟ ବରିଷ୍ଠ ଅଧିକାରୀ କହିଛନ୍ତି, ମେ' ମାସରୁ ଭୁବନେଶ୍ୱର-କୁଆଲାଲୁମ୍ପୁର୍ ମଧ୍ୟରେ ସିଧାସଳଖ ଉଡ଼ାଣ ଆରମ୍ଭ ପାଇଁ ଏୟାର ଏସିଆ ଆମକୁ ପ୍ରସ୍ତାବ ଦେଇଛି। ପରବର୍ତ୍ତି ପ୍ରକ୍ରିୟା ପରେ ବିମାନ ସେବା ଆରମ୍ଭ ହେବାର ସମ୍ଭାବନା ଅଛି ବୋଲି କହିଛନ୍ତି।

### ଛାତ୍ରୀଙ୍କୁ ପଥରରେ...

କରିବାକୁ କହି ପରେ ଜଳଧରଙ୍କୁ ଘରକୁ ପଠାଇ ଦେଇଥିଲେ। ଏହି ଘଟଣା ପରେ ଶୁକ୍ରବାର ମଙ୍ଗଳପୁର ଗ୍ରାମ ନିକଟସ୍ଥ ମଜୁରୀ ଗ୍ରାମଠାରୁ ୫ଶହ ମିଟର ଦୂରରେ ଥିବା କଇଁଆଗଡ଼ାଣି ଖୋଲ ତଇଲାରେ ଯସ୍ମିନର ମୃତଦେହ ଏକ ବୁଦା ଭିତରେ ମୁହଁମାଡ଼ି ପଡ଼ିଥିବା କିଛି ଗ୍ରାମବାସୀ ଦେଖି ପୁଲିସ ଏବଂ ପରିବାରବର୍ଗଙ୍କୁ ଜଣାଇଥିଲେ। ଖବର ପାଇ ସଦର ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଜସ୍ମିନର ମୃତଦେହଟି ଏକ ବୁଦା ଭିତରେ ମୁହଁ ମାଡି ପଡ଼ିଥିବା ବେଳେ ତା'ର ଓଢ଼ଣୀ ଅନ୍ୟ ଏକ ସ୍ଥାନରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜସ୍ମିନର ମୃତଦେହ ନିକଟରେ ମଦ ବୋତଲ, ରକ୍ତଭିଜା ପଥର, ପାଣି ପାଉଚ, ପାଣି ଗ୍ଲାସ ପଡ଼ିଥିବାର ମଧ୍ୟ ଦେଖିବାକୁ ମିଳିଥିଲା। ଘଟଣାକୁ ନେଇ ଜଳଧର ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଅତିରିକ୍ତ ଏସପି, ସଦର ଥାନାଧିକାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ବିଜେପିର ପ୍ରଥମ ପ୍ରାର୍ଥୀ...

ବିଜୟୀ ହୋଇ ନ ଥିବା ୪ ଲୋକସଭା ଆସନ ସହ ମୋଟ ୧୦ଟି ଆସନ ସହ ୨୨ଟି ଆସନ ଜେଡିୟୁ, ଲୋକ ଜନଶକ୍ତି ପାର୍ଟି (ପାଶ୍ୱାନ) ଓ ଲୋକ ଜନଶକ୍ତି ପାର୍ଟି(ଏଲ୍‌ଜେପି)କୁ ଦେବାକୁ ଆପାତତଃ ନିଷ୍ପତ୍ତି ହୋଇଛି। ଝାଡ଼ଖଣ୍ଡରେ ଦଳ ୧୪ ଲୋକସଭା ଆସନ ମଧ୍ୟରୁ ଗୋଟିଏ ସହଯୋଗୀ ଏଜେଏସ୍‌ୟୁକୁ ପ୍ରଦାନ କରିବ ଓ ଅବଶିଷ୍ଟ ୧୩ଟି ଆସନରେ ପ୍ରାର୍ଥୀ ଦେବ। ପଞ୍ଜାବରେ ଅକାଳି ଦଳ ସହ ମେଣ୍ଟ ଚର୍ଚ୍ଚା ଅବ୍ୟାହତ ଥିବାରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ନାହିଁ। ତେବେ ପଟିଆଲା ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହଙ୍କ ପତ୍ନୀ ପରନିତ୍ କୌରଙ୍କୁ ଦଳ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି। ସେ ବିଜେପିରେ ଯୋଗଦେବା ପରେ ଏ ସଂକ୍ରାନ୍ତରେ ଘୋଷଣା ହେବ। ସେହିପରି ଚଣ୍ଡୀଗଡ଼ ଲୋକସଭା ଆସନରୁ ଅଭିନେତ୍ରୀ କିରଣ ଖେରଙ୍କ ବଦଳରେ ପୂର୍ବତନ କ୍ରିକେଟର ଯୁବରାଜ ସିଂହ ବା ସିନେତାରକା କଙ୍ଗନା ରଣାୱତଙ୍କୁ ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। ଆସାମର ୧୪ ଲୋକସଭା ଆସନ ମଧ୍ୟରୁ ୧୧ଟିରେ ବିଜେପି ପ୍ରତିଦ୍ୱନ୍ଦ୍ୱିତା କରିବ। ଅବଶିଷ୍ଟ ୩ଟି ଆସନ ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବରାଲ (ୟୁପିପିଏଲ୍) ଓ ଆସାମ ଗଣ ପରିଷଦ (ଏଜିପି)କୁ ଛାଡ଼ିବ। ଏଜିପି ଗୋଟିଏ ଓ ୟୁପିପିଏଲ୍ ୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅପରପକ୍ଷରେ ତେଲଙ୍ଗାନା, ଆନ୍ଧ୍ର ଓ ତାମିଲନାଡୁ ନେଇ ବୈଠକରେ ଦୀର୍ଘ ବିଚାରବିମର୍ଷ ହୋଇଛି। ତାମିଲନାଡୁରେ ପୁନର୍ବାର ଏଆଇଡିଏମ୍‌କେ ସହ ମେଣ୍ଟ କରିବାକୁ ବିଜେପି ଚାହୁଁଛି, ମାତ୍ର ଏ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିବାରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ନାହିଁ। ସେହିପରି ଆନ୍ଧ୍ରରେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଓ ପୱନ କଲ୍ୟାଣଙ୍କ ଜନସେନା ସହ ମଧ୍ୟ ଆସନ ବୁଝାମଣା ହୋଇ ପାରିନାହିଁ। ବୁଝାମଣା ହୋଇ ନ ପାରିଲେ ଦଳ ଆନ୍ଧ୍ରପ୍ରଦେଶର ସବୁ ଆସନରେ ଏକାକୀ ପ୍ରାର୍ଥୀ ଦେବ। ସେହିପରି ତେଲଙ୍ଗାନାରେ ଦଳ ଏକାକୀ ନିର୍ବାଚନ ଲଢ଼ିବ ବୋଲି ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।

**ହାଇକୋର୍ଟରେ ନର୍ସିଂ ଅଫିସର ନିଯୁକ୍ତି ପ୍ରସଂଗ**

## ଯୋଗ୍ୟ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ସୁପାରିସ କରିବ ଓଏସ୍‌ଏସ୍‌ସି

**କଟକ, ୧।୩ (ସମିସ):** କୋଭିଡ ବେଳେ ନିୟୋଜିତ ଥାଇ ସୁଦ୍ଧା ନର୍ସିଂ ଅଫିସର ପଦରେ ନିଯୁକ୍ତି ପାଇଁ ୫ ପ୍ରତିଶତ ଅଗ୍ରାଧିକାର ମାର୍କ ପ୍ରଦାନ କରା ନଯିବାରୁ କେତେକ ପ୍ରାର୍ଥୀ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ଏହା ବିରୋଧରେ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବି.ଅଜୟ କୁମାର ପାତ୍ର ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିପକ୍ଷ ଓଏସଏସସି(ଓଡ଼ିଶା ସବଅର୍ଡିନେଟ ଷ୍ଟାଫ ସିଲେକ୍ସନ କମିସନ) ଆବେଦନକାରୀମାନଙ୍କୁ ସେମାନଙ୍କ ପ୍ରମାଣପତ୍ର ଉପସ୍ଥାପନ ପାଇଁ ସୁଯୋଗ ପ୍ରଦାନ କରିବ। ଏପରିକି ସ୍ଥାନୀୟ ପ୍ରଶାସନ ଦ୍ୱାରା ଏଗୁଡ଼ିକୁ ଯାଞ୍ଚ କରାଯିବ। ଏହା ପରେ ଯଦି ଆବେଦନକାରୀ ଯୋଗ୍ୟ ହୋଇଥାନ୍ତି, ସେମାନଙ୍କ ନାମକୁ ମେଧା ତାଲିକାରେ ଅନ୍ତର୍ଭୁକ୍ତ କରି ଓଏସଏସସି ପକ୍ଷରୁ ଖାଲି ନର୍ସିଂ ଅଫିସର ପଦରେ ନିଯୁକ୍ତି ପାଇଁ ସରକାରଙ୍କୁ ସୁପାରିଶ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ୨୦୨୩ ମସିହା ଜାନୁୟାରୀ ୨୧ରେ ଜିଲ୍ଲା କ୍ୟାଡରର ମୋଟ ୭୪୮୩ ନର୍ସିଂ ଅଫିସର ପଦବୀରେ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ଦରଖାସ୍ତ କରିଥିଲେ ଆବେଦନକାରୀ। ୨୦୨୨ର ନିୟମାବଳୀ ଓ ବିଜ୍ଞପ୍ତି ସର୍ତ୍ତ ଅନୁସାରେ କୋଭିଡ ବେଳେ ସେବା ଯୋଗାଇଦେବା ସ୍ୱାସ୍ଥ୍ୟକର୍ମୀଙ୍କୁ ୫ ପ୍ରତିଶତ ଅତିରିକ୍ତ ଅଗ୍ରାଧିକାର ମାର୍କ ପ୍ରଦାନ କରାଯିବା କଥା। ହେଲେ ସେମାନଙ୍କ କ୍ଷେତ୍ରରେ ଏହା ଲାଗୁ କରାଯାଇନଥିଲା। ଫଳରେ ସେମାନେ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ଏବେ କେତେକ ପଦବୀ ଖାଲିପଡ଼ିଥିବା ବେଳେ ସେମାନଙ୍କୁ ସୁଯୋଗ ଦିଆଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ତେବେ କେତେକ ଆବେଦନକାରୀ ଉପରୋକ୍ତ ପଦରେ ଦରଖାସ୍ତ ବେଳେ ୫ପ୍ରତିଶତ ଅଗ୍ରାଧିକାର ମାର୍କ ପାଇଁ ଦାବି କରି ନଥିଲେ ବୋଲି ମାମଲାର ଶୁଣାଣି ବେଳେ ଓଏସଏସସି ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ନିଖିଳ କଲ୍ୟାଣ ଶିକ୍ଷକ ସଂଘ

**ଗମ୍ଭାରିପଦା/କାକଟପୁର, ୧।୩ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭ ଉଦଘାଟନ ହୋଇଥିବାରୁ, ଓଡ଼ିଶାର ସର୍ବ ବୃହତ ବସ୍ ଟର୍ମିନାଲକୁ ସମ୍ବିଧାନର ଜନକ 'ବାବାସାହେବ ଭୀମରାଓ ଆମ୍ବେଦକର ବସ ଟର୍ମିନାଲ' ଭୁବନେଶ୍ୱର ନାମ ଅନୁସାରେ ନାମିତ କରିଥିବାରୁ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଉପସଭାପତି ଦୈତାରି ଦିଗାଲ ସମ୍ପାଦକ ବିଜୟ ରଥ ସହ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଅନିମା ମହାପାତ୍ର, ତ୍ରିଲୋଚନ ପଣ୍ଡା, ଦୁଷ୍ମନ୍ତ କୁମାର ବେହେରା, ରମେଶ ସାହୁ, ମୋହନ ମାଝୀ, ଦ୍ୱିତୀ ସାହୁ, ଉମେଶ ବେହେରା, ବିରଞ୍ଚି ସାହୁ, ଉମାଶଙ୍କର ପଣ୍ଡା, ବିପିନି ବିଶ୍ୱାଳ, ପ୍ରଶାନ୍ତ ସେଠି, ପ୍ରଶାନ୍ତ ନାୟକ, ମଦନ ହୋତା, ରାଜୀବ ପାତ୍ର, ତନୁରେଖା ନାୟକ, ରାଜେନ୍ଦ୍ର ଜଗତ, ଶେଷଦେବ ନନ୍ଦ, ପ୍ରଫୁଲ୍ଲ ଜଗତ, ଦିପକ ଦଣ୍ଡପାଟ, ଲକ୍ଷ୍ମନ ବଳିଆର ସିଂ, ତେଜସ୍ୱିନି ନାୟକ, ସଞ୍ଜୀବ ସାହୁ, ଗୋପାଳ ଜଗତ, ସୁଧିର ସାହୁ, ବସନ୍ତ ମାଝୀ, ନରହରି ଜାନି, କାଳିକିଙ୍କର ପଟ୍ଟନାୟକ, ସମେତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ବହୁ ଆଦିବାସୀ ପ୍ରେମୀ ବ୍ୟକ୍ତି ବିଶେଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଅଧ୍ୟକ୍ଷ ବିଜୟ ନାୟକ, ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଙ୍କୁ ଅଶେଷ ଅଶେଷ କୃତଜ୍ଞତା ଜଣାଇଛନ୍ତି।

## ରାତିରେ କଂଗ୍ରେସ କାର୍ଯ୍ୟାଳୟକୁ ଢେଲା ଓ ବୋତଲ ମାଡ଼

**ନିମାପଡ଼ା, ୧।୩ (ସମିସ):** ନିମାପଡ଼ା ଥାନା ନିକଟରେ ଥିବା କଂଗ୍ରେସ ଅଫିସ ଫାଟକକୁ ଗୁରୁବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଢେଲା ପଥର ଓ କାଚ ବୋତଲ ମାଡ କରିବା ସହିତ ନିକଟରେ ଥିବା ଦଳୀୟ ନେତାଙ୍କ ବ୍ୟାନର ଓ ହୋଡିଂକୁ ପୋଡି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗରୁ ଜଣାଯାଇଛି ଯେ ଥାନା ନିକଟରେ କଂଗ୍ରେସ ନେତା ସିଦ୍ଧାର୍ଥ ରାଉତରାୟଙ୍କ କାର୍ଯ୍ୟାଳୟ ରହିଛି। ଗୁରୁବାର ବିଳମ୍ବିତ ରାତ୍ରରେ କେହି ଦୁର୍ବୃତ୍ତ କାର୍ଯ୍ୟାଳୟ ବନ୍ଦ ଥିବା ବେଳେ ଗ୍ରୀଲକୁ ଢେଲା ଓ କାଚ ବୋଲତ ମାଡ କରିବା ସାଙ୍ଗକୁ ବାହାରେ ଲାଗିଥିବା କଂଗ୍ରେସ ନେତାଙ୍କ ବ୍ୟାନର ଓ ହୋଡିଂକୁ ଛିଣ୍ଡାଇ ଚିରି ପୋଡିଦେଇଛି। ଏ ସମ୍ପର୍କରେ ଶ୍ରୀ ରାଉତରାୟ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଧୁମାଳ ପଞ୍ଚାୟତରେ ଭତ୍ତା ବଣ୍ଟନ



**ନୟାହାଟ, ୧।୩(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ପଞ୍ଚାୟତ ସରପଞ୍ଚ ମୋନାଲିସା ସିଂ ନେତୃତ୍ୱରେ ଭତା ପ୍ରଦାନ କରାଯାଇଛି। ପଞ୍ଚାୟତର ୧୦୫ ଜଣ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ନୂତନ ଭତ୍ତା ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତର ସମିତି ସଭ୍ୟା ଭାନୁମତି ମାଣିକ, ନାୟବ ସରପଞ୍ଚ ଅଶୋକ କୁମାର ସାହୁ, ଯୁବ ନେତା ଅଭିମନ୍ୟୁ ସିଂ, ସହିତ ପଞ୍ଚାୟତ ଅଫିସର, ଜିଆରଏସ ଓ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ।

## ବାସୁଦେବଙ୍କ ମହାଯଜ୍ଞରେ ଅନ୍ନବସ୍ତ୍ର ପ୍ରଦାନ

**ନୟାହାଟ, ୧।୩(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ପଞ୍ଚାୟତ ଆଲୁଦଣ୍ଡା ପାଟଣା ଗ୍ରାମର ସମାଜସେବୀ ଭାଗିରଥି ବେହେରାଙ୍କ ତତ୍ୟବଧାନରେ ଶୁକ୍ରବାର ଦିନ ମଧ୍ୟାହ୍ନରେରେ ବାସୁଦେବଙ୍କ ଚତୁର୍ଥ ବର୍ଷ ମହାଯଜ୍ଞ ଉତ୍ସବ ରେ ବ୍ରାହ୍ମଣ, ସାଧୁସନ୍ଥ, ଗରିବ ବୃଦ୍ଧ ଓ ବୃଦ୍ଧାଙ୍କୁ ଭୋଜନ ସହିତ ବସ୍ତ୍ର ଦକ୍ଷିଣା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ ଉପସ୍ଥିତ ରହି ବସ୍ତ୍ର ପ୍ରଦାନ କରିଥିଲେ। ଯୁବ ସମାଜସେବୀ ଭାଗିରଥି ବେହେରାଙ୍କୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରାହ୍ମଣ, ସାଧୁସନ୍ଥ ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଥିଲେ।



## ସମ୍ବର୍ଦ୍ଧନା ସଭା

**ଟାଙ୍ଗୀ, ୧।୩(ସମିସ):** ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ ଙ୍କ ସଭାପତିତ୍ୱରେ ରାମେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ସାହୁଙ୍କ ଅବସରକାଳୀନସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ସହ ଶିକ୍ଷାଧିକାରୀ ସାବିତ୍ରୀ ସାହୁ, ସୁଧାଂଶୁ ମଞ୍ଜରୀ ଦେବୀ, ସଂଯୁକ୍ତା ବେହେରା, ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପରିଡ଼ା, ସିଆରସିସି ଅମିତ ଚକ୍ରବର୍ତ୍ତୀ, ଶରତ ଚନ୍ଦ୍ର ଦାସ, ରଜତ ଦଳାଇ ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ମହାନତା, ଆଦର୍ଶ, କୃତିତ୍ୱ ସମ୍ପର୍କରେ ମତାମତ ଦେଇଥିଲେ। ଶିକ୍ଷାଧିକାରୀ ଆଜି ଅବସର ଗ୍ରହଣ କରୁଥିବା ଶିକ୍ଷକଙ୍କ ସମସ୍ତ ପ୍ରାପ୍ୟ ଓ ପେନସନ ପ୍ରଦାନ କରିଥିଲେ।

# ଭୋଦର ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଚାରିଛକ, ୧।୩ (ସମିସ)**

ପୁରୀ ଜିଲ୍ଲା ଚାରିଛକ ୨୧ନଂ ଜୋନର ଭୋଦର ପଞ୍ଚାୟତରେ ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ, ଗାଁକୁ କାମ ମାଆକୁ ସମ୍ମାନ ଏବଂ ଗାଁ ଗାଁ ରେ ହୋଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ଭାରତରେ ଏକ ନମ୍ବର ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଭୋଦର ପଞ୍ଚାୟତରେ ଜଗତସିଂହପୁର ସାଂସଦ ପ୍ରତିନିଧି ସୁଧିର ରଞ୍ଜନ ଦାଶଙ୍କ ନେତୃତ୍ୱରେ ପଞ୍ଚାୟତ ବିଜେଡି ସଭାପତି ରମାରମଣ ଦେବ ପାତ୍ର, ବରିଷ୍ଠ ନେତୃତ୍ୱ ପ୍ରଶାନ୍ତ କୁମାର ବେହେରା, ନାଏବ ସରପଞ୍ଚ ସୁଧାଂଶୁ ଭୁଷଣ ପ୍ରଧାନ, ପର୍ଯ୍ୟବେକ୍ଷକ ବିଶ୍ୱନାଥ ତ୍ରିପାଠୀ, ଯୁବନେତା ଅଧିନ ପାତ୍ର, ତୋଫାନ ପ୍ରଧାନ, ପ୍ରଫୁଲ୍ଲ ପାତ୍ର, କାର୍ତ୍ତିକ ପଳତା, ଚିତ୍ତରଞ୍ଜନ ଜେନା ପ୍ରମୁଖ ପଞ୍ଚାୟତର କନ୍ତିଲୋ, ଓଳାଂଶ, ଅଶୁରୀଢିପ ଆଦି ଗ୍ରାମର ଘରକୁ ଘର ଯାଇ ଶଙ୍ଖ ଚିହ୍ନରେ ଭୋଟଦେଇ ନବୀନ ବାବୁଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ସହିତ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ପୁର୍ନବାର ଚତୁର୍ଥ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ।




### ୬ଟି ପଞ୍ଚାୟତକୁ ଯୋଡ଼ିଲା ବିଜୁ ସେତୁ

## ମୁଖ୍ୟମନ୍ତ୍ରୀ ସଡ଼କ ଦେଲା ଯାତାୟାତ ପାଇଁ ସୁଯୋଗ



**ପିପିଲି, ୧।୩(ସମିସ)**

ବହୁ ଦିନର ସ୍ୱପ୍ନ ପୁରଣ ହେଲା। ଗାଁକୁ ଗାଁ ପଞ୍ଚାୟତକୁ ପଞ୍ଚାୟତ ଯୋଡ଼ିଲା ବିଜୁ ସେତୁ। ଦୀର୍ଘ ଦିନ ଧରି ଲାଗି ରହିଥିବା ଲୋକମାନଙ୍କ ସମସ୍ୟା ଦୂର ହେବ। ପିପିଲି ବ୍ଲକ ତେଇଶପୁର ପଞ୍ଚାୟତର ସୋଲଣା ଗ୍ରାମରେ ମାଟି ନଦୀ ଉପରେ ନୂତନ ବିଜୁ ସେତୁ ନିର୍ମାଣ କରାଯିବା ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୫ କୋଟି ୪୫ ଲକ୍ଷ ୨୨ ହଜାର ୩୪ ଟଙ୍କା ଅଟକଳ ମୂଲ୍ୟରେ କାର୍ଯ୍ୟ ଆରମ୍ଭ କରାଯିବ। ଏହା ଶୁକ୍ରବାର ଠାରୁ କାର୍ଯ୍ୟ ଆରମ୍ଭ ହୋଇ ଛଅ ମାସରେ ଶେଷ ହେବ। ତାରିଣି ପ୍ରସାଦ ଦାଶ ଠିକାଦାର ଭାବରେ କାର୍ଯ୍ୟ ସମ୍ପାଦନ କରିବେ। ଏହି ବିଜୁ ସେତୁ ଦ୍ୱାରା ତେଇଶପୁର, ଚନ୍ଦ୍ରାଦେଇପୁର, ରୁପଦେଇପୁର, ସରସ୍ୱତୀପୁର, ଦୁର୍ଗାଦାଶପୁର ମଙ୍ଗଳପୁର ଆଦି ପଞ୍ଚାୟତର ଅଧିବାସୀମାନେ ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଦେବସ୍ୱନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ ସ୍ୱାଇଁ. ସହକାରୀ ଯନ୍ତ୍ରୀ ସରୋଜ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ରୁପଦେଇପୁର ସରପଞ୍ଚ ପ୍ରଦୀପ୍ତ ମିଶ୍ର, ସମାଜସେବୀ ବିରଜା ପ୍ରସାଦ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ. ଠିକାଦାର ଶ୍ରୀକୃଷ୍ଣ ପଟ୍ଟନାୟକ, ସଞ୍ଜୟ ମିଶ୍ର, ଅଜୟ ପଲେଇ. ସମାଜସେବୀ ନିବେଦିତା ପଲେଇ, ଅବସରପ୍ରାପ୍ତ ସେନା କର୍ମଚାରୀ ଅଭିମନ୍ୟୁ ପଲେଇ, ଯଶୁଆପୁର ସମିତି ସଭ୍ୟ ରଶ୍ମି ରଞ୍ଜନ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଏଭଳି ଯୁଗାନ୍ତକାରୀ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି। ସେହିପରି ସାତଶଙ୍ଖ ବଳଙ୍ଗା ରାସ୍ତା ଠାରୁ ମାଧିପୋଟଳି ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ରାସ୍ତା ୪ କୋଟି ୮୦ ଲକ୍ଷ ୯୭ ହଜାର ୫୩୬ ଟଙ୍କା ଅଟକଳ ମୂଲ୍ୟରେ ରାସ୍ତା ନିର୍ମାଣ କରାଯିବ। ଏହି କାର୍ଯ୍ୟକୁ ତୃଷାରକାନ୍ତ ନାୟକ ସମ୍ପାଦନ କରିବେ। ସାତଶଙ୍ଖ ଠାରୁ ବଳଙ୍ଗା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ମଧ୍ଯ ଭିତ୍ତିପ୍ରସ୍ତର କରାଯାଇଛି। ୧୧ କୋଟି ୯୧ ଲକ୍ଷ ୨୪ ହଜାର ୮୭୮ ଟଙ୍କା ବିନିମୟରେ ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବ। ୦୧.୦୩.୨୦୨୪ ରୁ କାର୍ଯ୍ୟ ଆରମ୍ଭ ହୋଇ ୦୨.୧୨.୨୦୨୪ ରେ କାର୍ଯ୍ୟ ଶେଷ ହେବ ବୋଲି ପିପିଲି ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଜେନ୍ଦ୍ର ସାହୁ କହିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ପଞ୍ଚାୟତବାସୀ**

## କଣ୍ଟିଠାରେ ବ୍ରିଜ ଭିତ୍ତିପ୍ରସ୍ତର ସ୍ଥାପନକଲେ ମନ୍ତ୍ରୀ



**ନୟାହାଟ, ୧।୩(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଳାଙ୍ଗ ପଞ୍ଚାୟତର କଣ୍ଟି ଠାରେ କାଦୁଅ ନଦୀରେ ଏକ ନୂତନ ବ୍ରିଜ ପାଇଁ ଶୁକ୍ରବାର ଅପରାହ୍ନରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ଡକ୍ଟର ରାଜଶ୍ରୀ ମଲ୍ଲିକ, କାକଟପୁର ବିଧାୟକ ତଥା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା ନଡ଼ିଆ ବାଡେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସଭାପତିଙ୍କୁ ବିରୋଧ କରି ବହୁ ପୁରାତନ ବରିଷ୍ଠ କର୍ମୀ ଯୋଗ ଦେଇନଥିଲେ। ପୁରୀ ଜିଲ୍ଲାପରିସଦ ଉପାଧକ୍ଷ ସ୍ୱାଧୀନ ନାୟକ, ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ୧୩ ନଂ ଜିଲ୍ଲାପରିଷଦ ମୋନାଲିସା ସେଠ, ୧୪ ନଂ ଜିଲ୍ଲାପରିଷଦ ସାଗରିକା ନାୟକ। ଉକ୍ତ ସେତୁ ନିର୍ମାଣ ହେଲେ ଗୋପ ବ୍ଲକ, ଥାନା ଓ ତହସିଲକୁ ନୟାହାଟ ଅଞ୍ଚଳଲୋକଙ୍କ ପାଇଁ ଯାତାୟାତରେ ସୁବିଧା ହେବେ।

## ହାଡ଼ପଦାରେ ଅଷ୍ଟପ୍ରହର ନାମଯଜ୍ଞ

**ନିରାକାରପୁର, ୧।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ ପଞ୍ଚାୟତ ହାଡ଼ପଦା ଗ୍ରାମରେ ୩ ଦିନ ଧରି ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅଷ୍ଟପ୍ରହର ନାମ ଯଜ୍ଞରେ ହାଡ଼ପଦା ମା'ମଙ୍ଗଳା ସଂକୀର୍ତ୍ତନ ମଣ୍ଡଳୀ, ନୂଆହାଟ (ପୁରୀ) ସଂକୀର୍ତ୍ତନ ମଣ୍ଡଳୀ ଓ ବୀରକେଶରପୁର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଉତ୍ସବକୁ ସମାଜସେବୀ ଦିବାକର ଭୋଇ ସଂଯୋଜନା କରିବା ସହିତ ଗ୍ରାମର ରବୀନ୍ଦ୍ର ଭୋଇ, ସନାତନ ଭୋଇ, ସୁବାଷ ଭୋଇ, ବଳଭଦ୍ର ବେହେରା, ଯୋଗେନ୍ଦ୍ର ଭୋଇ ଏବଂ ଗୋବର୍ଦ୍ଧନ କାଣ୍ଡି ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ରାଜନେତା କାଳୁ ଚରଣ ଖଣ୍ଡୟତରାୟ, ମାନସ ରଞ୍ଜନ ପଟ୍ଟନାୟକ ଓ ସମାଜସେବୀ ବୈଦ୍ୟନାଥ ବରାଳ ଯୋଗଦାନ କରିଥିଲେ। ଗ୍ରାମର ଡ଼ ଆମ୍ବେଦକର ଯୁବକ ସଂଘର ତନ୍ମୟ, ପ୍ରଶାନ୍ତ, ସିଦ୍ଧାନ୍ତ, ଦାଶରଥି, ପପୁ, ପାଲୁଆ, ବାପିନା, ସୁକେଶ ପ୍ରମୁଖ ପରିଚାଳନା କରିଥିଲେ।

### ସନ୍ଧ୍ୟା ୬ରୁ କୋଣାର୍କ ସୂର୍ଯ୍ୟ ମନ୍ଦିର ବନ୍ଦ

## ନିରାଶରେ ଫେରିଲେ ପର୍ଯ୍ୟଟକ

**କୋଣାର୍କ, ୧।୩(ସମିସ**



ସୂର୍ଯ୍ୟମନ୍ଦିରରେ ଅବ୍ୟବସ୍ଥା ଯୋଗୁଁ ଅଧିକାଂଶ ସମୟରେ ପର୍ଯ୍ୟଟକମାନେ ମନ୍ଦିର ବୁଲି ନପାରି ନିରାଶ ହୋଇ ଫେରୁଥିବା ଅଭିଯୋଗ କରି ଆସୁଛନ୍ତି। ଆଜିଠାରୁ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ଓ ଲାଇଟ ଆଣ୍ଡ ସାଉଣ୍ଡ ସୋ କାର୍ଯ୍ୟକ୍ରମ ସମୟ ସାରଣୀରେ ପରିବର୍ତ୍ତନ ହୋଇଥିବା ଏଏସ୍ଆଇ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏହାକୁ କାର୍ଯ୍ୟକାରୀ କରାନଯାଇ ସଂଧ୍ୟା ୬ଟାରୁ ମନ୍ଦିର ମୁଖ୍ୟଦ୍ୱାର ବନ୍ଦ କରି ଦିଆଯାଇଥିବାରୁ ଶତାଧିକ ପର୍ଯ୍ୟଟକ ନିରାଶ ମନରେ ଫେରିଯାଇଛନ୍ତି। ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ମାର୍ଚ୍ଚ ୧ ତାରିଖରୁ ଆସନ୍ତା ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟମନ୍ଦିର ପରିଦର୍ଶନ ସମୟ ପରିବର୍ତ୍ତନ ହୋଇଛି। ସକାଳ ୬ଟାରୁ ସୂର୍ଯ୍ୟମନ୍ଦିର ମୁଖ୍ୟଦ୍ୱାର ଖୋଲାରହି ସନ୍ଧ୍ୟା ୭ଟାରେ ବନ୍ଦ ରହିବ। ସେହିଭଳି ଲାଇଟ ଆଣ୍ଡ ସାଉଣ୍ଡ ସୋ ସନ୍ଧ୍ୟା ୭ଟା ୩୦ରୁ ଚାଲିବ। ହେଲେ ସ୍ଥାନୀୟ ଏଏସଆଇ ଅଧିକାରୀ ସନ୍ଧ୍ୟା ୭ଟା ପରିବର୍ତ୍ତେ ଏକ ଘଣ୍ଟା ପୂର୍ବରୁ ୬ଟାରେ ସୂର୍ଯ୍ୟମନ୍ଦିର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷାକର୍ମୀ ମନ୍ଦିର ବନ୍ଦ କରିଦେବାରୁ ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଗତ ରବିବାର ସୂର୍ଯ୍ୟ ମନ୍ଦିରରେ ପ୍ରବେଶକୁ ନେଇ ପର୍ଯ୍ୟଟକମାନେ ହଟହଟା ହୋଇଥିଲେ। ଏଭଳି ଅବ୍ୟବସ୍ଥା ପାଇଁ ପର୍ଯ୍ୟଟକମାନେ ଏଏସଆଇକୁ ଦାୟୀ କରିଛନ୍ତି। ଏ ସମ୍ପର୍କରେ ସୂର୍ଯ୍ୟମନ୍ଦିରର ବରିଷ୍ଠ ସଂରକ୍ଷଣ ସହାୟକଙ୍କ ମତାମତ ମିଳିପାରି ନାହିଁ।

## ସିଆଣ୍ଡି ପଞ୍ଚାୟତରେ 'ଆମ ବ୍ୟାଙ୍କ' ଲୋକାର୍ପିତ

**କୃଷ୍ଣପ୍ରସାଦ, ୧।୩(ସମିସ)**



ରାଜ୍ୟ ସରକାର ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ନେଇ ସମସ୍ତ ବ୍ୟାଙ୍କ ବିହୀନ ପଞ୍ଚାୟତ ଗୁଡିକରେ ଲୋକମାନଙ୍କ ସୁବିଧା ପାଇଁ ବା ବୃଦ୍ଧ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମଙ୍କ ପାଇଁ ଡୋରପେଷ୍ଟ ସେବା ଓ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେବା ପାଇଁ 'ଆମ ବ୍ୟାଙ୍କ'ଲୋକାର୍ପିତ କରୁଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଦୁଇଟି ପଞ୍ଚାୟତରେ 'ଆମ ବ୍ୟାଙ୍କ' ଉଦ୍‌ଘାଟିତ ହୋଇଯାଇଛି। ସିଆଣ୍ଡି ପଞ୍ଚାୟତରେ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇଙ୍କ ନେତୃତ୍ୱରେ ଆମ ବ୍ୟାଙ୍କ ଲୋକାର୍ପଣ ଅବସରରେ ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କୃଷ୍ଣପ୍ରସାଦ ଇଉନିୟନ ବ୍ୟାଙ୍କ ମ୍ୟାନେଜର ରାଜିବ କୁମାର ସାହୁ, ବ୍ୟାଙ୍କ କର୍ମଚାରୀ ପ୍ରମୋଦ କୁମାର ସେଠୀ, ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଏମବିକେ, ସିଆରପି, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମି ଓ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ହଳଦିଆ ମହାବିଦ୍ୟାଳୟରେ ସେବାନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ

**ଖୋର୍ଦ୍ଧା, ୧।୩ (ସମିସ):** ଖୋର୍ଦ୍ଧା ଉପକଣ୍ଠ ହଳଦିଆ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଡେମୋନଷ୍ଟ୍ରେଟର ସତ୍ୟ ଭୁଷଣ ଭଞ୍ଜଙ୍କୁ ସେବାନିବୃତ୍ତ ଲାଗି ମହାବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀ ଭଞ୍ଜଙ୍କୁ କର୍ମଚାରୀମାନେ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟର ଷ୍ଟାଫ କାଉନସିଲ ସଭାପତି ପ୍ରଫେସର ସଂଘମିତ୍ରା ପଟ୍ଟନାୟକ, ସହ ସଭାପତି ପ୍ରଫେସର ପାର୍ଥ ସାରଥୀ ରଥ ଓ ସମ୍ପାଦକ ପ୍ରଫେସର ବିକ୍ରମ କିଶୋର ସାମନ୍ତରାୟଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଶ୍ରୀ ଭଞ୍ଜ ଦୀର୍ଘ ୩୦ ବର୍ଷ ଧରି ମହାବିଦ୍ୟାଳୟକୁ ଯୋଗାଇ ଆସୁଥିବା ନିରବଚ୍ଛିନ୍ନ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଶ୍ରୀ ଭଞ୍ଜ ମହାବିଦ୍ୟାଳୟରେ ଅତିବାହିତ କରିଥିବା ସମୟର ନିଜର ଅନୁଭୂତି ବଖାଣି ଥିଲେ।

### ମିଶନଶକ୍ତି ରାଜ୍ୟ ଉପଦେଷ୍ଟାଙ୍କ ଗୋପ ବ୍ଲକ୍ ପରିଦର୍ଶନ

# ରାଜ୍ୟର ବିକାଶରେ ମିଶନ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଗୋପ, ୧।୩(ସମିସ)**



ରାଜ୍ୟ ବିକାଶରେ ମିଶନ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ୨୦୦୧ ମସିହାରେ ରାଜ୍ୟ ସରକାର ଆରମ୍ଭ କରିଥିବା ଏହି କାର୍ଯ୍ୟକ୍ରମରେ ୭୦ଲକ୍ଷ ମହିଳା ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ଗୁରୁବାର ଅପରାହ୍ନରେ ପୂର୍ବତନ ମହିଳା କମିଶନ ଅଧକ୍ଷ ତଥା ରାଜ୍ୟ ମିଶନଶକ୍ତିର ଉପଦେଷ୍ଟା ଡ଼ ଲୋପାମୁଦ୍ରା ବକ୍ସିପାତ୍ର କହିଛନ୍ତି। ଶ୍ରୀମତୀ ବକ୍ସିପାତ୍ର ଗୋପ ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ମିଶନଶକ୍ତି ମହିଳାମାନଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ପଞ୍ଚାୟତ ସମିତି ବୈଠକ ଗୃହରେ ଆୟୋଜିତ ବୈଠକରେ ଯୋଗ ଦେଇ ମିଶନ ଶକ୍ତି ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ସରକାରଙ୍କ ଯୋଜନା କିଭଳି ଆଗକୁ ବଢ଼ିବ ସେ ସମ୍ପର୍କରେ ମତାମତ ଗ୍ରହଣ କରିଥିଲେ। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିବା ମିଶନଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି। ଏଥିରେ ପ୍ରାୟ ୭୦ଲକ୍ଷ ମହିଳା ସାମିଲ ହୋଇ ନିଜକୁ ଉପାର୍ଜନକ୍ଷମ କରି ସଶକ୍ତ କରିବା ସହିତ ନୂଆ ଓଡ଼ିଶା ଗଠନର ସାରଥୀ ହୋଇପାରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏସଏସଜି ମହିଳାଙ୍କ ବିକାଶ ପାଇଁ ଅନେକ ଯୋଜନା କରାଯାଇଛି। ସରକାରଙ୍କ ଯୋଜନା ରାଜ୍ୟର କୋଣ ଅନୁକୋଣରେ ଥିବା ମହିଳାମାନଙ୍କ ବିକାଶ କରାଯାଇପାରିବ, ସେମାନେ କିଭଳି ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜେ ସ୍ୱାବଲମ୍ବୀ ହୋଇଅ। ନିର୍ଭରଶୀଳ ହେବେ। ମିଶନଶକ୍ତି ସହାୟତା ଯୋଗାଇ ଦିଆଯାଉଥିବା, ଲକ୍ଷାଧିକ ଟଙ୍କାର ବ୍ୟାଙ୍କ ଋଣ ଗ୍ରହଣ କରି ବିନା ସୁଧରେ ପରିଶୋଧ କରିବା, ଲୋକେ ବ୍ୟବହାର କରୁଥିବା ଖାଇବା ସାମଗ୍ରୀ ଓ ପରିଧାନ କରୁଥିବା ପୋଷାକର ଯୋଜନା ଆଦି ସହ ମହିଳାମାନଙ୍କ ପାଇଁ ମିଶନଶକ୍ତି ମାଧ୍ୟମରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ସହାୟତା ବିଷୟରେ ଆଲୋଚନା କରିଥିଲେ। ଏଥିସହ ସିଆରପି, ଏମବିକେମାନଙ୍କୁ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ସୂଚନା ଦେଇଥିଲେ। ସେହିପରି ଭବିଷ୍ୟତରେ ଅଞ୍ଚଳର ମହିଳାଙ୍କୁ କିପରି ସ୍ୱାବଲମ୍ବୀ କରାଯିବ, କେଉଁ ଉନ୍ନୟନମୂଳକ କାର୍ଯ୍ୟ କରିବେ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଡ. ଲୋପାମୁଦ୍ରା ବକ୍ସିପାତ୍ରଙ୍କ ଏହି ଗସ୍ତ ସମୟରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ସମ୍ପାଦିକା ରେଣୁବାଳା ନାୟକ, ବିଡ଼ିଓ ଛବିରାଣୀ ସାହୁ, ସିଡିପିଓ ମିନାକ୍ଷୀ ସାହୁ, ବ୍ଲକ ପକଳ୍ପ ସଂଯୋଜିକା ଟିକିନା ବେହେରା, ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ପରିଚାଳିକା ଦୀପାଳି ଛାଟୋଇଙ୍କ ସମେତ ସମସ୍ତ ସିଆରପି, ଏମବିକେ ସଭାନେତ୍ରୀମାନେ ଉପସ୍ଥିତ ଥିଲେ।

## ପାଚିକା ସଂଘ ପକ୍ଷରୁ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ



**ନିମାପଡ଼ା, ୧।୩(ସମିସ):** ଆଜି ପୁରୀ ଜିଲ୍ଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘ(ସିଆଇଟିୟୁ) ନିମାପଡ଼ା ବ୍ଲକ ଶାଖା ପକ୍ଷରୁ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଏବିଇଓଙ୍କୁ ସଂଘ ପକ୍ଷରୁ ଦିଆଯାଇଛି। ପୁରୀ ଜିଲ୍ଲା ପାଚିକା ସଂଘର ସଭାପତି ପୀତବାସ ବେହେରା, ବ୍ଲକ ସଭାପତି ନିରୁପମା ରଥ, ସମ୍ପାଦିକା ଲକ୍ଷ୍ମିପ୍ରିୟା ସାହୁଙ୍କ ନେତୃତ୍ୱରେ ପୁରୁଣା ବସଷ୍ଟାଣ୍ଡ ଠାରୁ ଶତାଧିକ ପାଚିକା ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଚିକାମାନେ ନିଜର ହକ ଦାବି ନେଇ ଆନ୍ଦୋଳନ କରିବାକୁ ଚାହିଁଲେ ତାଙ୍କୁ ଏସଏମ୍‌ସି କମିଟୀ ଠାରୁ ଆରମ୍ଭ କରି ପ୍ରଧାନ ଶିକ୍ଷକ ପର୍ଯ୍ୟନ୍ତ କେହି ଗୋଟିଏ ଦିନ ଛାଡୁନାହାନ୍ତି। ପାଚିକାଙ୍କ ପାଇଁ ପେନସନ ନିଧି ପାଣ୍ଠି, ଭବିଷ୍ୟ ନିଧି ପାଣ୍ଠି କି ପେନସନର ବ୍ୟବସ୍ଥା ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେରେ ଏକ ଦାବିପତ୍ର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୀମନ୍ତ ଶେଖର ରଥଙ୍କୁ ପ୍ରଦାନ କରାଯାଇଥିଲା। ଆୟୋଜିତ ବିକ୍ଷୋଭରେ ପ୍ରଶାନ୍ତ ପ୍ରଧାନ, ସରସ୍ୱତୀ ଭାରତ, କବିତା ପଣ୍ଡା, ମିନତୀ ବେହେରା, ବାସନ୍ତୀ ଶତପଥି, ଝିଲ୍ଲିଲତା ନାୟକ ପ୍ରମୁଖ କର୍ମକର୍ତ୍ତା ଓ ପାଚିକା ସାମିଲ ହୋଇଥିଲେ।

# ରାତିରେ ନିଖୋଜ, ସକାଳୁ ଶବ ଉଦ୍ଧାର

## ଡାକ୍ତରଖାନାରେ ଚିକିତ୍ସିତ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନୟାଗଡ଼, ୧।୩(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗୁରୁବାର ରାତିରେ ନାଟକୀୟ ଢଙ୍ଗରେ ଜଣେ ମହିଳା ନିଖୋଜ ହେବା ଏବଂ ସକାଳୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ଘଟଣା ନୟାଗଡ଼ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। କିଛିଦିନ ତଳେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ନାବାଳିକାକୁ ଡାକ୍ତରଖାନା କର୍ମଚାରୀ ଅସଦାଚରଣ କରିବା ଘଟଣା ଲୋକଙ୍କ ମନରୁ ଦୂର ହୋଇନଥିବା ବେଳେ ଆଜିର ଘଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା ଏବଂ ଦାୟିତ୍ୱହୀନତାକୁ ପଦାରେ ପକାଇଛି। ମୃତ ମହିଳା ହେଲେ ନୟାଗଡ଼ ଟାଉନଥାନା ଅନ୍ତର୍ଗତ ଦୁର୍ଗାପ୍ରସାଦ ଗାଁର ମଦନ ଜେନାଙ୍କ ଝିଅ ଉର୍ମିଳା ମାଝି। ଟାଉନଥାନା ଅନ୍ତର୍ଗତ ସିନ୍ଦୁରିଆ ନିକଟ ଏକ ଗଛରୁ ମୃତଦେହ ଉଦ୍ଧାର ହୋଇଛି। ଉର୍ମିଳା ୧୦ବର୍ଷ ତଳେ ଓଡଗାଁ ଥାନା ଗୁଣ୍ଡାସାହିର ଧନେଶ୍ୱର ମାଝିଙ୍କ ପୁଅ ସୁକାନ୍ତଙ୍କୁ ବିବାହ କରିଥିଲେ। ତାଙ୍କର ୭ ବର୍ଷର ପୁଅ ଏବଂ ୩ ବର୍ଷର ଝିଅ ଅଛନ୍ତି। ୪ ଦିନ ତଳେ ମହିଳାଙ୍କ ଦେହ ଖରାପ ହେବାରୁ ସୁକାନ୍ତ ତାଙ୍କୁ ନୟାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ସେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଥିଲେ। ଗୁରୁବାର ରାତି ପ୍ରାୟ ସାଢେ ୮ଟା ସମୟରେ ମହିଳା ଜଣଙ୍କ ଡାକ୍ତରଖାନା ବେଡରୁ କେଉଁଆଡ଼େ ପଳାଇ ଯାଇଥିଲେ। ବହୁ ଖୋଜା ଖୋଜି କରାଯାଇଥିଲେ ମଧ ମହିଳାଙ୍କର କୌଣସି ସନ୍ଧାନ ମିଳିନଥିଲା। ଶୁକ୍ରବାର ସକାଳୁ ଡାକ୍ତରଖାନାଠାରୁ ୧ କିମି ଦୂର ସିନ୍ଦୁରିଆ ଗାଁ ନିକଟସ୍ଥ ବିଲ ମଧ୍ୟରେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ରାତିରେ ବିଲ ମଧ୍ୟରେ ଥିବା ନିଛାଟିଆ ସ୍ଥାନକୁ ମହିଳା ଜଣକ କିଭଳି ଗଲେ ଏବଂ ଶାଢୀ ପିନ୍ଧି ଗଛରେ କିଭଳି ଚଢ଼ିଲେ ତାକୁ ନେଇ ସ୍ଥାନୀୟ ଲୋକ ସନ୍ଦେହ କରିଛନ୍ତି। ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି। ଡାକ୍ତରଖାନାରେ ଚିକିତ୍ସାଧିନ ଜଣେ ରୋଗୀ କିଭଳି ଗଲେ, କର୍ତ୍ତୃପକ୍ଷ ଓ ମହିଳାଙ୍କ ସ୍ୱାମୀ ଏନେଇ ଥାନାରେ କାହିଁକି ଅଭିଯୋଗ କଲେ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ସେପଟେ ପୁଅ-ବୋହୂଙ୍କ ମଧ୍ୟରେ କୌଣସି ଝଗଡ଼ା ନଥିଲା ବୋହୂ କିଭଳି ମୃତ୍ୟୁବରଣ କଲା ତାକୁ ନେଇ ଆଶ୍ଚର୍ଯ୍ୟ ହୋଇଛନ୍ତି ପରିବାର ଲୋକେ। ନୟାଗଡ଼ ଟାଉନଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ମହିଳାଙ୍କୁ ଯୋଜନାବଦ୍ଧ ହତ୍ୟା କରାଯାଇଥିବା ଆଲୋଚନା ହେଉଛି। ମୃତ ମହିଳାଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାରମ୍ବାର ଏଭଳି ଦାୟିତ୍ୱହୀନ ଘଟଣା ଘଟୁଥିବା ବେଳେ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



### ରାଜ୍ୟସ୍ତରୀୟ ନାଟ୍ୟମେଳା ଉଦ୍‌ଘାଟିତ

# ମଞ୍ଚସ୍ଥ ହେଲା ନାଟକ 'ଅରୂପା ରୂପା'



ନୟାଗଡ଼, ୧।୩(ସମିସ): 'ନାଟ୍ୟଧାରା' ଏବଂ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଚତୁର୍ଥ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ଠାରେ ମାର୍ଚ୍ଚ୧ ତାରିଖ ଶୁକ୍ରବାର ଦିନ ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ଏବଂ ସମ୍ମାନିତ ଅତିଥିଭାବେ ନାଟ୍ୟକାର ଅରିନ୍ଦମ ମିଶ୍ର ଯୋଗଦାନ କରି ନାଟକ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ନାଟ୍ୟାନୁଷ୍ଠାନ ନାଟ୍ୟଧାରା ପକ୍ଷରୁ ସଭାପତି ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଏବଂ ନାଟ୍ୟଧାରା ନିର୍ଦ୍ଦେଶକ ଡ.ବିଜୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ସାତଦିନ ଧରି ହେବାକୁଥିବା ଏହି ନାଟ୍ୟମେଳାର ଉଦ୍‌ଘାଟନୀ ଦିବସରେ ନାଟ୍ୟଧାରା, ନୟାଗଡ଼ ପକ୍ଷରୁ ନାଟ୍ୟକାର ଅରିନ୍ଦମ ମିଶ୍ରଙ୍କ ରଚିତ ଏବଂ ନାଟ୍ୟଭୂଷଣ ଡ.ବିଜୟ କୁମାର ଚୌଧୁରୀଙ୍କ ନିର୍ଦ୍ଦେଶିତ ନାଟକ 'ଅରୂପା ରୂପା' ମଞ୍ଚସ୍ଥ ହୋଇଥିଲା। ଏକ ଅନାଥ ଶିଶୁକନ୍ୟାକୁ ନେଇ ଅସନ୍ତୋଷ ଦେଖା ଦିଏ ଲିଭଇନ୍ ସମ୍ପର୍କରେ ରହୁଥିବା ଅନୁ ଏବଂ ଅଭିଙ୍କ ମଧ୍ୟରେ। ଗର୍ବ, ଅହଂକାର, ଈର୍ଷା ଏବଂ ସ୍ୱାଭିମାନକୁ ନେଇ ସମ୍ପର୍କରେ ସୃଷ୍ଟି ହୁଏ ଫାଟ। ଶିଶୁ କନ୍ୟା ରୂପାକୁ ଅଭିଙ୍କ ଅନିଚ୍ଛା ସତ୍ତ୍ୱେ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରନ୍ତି ଅନୁ। ଏହକୁ ସହ୍ୟ କରିପାରନ୍ତିନି ପୁରୁଷ ବନ୍ଧୁ ଅଭି, ଫଳରେ ଉଭୟଙ୍କ ମଧ୍ୟରେ ସୃଷ୍ଟି ହୁଏ ମାନସିକ ଅଶାନ୍ତି। ଅଶାନ୍ତିର ବାହ୍ୟପ୍ରକାଶ ଘଟେ ଯୁକ୍ତିତର୍କ ସହିତ ବାଚନିକ କଳହରେ। ଏଭଳି ପରିସ୍ଥିତିରେ ପୋଷ୍ୟ ସନ୍ତାନ ରୂପା ଉଭୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଭଲ ପାଇବାରେ ପରିଣତ କରି ଏକାଠି କରାଇବା ସହିତ ନିଜର ସ୍ଥିତକୁ ସୁଦୃଢ଼ କରେ। ଏପରି ଏକ କାହାଣୀକୁ ନେଇ ମଞ୍ଚସ୍ଥ ହୋଇଥିଲା ନାଟକ ଅରୂପା ରୂପା। ଏଥିରେ ବିଭିନ୍ନ ଭୂମିକାରେ ରିଙ୍କୁ, ବାପି, ବାପୁ, ଟୁନା, ନିଶିକାନ୍ତ, ଲକି, ଖଟୁଆବାବୁ, ସଂବାବୁ, ଚିଣ୍ଟୁ, ସୋନାଲି, ପ୍ଲାଜା, ଏବଂ ଡାକୁ ପ୍ରମୁଖ ଅଭିନୟ କରିଥିବା ବେଳେ ନାଟକଟିକୁ ଅଡିଟୋରିୟମରେ ଭରପୂର ଦର୍ଶକ ବେଶ ଉପଭୋଗ କରିଥିଲେ।

## ଦୁଇ ଦଫାରେ ହିତାଧିକାରୀ ପାଇଲେ ୨ ଲକ୍ଷ ୨୫ ହଜାର

ଓଡ଼ଗାଁ, ୧।୩(ସମିସ): ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ଗାଁ ଶାଖାର କୁରାଳ ସମବାୟ ସମିତିରେ ଥିବା ମିନିବ୍ୟାଙ୍କରୁ ୭ ବର୍ଷ ପୂର୍ବେ ୬କୋଟି ୪୩ ଲକ୍ଷ ଟଙ୍କାର ଘୋଟାଲା ଘଟଣାରେ ୨ କିସ୍ତିରେ ଅର୍ଥାତ୍ ଗତ ଫେବୃଆରୀ ୧୬ ତାରିଖରେ ୩୧ ଜଣ ଜମାକର୍ତ୍ତାଙ୍କୁ ୧ ଲକ୍ଷ ୮ ହଜାର ଟଙ୍କା ଜମାଅର୍ଥ ପ୍ରଦାନ କରାଯାଇଥିବା ବେଳେ ଆଜି ଦ୍ୱିତୀୟ ଦଫାରେ ୩୬ ଜଣ ଜମାକର୍ତ୍ତାଙ୍କୁ ୧ ଲକ୍ଷ ୧୭ ହଜାର ଟଙ୍କାର ଜମାଅର୍ଥ ଫେରସ୍ତ କରାଯାଇଛି। ପ୍ରଥମ ଦଫା ଜମା ଟଙ୍କା ଫେରସ୍ତ ପୂର୍ବରୁ ସମବାୟ ବିଭାଗର ସୂଚନା ଅନୁସାରେ ୨୩୭ ଜଣ ଜମାକାରୀ ଜମା ଅର୍ଥ ଫେରି ପାଇବାକୁ ଆବେଦନ କରିଥିଲେ। ଏଣୁ ଟଙ୍କା ଫେରି ପାଇବାର ଆଶା ଜମାକାରୀଙ୍କ ମଧ୍ୟରେ ବୃଦ୍ଧି ପାଇଥିଲା। ତେବେ ଦ୍ୱିତୀୟ ଦଫା ସୁଧା ୬ କୋଟି ୪୩ ଲକ୍ଷ ଜମା ଅର୍ଥ ବଦଳରେ ୨ ଦଫାରେ ମୋଟ ୬୭ ଜଣ ଜମାର୍ତ୍ତାଙ୍କୁ ୨ ଲକ୍ଷ ୨୫ ହଜାର ଟଙ୍କା ପାଇବା ପରେ ବି ହତୋତ୍ସାହିତ ହୋଇ ବିଶ୍ୱାସ ହରାଇ ବସିଛନ୍ତି ଜମାକର୍ତ୍ତା। ଟଙ୍କା ଆତ୍ମସାତ ଘଟଣାରେ ତତ୍କାଳୀନ ସମ୍ପାଦକ କାଳୁ ରାଉତ ନିଲମ୍ବନ, କୋଷାଧ୍ୟକ୍ଷ ତ୍ରିନାଥ ଦାଶଙ୍କୁ କାର୍ଯ୍ୟରୁ ଅନ୍ତର କରିବା ଏହା ଏକ ଶୃଙ୍ଖଳାଗତ ପ୍ରଶାସନିକ ପ୍ରକ୍ରିୟା।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭାପୁର, ୧।୩(ସମିସ): ଭାପୁର ବ୍ଲକ ନିମାଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସୁନ୍ଦରା ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ବରିଷ୍ଠ ସହକାରୀ ଶିକ୍ଷକ କେଲୁ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ରୂପେ ଭାପୁର ଗୋଷ୍ଠି ଶିକ୍ଷା ଅଧିକାରୀ ଶଙ୍କର୍ଷଣ ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ସାମନ୍ତରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ନିମଣୀ ପଞ୍ଚାୟତ ସରପଞ୍ଚ ସୁଧାଂଶୁ ଭୂଷଣ ସ୍ୱାଇଁ, ସିଆରସିସି ଦତ୍ତାନନ ମହାପାତ୍ର, ଯୁବ ସମାଜ ସେବୀ ବିଜୟ କୁମାର ସ୍ୱାଇଁ, ଗ୍ରାମ୍ୟ ଭଦ୍ରବ୍ୟକ୍ତି ନବକିଶୋର ସ୍ୱାଇଁ, ଶିକ୍ଷକ ନେତା ନିରଞ୍ଜନ ଦଳବେହେରା, ପ୍ରସନ୍ନ କୁମାର ଲେଙ୍କା, ପ୍ରଫୁଲ୍ଲ କୁମାର ନନ୍ଦ, ସୁରେଶ ଚନ୍ଦ୍ର ମହାରଣା ମଞ୍ଚାସିନ ଥିଲେ।

# ଅନ୍ତର୍ଜାତୀୟ ହୁଇଲ୍‌ଚେୟାର ଦିବସ ପାଳିତ

ଖଣ୍ଡପଡ଼ା, ୧।୩(ସମିସ): ଖଣ୍ଡପଡ଼ା ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମାର୍ଚ୍ଚ ୧ ତାରିଖକୁ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ଭାବେ ପାଳିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଏନ୍‌ଏସି ଅଧୀନ ମଧୁବନ କ୍ରୀଡାଙ୍ଗନରେ ଭିନ୍ନକ୍ଷମଙ୍କୁ ନେଇ ପ୍ରତିଯୋଗିତାକୁ ବିଡିଓ ଅଂକୁର ଅଭିଳାଷ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ୪୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ।



ପରେ ବ୍ଲକ ସଭାଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଅଂକୁର ଅଭିଳାଷ ସରକାରୀସ୍ତରରେ ପ୍ରତ୍ୟେକ ଭିନ୍ନକ୍ଷମଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ସହ ଦିବ୍ୟାଙ୍ଗମାନେ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡବାବୁ ରଶ୍ମିରଞ୍ଜନ ମହାପାତ୍ର, ଆକାଉଣ୍ଟାଣ୍ଟ ଦିଲ୍ଲୀପ କୁମାର ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନିଶଙ୍କ, ଏଇଇ ଆଶୁତୋଷ ମହାନ୍ତି, ବି.ଆର. ଟି ପ୍ରଶାନ୍ତ ବେହେରା, ସୁପରଭାଇଜର ମଞ୍ଜୁଳା ଦେବୀ ପ୍ରମୁଖ ମଞ୍ଚାସିନ ରହି ସମାଜରେ ଭିନ୍ନକ୍ଷମ ମାନେ ସମ୍ମାନର ବଞ୍ଚିବା ସହିତ ସେମାନଙ୍କ ଯତ୍ନ ନେବାପାଇଁ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାର ସହଯୋଗ କରିଥିବା ବେଳେ ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ ମଞ୍ଚ ସଂଯୋଜନା କରିଥିଲେ।

**ଭାପୁର:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସାମ୍ନା ଖେଳପଡ଼ିଆରେ ଶୁକ୍ରବାର ସକାଳ ସମୟରେ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମଲିକ ଯୋଗ ଦେଇଥିଲେ। ବ୍ଲକର ୨୦ ଟି ପଞ୍ଚାୟତରୁ ଭିନ୍ନକ୍ଷମ ବୃଦ୍ଧ, ବୃଦ୍ଧା, ପୁରୁଷ, ମହିଳା, ଶିଶୁ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଦୌଡ଼, ଫୁଟବଲ, କ୍ରିକେଟ, ନୃତ୍ୟ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲ। ପ୍ରତିଯୋଗିତାରେରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲ। ଏହି ଅବସରରେ ୧୨ ଜଣଙ୍କୁ ସିଲେଇ ମେସିନ ପ୍ରଦାନ କରାଯାଇଥିଲା।

**ଓଡଗାଁ :** ନୟାଗଡ଼ ଜିଲ୍ଲା ଓଡ଼ଗାଁ ରାମ ସାଗର କଲ୍ୟାଣୀ ମଣ୍ଡପଠାରେ ଆନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି। ଓଡ଼ଗାଁ ବ୍ଲକ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡ଼ିଓ କବିତା ପ୍ରଧାନ, ଶିଶୁ ଓ ମହିଳା ସୁରକ୍ଷା ଅଧିକାରୀ ଲହଡ଼ିମାଳା ପ୍ରଧାନ, ଜିଲ୍ଲା ଭିନ୍ନକ୍ଷମ ସଂଗଠନର ଉପସଭାପତି ବିକ୍ରମ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ହୁଇଲ ଚେୟାର ଦିବସରେ ଅଂଶ ଗ୍ରହଣ କରିଥିବା ୬୦ ଜଣ ଦିବ୍ୟାଙ୍ଗ ଏବଂ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିବା ପାଇଁ ସଟବଲ ଥ୍ରୋ, ଚିତ୍ରାଙ୍କନ ଏବଂ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱରା ପୁରସ୍କୃତ କରାଯାଇଥିଲା ବେଳେ ଅନ୍ୟ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାନ୍ତନାମୂଳକ ପୁରସ୍କାର ବିତରଣ କରାଯାଇଥିଲା। ୮ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରୋଗ୍ରାମ ସହକାରୀ ନୀଳମାଧବ ମିଶ୍ର ସହଯୋଗ କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ରାଜକିଶୋର ପ୍ରଧାନ ସଂଯୋଜନା କରିଥିଲେ।

### ଭୂତ ଚାଷୀଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଚଳୁ

# ଜିଲ୍ଲାପାଳ ତଦନ୍ତ କରିବାକୁ ଦାବି

ଭାପୁର, ୧।୩(ସମିସ): ରାଜ୍ୟ ସରକାର ପ୍ରଚୁର ଖାଦ୍ୟ ପ୍ରାଣରେ ଭରପୁର ବିଲୁପ୍ତ ହେବାକୁ ବସିଥିବା ମାଣ୍ଡିଆ ଭଳି ଖାଦ୍ୟକୁ ପୁନର୍ଜିବିତ କରାଇବାକୁ ସମସ୍ତ ପ୍ରକାରର ଉଦ୍ୟମ ଜାରି ରଖିଛନ୍ତି। ଏପରିକି ଏହାର ଚାଷ ପାଇଁ ଚାଷୀମାନଙ୍କୁ କୋଟି କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ତୃଣମୂଳସ୍ତରରେ ଏହାକୁ ବାସ୍ତବ ରୂପରେଖ ଦେବାକୁ ନିଯୁକ୍ତ କର୍ମଚାରୀମାନେ କାଗଜପତ୍ରରେ ଏକର ଏକର ଜମିରେ ମାଣ୍ଡିଆ ଚାଷ ହେଉଥିବା ଦର୍ଶାଇ ଭୂତ ଚାଷୀମାନଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଚଳୁ କରୁଥିବା ଗୁରୁତର ଅଭିଯୋଗ ଆସିଛି। ପ୍ରସଙ୍ଗ କ୍ରମେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କଥା ଆଲୋଚନା କରାଯାଇପାରେ। ରାଜ୍ୟ ସରକାର ମାଣ୍ଡିଆ ଚାଷକୁ ପୁନର୍ଜିବିତ କରିବାକୁ ମିଲେଟ ମିଶନ ନାମରେ ଏକ ପ୍ରୋଜେକ୍ଟ ହାତକୁ ନେଇ ପ୍ରାଥମିକ ଭାବେ ରାଜ୍ୟର କିଛି ବ୍ଲକରେ ଓ ନୟାଗଡ଼ ଜିଲ୍ଲାର ପାଞ୍ଚ ବ୍ଲକରେ ଏହାର ଶୁଭାରମ୍ଭ କରିଥିଲେ। ମାତ୍ର ବ୍ଲକର କୃଷି ବିଭାଗ ଓ ଦୁଇଟି ଏନଜିଓ ସଂସ୍ଥାର ମିଳିତ ଉଦ୍ୟମରେ ଏହି ପାଇଲଟ ଯୋଜନାଟି ବ୍ଲକରେ କାର୍ଯ୍ୟକାରୀ ହେବା ପାଇଁ ୨୦ ପଞ୍ଚାୟତ ମଧ୍ୟରୁ ୧୨ ପଞ୍ଚାୟତରେ ଆରମ୍ଭ କରାଯାଇଥିଲା। ଏହି ୧୨ ପଞ୍ଚାୟତ ୪୩୮ ଚାଷୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସରକାରଙ୍କ ତରଫରୁ ମଞ୍ଜି ସହ ହେକ୍ଟର ପିଛା ୧୦ ହଜାର ଟଙ୍କା ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଛି। ସରକାରଙ୍କ ରେକର୍ଡ ଅନୁଯାୟୀ ବ୍ଲକରେ ଏ ବର୍ଷ ୧୭୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଥିଲା। ହେଲେ କୃଷି ବିଭାଗ ଗୋଟିଏ କୁଇଣ୍ଟାଲ ମଧ୍ୟ ଅମଳ କରି ବିଭାଗକୁ ଆଣି ପାରି ନାହିଁ। ପ୍ରକୃତରେ ଉପରୋକ୍ତ ତଥ୍ୟ ସବୁ ସରକାରୀ କାଗଜପତ୍ରରେ ଦର୍ଶାଯାଇଥିଲେ ହେଁ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ଭୂତ ଚାଷୀଙ୍କ ନାମରେ କାଗଜ ପତ୍ର ଦର୍ଶାଯାଇ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ତିନି ଭାଗୁଆଳି କାକୁଡି ବାରୀ ଚାଷ ନ୍ୟାୟରେ ମିଲେଟ ମିଶନର ମୁଖ୍ୟ ହେଲା କୃଷି ବିଭାଗ, ଏହାକୁ କାର୍ଯ୍ୟକାରୀ କରୁଛି ଫାର୍ମରସ ପ୍ରଡ୍ୟୁସର କମ୍ପାନୀ ନାମକ ଏକ ଏନଜିଓ ଓ ଏହାର ତଦାରଖ ଦାୟିତ୍ୱ ନିଗମ ଅର୍ଗାନାଇଜରର୍ସ ନାମକ ଆଉ ଏକ ଏନଜିଓ। ଏହି ତିନି ସଂସ୍ଥା ମିଳିମିଶି ମାଣ୍ଡିଆ ଚାଷର ପ୍ରଚାର ପ୍ରସାର କରିବା କଥା ମାତ୍ର ସମସ୍ତେ ମିଳିମିଶି ଯୋଜନାକୁ ହରିଲୁଟ କରିଥିବା ଅଭିଯୋଗ ହେଉଛି। ଏନେଇ ଜିଲ୍ଲାପାଳ ତଦନ୍ତ କଲେ ପ୍ରକୃତରେ ବ୍ଲକରେ କେତେ ଚାଷୀ ମାଣ୍ଡିଆ ଚାଷ କରୁଛନ୍ତି ନା ଭୂତ ଚାଷୀ ମାଣ୍ଡିଆ ଚାଷ କରୁଛନ୍ତି ତାହା ଲୋକଲୋଚନକୁ ଆସିପାରନ୍ତା ଓ ସରକାରଙ୍କ ମହତ ଯୋଜନା ସଫଳ ହୋଇପାରନ୍ତା।

## ହରିପୁରରେ 'ଆମ ବ୍ୟାଙ୍କ' ସେବା ଶୁଭାରମ୍ଭ

ନୂଆଗାଁ, ୧।୩(ସମିସ): ନୂଆଗାଁ ବ୍ଲକ ଅନ୍ତର୍ଗତ ହରିପୁର ପଞ୍ଚାୟତରେ 'ଆମ ବ୍ୟାଙ୍କ'ସେବା ଜରିଆରେ ଖୋଲିଲା ବ୍ୟାଙ୍କ୍ ଅଫ୍ ବରୋଦା ଶାଖା। ପାଞ୍ଚ ହଜାରରୁ ଉଜାର ଲୋକ ଏହା ଦ୍ୱାରା ଉପକୃତ ହେବେ। ଲୋକମାନଙ୍କୁ ବ୍ୟାଙ୍କ୍ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ବ୍ୟାଙ୍କ୍ ସେବା ଉଦଘାଟନ ହୋଇଛି। ଉଦ୍‌ଘାଟନ ଉତ୍ସବରେ ପଞ୍ଚାୟତରେ ଶତାଧିକ ଲୋକଙ୍କ ସହ ନୂଆଗାଁ ବିଡ଼ିଓ ବାସୁଦେବ ନାୟକ, ପଞ୍ଚାୟତ ଅଧିକାରୀ ଶୁଭସ୍ମିତା ମହାପାତ୍ର, ସରପଞ୍ଚ ଜିତେନ୍ଦ୍ର ଖଟୁଆ, ସମିତି ସଭ୍ୟ ପ୍ରତାପ ମହାପାତ୍ର ବ୍ୟାଙ୍କ୍ ପରିଚାଳନା ପାଇଁ ସତ୍ୟନାରାୟଣ ସାହୁ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ବିଜୁ ଜୟନ୍ତୀରେ ବିଶାଳ ସାଇକଲ ଶୋଭାଯାତ୍ରା

# ୧୦ ରେ ମହିଳା ସମାବେଶ



ନୟାଗଡ଼, ୧।୩(ସମିସ): ମାର୍ଚ୍ଚ ୫ ତାରିଖରେ ବିଜୁ ଜୟନ୍ତୀ। ଶୁକ୍ରବାର ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ବିଜୁ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୫ ତାରିଖରେ ଏକ ସାଇକଲ ଶୋଭାଯାତ୍ରା କରାଯିବା ପାଇଁ ନିଷ୍ପତି ହୋଇଛି। ସକାଳ ୭ଟା ସମୟରୁ ଇଟାମାଟି ଏମଇ ସ୍କୁଲ ପଡ଼ିଆଠାରୁ ସାଇକେଲ ଶୋଭାଯାତ୍ରା ବାହାରି ନୟାଗଡ଼ ଟ୍ରାଫିକ୍ ଛକରେ ପହଞ୍ଚି ନୟାଗଡ଼ ଖେଳପଡ଼ିଆଠାରେ ସମାପ୍ତ ହେବ। ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସରେ ମହାଶିବ ରାତ୍ରି ପଡୁଥିବାରୁ ଆସନ୍ତା ୧୦ ତାରିଖରେ ମହିଳା ସମାବେଶ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ମାଳିସାହି ଫାଣ୍ଡିକୁ ୫୮ ବର୍ଷ; ନିଜସ୍ୱ ଗୃହ ନାହିଁ

# ରାଜୀବ ଗାନ୍ଧି ସେବାକେନ୍ଦ୍ର ପାଲଟିଛି ଠିକଣା

ନୟାଗଡ଼, ୧।୩(ସମିସ): ଗ୍ରାମାଞ୍ଚଳର ଆଇନ ଶୃଙ୍ଖଳା ଏବଂ ଲୋକଙ୍କ ସୁରକ୍ଷା ପାଇଁ ପୁଲିସକୁ ନିୟୋଜିତ କରିବା ସହ ବିଭିନ୍ନ ସ୍ଥାନରେ ଥାନା ଏବଂ ଫାଣ୍ଡି ପ୍ରତିଷ୍ଠା କରାଯାଇଛି। କିନ୍ତୁ ଏମିତି ଏକ ଫାଣ୍ଡି ଅଛି ଯାହା ୫୮ ବର୍ଷ ହେଲା ଭଡ଼ା ଘରେ ଚାଲିଛି। ଦୁଇବର୍ଷ ତଳେ ଜାଗା ଚିହ୍ନଟ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଫାଣ୍ଡିର ନିଜସ୍ୱ ଗୃହ ନିର୍ମାଣର ନାଁ ଉଠୁନି। ନୟାଗଡ଼ ସହର ଠାରୁ ପ୍ରାୟ ୧୦ କି.ମି. ଦୁରରେ ସଦରଥାନା ଅଧିନରେ ରହିଛି ମାଳିସାହି ଫାଣ୍ଡି। ମାଳିସାହି ପଞ୍ଚାୟତ ସମେତ କ୍ରିଦାଶପୁର, ଖଣ୍ଡୁଗାଁ, ଢେଙ୍କେଣା ପଞ୍ଚାୟତର ସୁରକ୍ଷା ଦାୟିତ୍ୱ ଏହି ଫାଣ୍ଡି ବହନ କରୁଛି। ଏହି ଅଞ୍ଚଳ ଗୁଡ଼ିକରେ ଅପରାଧମୂଳକ କାର୍ଯ୍ୟକଳାପ ବୃଦ୍ଧି ପାଇବା କାରଣରୁ ତତ୍କାଳୀନ ନୟାଗଡ଼ ସଦର ଥାନା ସହକାରୀ ଉପନିରୀକ୍ଷକ ସୁରଜ ସିଂ ୧୯୬୫ ମସିହାରେ ଏହି ଫାଣ୍ଡିକୁ ବସାଇଥିଲେ। ମାଳିସାହି କିଶୋର କ୍ଲବର ଏକ ଚାଳ ଘରେ ଭଡ଼ା ସୂତ୍ରରେ ଏହି ଫାଣ୍ଡି ଆରମ୍ଭ ହୋଇଥିଲା। ଦୀର୍ଘ ୫୪ ବର୍ଷ ଧରି ଚାଳ ଘରେ ଫାଣ୍ଡି ଚାଲିବା ପରେ ୪ ବର୍ଷ ହେଲା ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ଗୃହ ଏବେ ଫାଣ୍ଡିର ଠିକଣା ପାଲଟିଛି। ପୂର୍ବରୁ ନୟାଗଡ଼ ଟାଉନ ଥାନା ସହକାରୀ ଉପନିରୀକ୍ଷକ ନୃସିଂହ ବାହିନପତିଙ୍କୁ ମାଳିସାହି ଫାଣ୍ଡିକୁ ତତ୍କାଳୀନ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ବଦଳି କରିଥିଲେ। କିନ୍ତୁ ତାଙ୍କର ପଦୋନ୍ନତୀ ହେବା ପରେ ସେ ତାଲିମ ପାଇଁ ଯିବାରୁ ଉକ୍ତ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଥିଲା। ଏହାପରେ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସଦରଥାନା ସହକାରୀ ଉପନିରୀକ୍ଷକ ରାଜେନ୍ଦ୍ର କଅଁର ଫାଣ୍ଡି ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ୩ ଜଣ କନେଷ୍ଟବଳ ନିୟୋଜିତ ରହିଛନ୍ତି। ଦୈନିକ ବହୁ ଅଭିଯୋଗ ଫାଣ୍ଡିକୁ ଆସୁଥିବା ବେଳେ ଅଭିଯୋଗକୁ ଶୁଣିବା ଲାଗି ଅଧିକାରୀ ରହୁନଥିବା ଅଭିଯୋଗ ହେଉଛି। ଯାହାଦ୍ୱାରା ଉକ୍ତ ଅଞ୍ଚଳର ୪ଟି ପଞ୍ଚାୟତର ଲୋକ ପ୍ରାୟ ୧୦ କିମି ଦୂର ନୟାଗଡ଼ ସଦର ଥାନା ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ବିଗତ ଦିନରେ ମାଳିସାହି, ଢେଙ୍କେଣା ଏବଂ ଖଣ୍ଡୁଗାଁ ପଞ୍ଚାୟର ୧୭ଟି ଗ୍ରାମ ଏବଂ ଗୁଡୁପାଙ୍ଗୀ ଗ୍ରାମ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ସେହିଭଳି ଫାଣ୍ଡି ନିକଟତମ ଗ୍ରାମ ଗୁଡ଼ିକରେ ମାରଣାସ୍ତ୍ର ରଖାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ନିଜସ୍ୱ ଗୃହ ନିର୍ମାଣ ଲାଗି ଜାଗା ଚିହ୍ନଟ ପାଇଁ ସରକାରୀ ନିର୍ଦ୍ଦେଶ ଆସିଥିଲା। ୨୦୨୧ରୁ ଜାଗା ଚିହ୍ନଟ ହୋଇସାରିଥିବା ବେଳେ ଏ ପର୍ଯ୍ୟନ୍ତ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ନହୋଇପାରିବା ପୁଲିସ ବିଭାଗର ପାରିବାର ପଣିଆକୁ ପଦାରେ ପକାଇଛି। ଏଭଳି ସ୍ଥିତିରେ ଉକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଏକ ପ୍ରକାରେ ବିଗିଡ଼ିବାରେ ଲାଗିଥିବା ଅଭିଯୋଗ ହେଉଛି। କେବେ ଫାଣ୍ଡି ପାଇଁ ନିଜସ୍ୱ ଗୃହ ନିର୍ମାଣ ହେବ ଏବଂ ଗ୍ରାମାଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାରେ ସହାୟକ ହେବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।



ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା

# ପାଇପ୍ ଯୋଗେ ପାନୀୟ ଜଳ ପାଇବାରୁ ବଞ୍ଚିତ ପଞ୍ଚାୟତବାସୀ

ବାଲୁଗାଁ, ୧।୩ (ସମିସ)



କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଇ ଏଥି ନିମନ୍ତେ କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି। ସରକାରଙ୍କ ତରଫରୁ ପ୍ରତ୍ୟେକ ଗ୍ରାମରେ ଘରକୁ ଘର ପାଇପ ବିଛାଇ ପାନୀୟ ଜଳ ଯୋଗାଇ ଦେବା ଲାଗି ସ୍ୱତନ୍ତ୍ର ଭାବେ ବସୁଧା ଯୋଜନା କରାଯାଇଅଛି। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏହି ଯୋଜନା ଅନେକ ପଞ୍ଚାୟତରେ ବିଫଳ ହୋଇଥିବାର ଦେଖିବାକୁ ମିଳିଛି। ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକ ଅନ୍ତର୍ଗତ ଅଠରବାଟିଆ ପଞ୍ଚାୟତରେ ଯୋଜନା ବାଟମଣା ହୋଇଥିବା ଦେଖାଦେଇଛି।

ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ବାଲୁଗାଁ ସହର ନିକଟସ୍ଥ ଅଠରବାଟିଆ ପଞ୍ଚାୟତ ଅଧିନରେ ଚନ୍ଦ୍ରାପୁଟ ତଥା ଅଠରବାଟିଆ, ଛେଡ଼ାପଦର, ଇଂଜନପୁର, ଭେଲେରୀ, ଗବପଦର ଓ ବିଧାରପୁର ଆଦି ଛଅ ଖଣ୍ଡ ଗ୍ରାମର ପ୍ରାୟ ୧୦ ହଜାର ଜନସାଧାରଣ ବାସ କରନ୍ତି। ବାଲୁଗାଁ କ୍ଷୁଦ୍ର ସହରକୁ ଅଠରବାଟିଆ ପଞ୍ଚାୟତ ରାସ୍ତା ଦେଇ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ କେବଳ ପାଇପ୍ ବିଛାରେ ପାନୀୟ ଜଳ ଯୋଗାଣ ଅଟକି ରହିଛି। ଉକ୍ତ ଗ୍ରାମ ଗୁଡ଼ିକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ପାଇପ୍ ବିଛା ଅଧପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ ଗ୍ରାମର କେତେକଙ୍କ ଘର ସମ୍ମୁଖରେ ଟ୍ୟାପ୍ ଅଧପନ୍ତରିଆ ଭାବେ ଲାଗିଛି। ଯାହା ଫଳରେ ପଞ୍ଚାୟତବାସୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ଚାତକ ପରି ଚାହିଁ ବସିଛନ୍ତି। ଏହି ଅଠରବାଟିଆ ପଞ୍ଚାୟତ ଚିଲିକା ହ୍ରଦ ଅବବାହିକାରେ ଅବସ୍ଥିତ ହୋଇଥିବାରୁ ସମସ୍ତ ଗ୍ରାମରେ ନଳକୂପମାନ ବସା ଯାଇଥିବା ବେଳେ ସେଥିରୁ ଖାରି ପାଣି ବାହାରୁଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ରକ୍ଷଣବେକ୍ଷଣ ଅଭାବରୁ କେତେକ ଗ୍ରାମରେ ଉକ୍ତ ନଳକୂପ ଖରାପ ହୋଇ ପଡ଼ିରହିଛି। ଫଳରେ ଉକ୍ତ ପଞ୍ଚାୟତ ବାସୀ ପାଇପ୍ ଯୋଗେ ପାନୀୟ ଜଳ କିମ୍ବା ନଳକୂପ ଜଳ ନପାଇ ବାଧ ହୋଇ ଏହି ଛଅଖଣ୍ଡ ଗ୍ରାମର ଅଧିବାସୀ ଗ୍ରାମର ପୋଖରୀ ତଥା ଜଳାଶୟ, କୂପ ଓ ନଳକୂପ ଉପରେ ନିର୍ଭର କରିଥିବା ବେଳେ କିଛି ଗ୍ରାମବାସୀ ଗ୍ରାମ ପାର୍ଶ୍ୱରେ ବହି ଯାଇଥିବା ଶାଳିଆର ଶାଖା ନଇ ଉପରେ ବାଧ ହୋଇ ନିର୍ଭର କରୁଛନ୍ତି। ଚନ୍ଦ୍ରାପୁଟଠାରେ ଲକ୍ଷ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ବସୁଧା ଯୋଜନାରେ ନିର୍ମିତ ଜଳଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ ଆସୁନାହିଁ। ଖରାଦିନ ଆସୁଥିବାରୁ ପଞ୍ଚାୟତବାସୀ ପାନୀୟ ଜଳ ପାଇଁ ଡ଼ହଳ ବିକଳ ହେବାକୁ ଏଡ଼ାଇ ହେବନାହିଁ। ନିର୍ମିତ ପ୍ରକଳ୍ପ ଗୁଡ଼ିକର ପୁନଃ ତଦାରଖ କରି ସଠିକ୍ ଭାବେ କାର୍ଯ୍ୟକାରୀ କରି ଉକ୍ତ ବସୁଧା ଯୋଜନାର ସଫଳ ରୂପାୟନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି।

## ଆଜିଠୁ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**ଖୋର୍ଦ୍ଧା, ୧।୩(ସମିସ) :** ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସଡିଏ) ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନର ସହଯୋଗରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ୨ ଓ ୩ ତାରିଖ ଦୁଇ ଦିନ ସ୍ଥାନୀୟ ହାବେଳି ପଡ଼ିଆରେ ଅନୁଷ୍ଠିତ ହେବ। ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ଯୋଗ ଦେବେ। ଏହା ବ୍ୟତୀତ ଓଏସଡିଏ ସହ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା(ପ୍ରୋଜେକ୍ଟ ଇମ୍ପ୍ଲିମେଂଟିଙ୍ଗ ଏଜେନ୍ସି) ମାନେ ମଧ ଯୋଗଦେବେ। ସମସ୍ତ ନିଯୁକ୍ତିଦାତା ସଂସ୍ଥାମାନଙ୍କରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଛି। ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ ଜିଲ୍ଲା ମଧ୍ୟରେ ତାଲିମ ନେଇ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ। ଖୋର୍ଦ୍ଧା ଜିଲ୍ଲାରେ ରୋଜଗାର ସନ୍ଧାନରେ ଥିବା ମାଟ୍ରିକ ପାସ ଠାରୁ ସ୍ନାତକ, ଆଇଟିଆଇ, ଡିପ୍ଲୋମା ଏଏନଏମ, ଜିଏନଏମ, ପାସ୍ କରିଥିବା ଆଗ୍ରହୀ ଯୁବକ, ଯୁବତୀମାନେ ନିଯୁକ୍ତି ମେଳାରେ ନାମ ପଞ୍ଜୀକରଣ କରି ମେଳାରେ ଭାଗ ନେଇପାରିବେ। ଭୁବନେଶ୍ୱର ମହାନଗର ନିଗମ(ବିଏମସି), ଜଟଣୀ ଓ ଖୋର୍ଦ୍ଧା ପୌରପରିଷଦ, ବାଣପୁର ଓ ବାଲୁଗାଁ ଏନ୍ଏସି ଅନ୍ତର୍ଗତ ପ୍ରାର୍ଥୀ ପ୍ରାର୍ଥିନୀମାନେ ମେଳାରେ ଅଂଶଗ୍ରହଣ କରିବେ। ପ୍ରାର୍ଥୀ, ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାର ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସର ଏକାକିତା ନକଲ ସହ ପାସପୋର୍ଟ ସାଇଜ ଫଟୋ ୬ଟି ସାଥିରେ ଆଣିବାକୁ ଓଏସଡିଏ ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

## ମଦ ସହ ଗାଡ଼ି ଜବତ, ଜଣେ ଗିରଫ

**ବାଲୁଗାଁ, ୧।୩(ସମିସ) :** ବାଲୁଗାଁ ଥାନା ଅଞ୍ଚଳରେ ବେଆଇନ ଭାବେ ମଦ ଚୋରା ଚାଲାଣ ହେଉଥିବା ପୁଲିସ ଖବର ପାଇ ନାଭାଲ ଫାଣ୍ଡି ଅନ୍ତର୍ଗତ ବଡକୁଳ ବଜାର ଅଞ୍ଚଳରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଏକ ଟିଭିଏସ ମୋପେଡ ଗାଡ଼ିରେ ଚୋରା ଦେଶୀ ମଦ ନେଇ ଉକ୍ତ ଅଞ୍ଚଳର ଜଗବନ୍ଧୁ ସାହୁ ଯାଉଥିବା ବେଳେ ବଡକୁଳ ବଜାର ନିକଟରେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ଜଗବନ୍ଧୁଙ୍କ ନିକଟରୁ ୨୬୦ ପ୍ୟାକେଟ ଦେଶୀ ମଦ ଜବତ କରିବା ସହ ଗାଡିକୁ ମଧ୍ୟ ନାଭାଲ ଫାଣ୍ଡି ପୁଲିସ ଜବତ କରିଥିଲେ। ଅଭିଯୁକ୍ତ ଜଗବନ୍ଧୁକୁ ଗିରଫ କରିଥିବା ବେଳେ ଏ ସଂକ୍ରାନ୍ତରେ ବାଲୁଗାଁ ଥାନା କେସ ନମ୍ବର ୮୩/୨୪ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି।

## ଅବସର ଦିନରେ ପାଇଲେ ପେନ୍ସନ



**ଖୋର୍ଦ୍ଧା, ୧।୩(ସମିସ):** ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀଙ୍କୁ ଶୁକ୍ରବାର କାର୍ଯ୍ୟାଳୟ ପରିସରେ ଅବସରକାଳୀନ ସମ୍ବର୍ଦ୍ଧନା ଓ ପେନସନ ପ୍ରଦାନ କରାଯାଇଛି। ଗୋଷ୍ଠି ଶିକ୍ଷାଅଧିକାରୀ ସଂଧ୍ୟାରାଣୀ ରାଉତ ଏହି ପେନସନ ପ୍ରଦାନ କରିଥିଲେ। କଳ୍ପନା ବାରିକ, ବିନତି ମିଶ୍ର, ଗାୟତ୍ରୀମୟୀ ପଟ୍ଟନାୟକ, ରବୀନ୍ଦ୍ର କୁମାର ମାନସିଂହ, ଶାନ୍ତିଲତା କର ଓ ଗାୟତ୍ରୀ ପଟ୍ଟନାୟକ ପ୍ରମୁଖଙ୍କୁ ପୂର୍ଣ୍ଣାଙ୍ଗ ପେନ୍ସନ୍ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଧ୍ୟାବତୀ ଲେଙ୍କା, କନିଷ୍ଠ ସହାୟକ ପ୍ରଦୀପ୍ତ କୁମାର ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ଅମୀୟ କୁମାର ପରିଡ଼ା, ରେବତୀ ପଣ୍ଡା, ରବିନାରାୟଣ ପଣ୍ଡା, ରବିନାରାୟଣ ସାହୁ, ରବୀନ୍ଦ୍ର ପ୍ରଧାନ, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ବାଗେଶ୍ରୀ ମହାପାତ୍ର, ଅମୀୟ ଜେନା, ଦିବ୍ୟସିଂହ ସୁବୁଦ୍ଧି, ରଶ୍ମି ଦାସ, ସବିତା ମିଶ୍ର, ଜ୍ୟୋସ୍ନାରାଣୀ ସୁନ୍ଦରାୟ, ଅଜୟ କୁମାର ସାହୁ, ଗାୟତ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଫ୍ରି ଫାୟାରକୁ ନେଇ ବୋମାମାଡ଼, ଜଣେ ଆହତ

**ଜଟଣୀ, ୧।୩(ସମିସ):** ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ମୁସଲିମ୍ ସାହିରେ ଫ୍ରି ଫାୟାର ଗେମ୍‌କୁ ନେଇ ବୋମାମାଡ଼ ହୋଇଛି। ସାମାନ୍ୟ ଘଟଣାକୁ କେନ୍ଦ୍ର କରି ସାହିରେ ୩ଟି ବୋମା ମାଡ଼ ହୋଇଛି। ଏଥିରେ ଜଣେ ମହିଳା ଆହତ



ହୋଇଥିବା ବେଳେ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବୋମା ମାଡ଼ ଘଟଣାରେ ପୁଲିସ ୪ ଜଣଙ୍କୁ ଉଠାଇ ନେଇଥିବା ସୂଚନା ମିଳିଛି। ଅନ୍ୟପଟେ ଏହି ଘଟଣାକୁ କେନ୍ଦ୍ରକରି ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ପୁଲିସ ଛାଉଣୀରେ ଗାଁ ରହିଛି। ତେବେ ପୂର୍ବରୁ ମଧ୍ୟ ସେହି ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅନେକ ଥର ବୋମାମାଡ଼ ହୋଇଥିବା ଖବର ରହିଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ବେଣାପଞ୍ଜରୀ ମୁସଲିମ୍ ସାହିର ଗାଁ ମୁଣ୍ଡରେ ୪ରୁ ୫ ଜଣ ପିଲା ମୋବାଇଲ୍‌ରେ ଫ୍ରିଫାୟାର ଗେମ୍ ଖେଳୁଥିଲେ। ଖେଳକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ଏଥିରେ ଜଣେ ଯୁବକକୁ ଅନ୍ୟମାନେ ମିଶି ମାଡ଼ ମାରିଥିଲେ। ରକ୍ତାକ୍ତ ଅବସ୍ଥାରେ ଉକ୍ତ ଯୁବକ ଜଣଙ୍କ ଘରକୁ ପଳାଇଥିଲା। କିଛି ସମୟ ପରେ ସାହିର ଅନ୍ୟ କିଛି ପିଲାଙ୍କୁ ଧରି ଅବୁଲ୍ କାସିମ୍‌ଙ୍କ ଘର ସାମ୍ନାରେ ପହଞ୍ଚି ହଠାତ୍ ବୋମାମାଡ଼ କରି ପଳାଇଥିଲେ। ଏଥିରେ ଘର ସାମ୍ନାରେ ବସିଥିବା ଜଣେ ମହିଳା ରୋଜିଦା ବିବି ଆହତ ହୋଇଥିଲେ। ଖେବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛନାଭିନ୍ କରିଥିଲା। ପୁଲିସ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଉଠାଇ ନେଇ ଥାନାରେ ପଚରାଉଚରା କରୁଥିବା ସୂଚନା ମିଳିଛି।

## ସହରାଞ୍ଚଳ ରୂପାନ୍ତରକରଣ କାର୍ଯ୍ୟକ୍ରମ

**ଜଟଣୀ, ୧।୩(ସମିସ):** ରାଜ୍ୟ ସରକାରଙ୍କ ୫-ଟି ଆଧାରରେ ସହରାଞ୍ଚଳ ରୂପାନ୍ତକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସହରବାସୀଙ୍କ ନିମନ୍ତେ ବିଭିନ୍ନ ସୁବିଧା ଓ ସେବାର ଉତ୍ସର୍ଗୀକରଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜଟଣୀ ପୌରପାଳିକା ପକ୍ଷରୁ ସିଧା ପ୍ରସାରଣ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ (ଶ୍ରଷ୍ଠା) ଠାରେ ନଗରପାଳ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପଟ୍ଟଯୋଶୀ, ସମସ୍ତ ପରିଷଦ, ମିଶନ ଶକ୍ତି ମହିଳା ଗୋଷ୍ଠୀର ସଦସ୍ୟା, ବସ୍ତିବାସିନ୍ଦା ସଂଘ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଉତ୍ସର୍ଗୀକୃତ ହୋଇଥିବା ସେବା ଯଥା ଜାଗା ମିଶନ ଅଧୀନ ଭୂମି ଅଧିକାର ପ୍ରମାଣ ପତ୍ର ଓ ବିଜୁ ଆଦର୍ଶ କଲୋନୀ, ଡ୍ରିଙ୍କ ଫ୍ରମ ଟ୍ୟାପ୍, କଟକର ବକ୍ସ ଡ୍ରେନ, ମୁକ୍ତା ପ୍ରକଳ୍ପ ସହ ନୂତନ ପେଭର ରୋଡ଼ ଆଦି ନିର୍ମାଣ ର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଉପସ୍ଥିତ ଥିବା ସମସ୍ତ ଅଂଶଗ୍ରହଣକାରୀ ଦେଖିବା ସହ ଉପଲବ୍ଧି କରିଥିଲେ।

## ବଡ଼ପୋଖରୀଆ ପଞ୍ଚାୟତରେ 'ଆମ ବ୍ୟାଙ୍କ' ଉଦ୍‌ଘାଟିତ

**କାଲୁପଡ଼ାଘାଟ, ୧।୩(ସମିସ):** ଆମ ବ୍ୟାଙ୍କ ସେବାର ଶୁଭାରମ୍ଭ ରାଜ୍ୟ ସରକାଙ୍କ ପକ୍ଷରୁ ଆରମ୍ଭ ହୋଇଛି। ୨ୟ ପର୍ଯ୍ୟାୟ ଆମ ବ୍ୟାଙ୍କ ସେବା ଲୋକାର୍ପଣ ହୋଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ବଡ଼ପୋଖରୀଆ ପଞ୍ଚାୟତରେ ଉଦ୍‌ଘାଟନ ହୋଇଯାଇଛି ଆମ ବ୍ୟାଙ୍କ। ଏହି ଅବସରରେ ବିଡ଼ିଓ ରେସ୍ମା ଟେଟେଙ୍କ ସହ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟାଙ୍ଗୀ ବ୍ଲକରେ ଭୂଷଣ୍ଡପୁର, ଲେଣ୍ଡୁ, ନୂଆଗଡ଼ ଓ ସୁନ୍ଦରପୁର ଠାରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଛି। ବ୍ୟାଙ୍କ ଫଳରେ ଲୋକେ ସମସ୍ତ ସରକାରୀ ସୁବିଧା ପାଇବା ସହ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

## ବ୍ୟାଙ୍କ ମିତ୍ର, ଏମ୍‌ବିକେ ନିଯୁକ୍ତିରେ ଚଞ୍ଚକତା; ଜିଲ୍ଲାପାଳଙ୍କୁ ଅଭିଯୋଗ

**ଖୋର୍ଦ୍ଧା, ୧।୩ (ସମିସ) :** ଜଙ୍କିଆ ପଞ୍ଚାୟତରେ ବ୍ୟାଙ୍କ ମିତ୍ର ଓ ଏମ୍‌ବିକେ ନିଯୁକ୍ତିରେ ଚଞ୍ଚକତା କରାଯାଇ ଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଦୁଇ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ୨ଟି ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ ୧୩ ଜଣ ସଦସ୍ୟାଙ୍କୁ ନେଇ ଗଠିତ ଓମ ସାଇ ରାମ ସ୍ୱୟଂ ସହାୟକ ଗୋଷ୍ଠୀରେ ମୁଣ୍ଡାଆମ୍ବ ଗ୍ରାମର କଲ୍ୟାଣୀ ରାଉତରାୟ ସମ୍ପାଦିକା ଭାବେ କାର୍ଯ୍ୟ କରି ଆସୁଛନ୍ତି। ବ୍ୟାଙ୍କ ମିତ୍ର ପଦବୀ ପାଇଁ କଲ୍ୟାଣୀ ଆବେଦନ କରିଥିବା ବେଳେ ଏ ନେଇ ଯେଉଁ ମୂଲ୍ୟାଙ୍କନ ହୋଇଥିଲା ସେଥିରେ ସେ ୧୦ ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଥିଲେ। ହେଲେ ଉପରିସ୍ଥ ଅଧିକାରୀମାନେ ଚଞ୍ଚକତା କରି ତାଙ୍କ ଠାରୁ କମ ନମ୍ବର ରଖିଥିବା ଜଣେ ପ୍ରାର୍ଥୀଙ୍କୁ ଏହି ପଦବୀ ପାଇଁ ଚୟନ କରିଛନ୍ତି। ଯାହା ତାଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରାଯାଇ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ସେ ଅଭିଯୋଗ ରେ ଉଲ୍ଲେଖ କରିଛନ୍ତି। ସେହିପରି ୧୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀରେ ଜଙ୍କଆ ନୂଆ ଗାଁ ର ବର୍ଷା ରାଉତରାୟ ଜଣେ ସଦସ୍ୟ ଥିବା ବେଳେ ସେ ଏମ୍‌ବିକେ ପଦବୀ ପାଇଁ ସେ ଆବେଦନ କରିଥିଲେ। ସେ ମୋଟ ୨୧ ନମ୍ବରରୁ ୧୫ ନମ୍ବର ରଖି ଚିଠି ନଂ. ୫୫ ଅନୁଯାୟୀ ସେ ଏହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କିନ୍ତୁ ଦାୟିତ୍ୱ ରେ ଥିବା ଅଧିକାରୀ ମାନେ ଚଞ୍ଚକତା କରି ତାଙ୍କ ନାମକୁ କାଟି ଦେଇ ୨୧ ରୁ ମାତ୍ର ୮ ନମ୍ବର ରଖିଥିବା ଜଣେ ପ୍ରାର୍ଥୀଙ୍କୁ ଚୟନ କରିଛନ୍ତି। ଯାହା କି ତାଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି ବର୍ଷା ଅଭିଯୋଗ କରିବା ସହ ତାଙ୍କୁ ନ୍ୟାୟ ଦେବାକୁ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବର୍ଷା ଓ କଲ୍ୟାଣୀ ଉଭୟ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲ୍ଲାପାଳ ୨ଟି ଅଭିଯୋଗ ପାଇ ଥିବା ବେଳେ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ଟାଙ୍ଗୀରେ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଉଦ୍‌ଘାଟିତ

**କାଲୁପଡ଼ାଘାଟ, ୧।୩(ସମିସ):** ଟାଙ୍ଗୀ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗି ଥାନା ଇଲାକାରେ ଥିବା ଟାଙ୍ଗୀ, ବଡ଼ପାରୀ, ଚଣ୍ଡେଶ୍ୱର, କାଲୁପଡ଼ା, କୁହୁଡି, ସୋରଣ, ହାଟବରଡ଼ି, ଭୂଷଣ୍ଡପୁର, ବାଲିପାଟପୁର, କନ୍ତଳବାଇ, ସିଙ୍ଗିପୁର, ହରିପୁର, ମଙ୍ଗଳାଯୋଡ଼ି, କାଟିଲାଗୋଠ କଲୋନୀ, ସୁନ୍ଦରପୁର ପ୍ରଭୃତି ସ୍ଥାନରେ ଥିବା ସମସ୍ତ ରିଟେଲ ଓ ହୋଲସେଲ ଔଷଧ ବ୍ୟବସାୟୀଙ୍କୁ ନେଇ ଶୁକ୍ରବାର ୬୫ଜଣ ସଭ୍ୟଙ୍କ ଉପସ୍ଥିତରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ମା' ଉଗ୍ରତାରା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ, ଟାଙ୍ଗି (ଖୋର୍ଦ୍ଧା) ନାମକରଣରେ ଏକ ଆସୋସିଏସନ ଉଦ୍‌ଘାଟିତ ହୋଇଛି। ଆଜିର ପ୍ରଥମ ସାଧାରଣ ବୈଠକରେ ସର୍ବସମ୍ମତିକ୍ରମେ ଟାଙ୍ଗିର ପଦ୍ମ ଚରଣ ପୃଷ୍ଟି ସଭାପତି, ଚଣ୍ଡେଶ୍ୱର ସୌମ୍ୟ ରଞ୍ଜନ ପ୍ରଧାନ ଉପସଭାପତି, ଭୂଷଣ୍ଡପୁର ସନ୍ତୋଷ କୁମାର ପାତ୍ର ସମ୍ପାଦକ, ଟାଙ୍ଗିର ମଧୁସୂଦନ ମହାପାତ୍ର କୋଷାଧ୍ୟକ୍ଷ, ଟାଙ୍ଗୀର ତ୍ରିପତୀ ପ୍ରସାଦ ମହାପାତ୍ର ଯୁଗ୍ମସମ୍ପାଦକ ଏବଂ ସମସ୍ତ କ୍ଷେତ୍ରରେ ସହଯୋଗ ଏବଂ ସଂଯୋଜନା କରିବା ପାଇଁ ସୁନିଲି ମହାନ୍ତି, ବିକାଶ ସାହୁ ମନୋନୀତ ହୋଇଛନ୍ତି। ଶେଷରେ ସଭାପତିଙ୍କୁ ଧନ୍ୟବାଦ୍ ଦେଇ ସଭାସାଙ୍ଗ କରାଯାଇଥିଲା।

● ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ପୁରାତନ ଅଧ୍ୟକ୍ଷାଙ୍କୁ ବିଦାୟ, ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ

**ବାଣପୁର, ୧।୩ (ସମିସ):** ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ୩୨ ବର୍ଷଧରି କାର୍ଯ୍ୟ କରିଆସି ବିଦ୍ୟାଳୟ ସରକାର ଅନୁଦାନ ପ୍ରାପ୍ତ ହେବା ଠାରୁ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରି ଆସୁ ଥିବା ଶ୍ରୀମତି ରଶ୍ମିତା ମାହାନ୍ତି ଅବସର ଗ୍ରହଣ କରିଛନ୍ତି। ଶ୍ରୀମତୀ ମହାନ୍ତି ଅବସର ନେବା ପରେ ଶିକ୍ଷା ବିଭାଗ ତରଫରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ବିଭାଗର ବରିଷ୍ଠ ଅଧ୍ୟାପକ ସର୍ବେଶ୍ୱର ଷଡଙ୍ଗୀଙ୍କୁ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଭାର ପ୍ରଦାନ କରାଯାଇଛି। ଏହି ଅବସରରେ



ବିଦ୍ୟାଳୟ ତରଫରୁ ପୁରାତନ ଅଧ୍ୟକ୍ଷାଙ୍କ ବିଦାୟ କାଳୀନ ଏବଂ ନୂତନ ଅଧ୍ୟକ୍ଷଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ଅଧ୍ୟକ୍ଷ ଶ୍ରୀ ଷଡଙ୍ଗୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତିଙ୍କୁ ସେବା ନିବୃତ୍ତ ଲାଗି ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ଫୁଲତୋଡ଼ା ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସହିତ ନୂତନ ଅଧ୍ୟକ୍ଷ ଶ୍ରୀ ଷଡଙ୍ଗୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ କର୍ମଚାରୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉତ୍ସବରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ନିଜର ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ କରି ଯୁବକ ଗିରଫ

**ନିରାକାରପୁର, ୧।୩(ସମିସ):** ନାବାଳିକାକୁ ଅନ୍ତଃସ୍ୱତ୍ତ୍ୱା କରି ଗୁରୁତର କରିଥିବା ଅଭିଯୋଗରେ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ବାପି ଓରଫ ମନୋଜ କୁମାର ଦାସ (୨୦) କୁ ଶୁକ୍ରବାର ଜଙ୍କିଆ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉ କି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅଞ୍ଚଳର ଛାତ୍ରୀ (୧୬) ଯୁକ୍ତ ଦୁଇରେ ପଢ଼ିବାକୁ ସିକୋ କଲେଜ ଆସୁଥିବାବେଳେ ନିକଟରେ ପାଣି ଟାଙ୍କି କାର୍ଯ୍ୟରତ ହଜ ଗ୍ରାମର ବାପି ଦାଶ ତାକୁ ନିଜ ପ୍ରେମ ଜାଲରେ ଫସାଇଥିଲା। ପରେ ବାପି ଉକ୍ତ ନାବାଳିକା ଛାତ୍ରୀ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ପରେ ନାବାଳିକା ଅନ୍ତଃସ୍ୱତ୍ତ୍ୱା ହୋଇଯାଇଥିଲା। ଏକଥା ଜାଣି ବାପି ତାକୁ ଗର୍ଭ ନଷ୍ଟ କରିବା ପାଇଁ କିଛି ଔଷଧ ଦେଇଥିଲା। ପରେ ନାବାଳିକା ଅତ୍ୟଧିକ ରକ୍ତସ୍ରାବ ହେବାରୁ ସମସ୍ତ କଥା ଝିଅ ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ତରଫରୁ ଝିଅକୁ ଚିକିତ୍ସା ପାଇଁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରାଯାଇ ଜଂକିଆ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଜଙ୍କିଆ ଥାନା ଆଇଆଇସି ପ୍ରଜ୍ଞା ରିତମ୍ଭରା କର ବାପିକୁ ଅଟକ ରଖି ପଚରାଉଚରା କରି କେଶ ନଂ ୮୬/୨୪ ରେ କୋର୍ଟ ଚାଲାଣ କରିଛନ୍ତି।

## ଦେଶୀ ମଦ ଜବତ, ୩ ଅଭିଯୁକ୍ତ କୋର୍ଟ ଚାଲାଣ

**ବେଗୁନିଆ, ୧।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗର ଅଧିକ୍ଷକ ଝସକେତନ ବରିହାଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜ ଅବକାରୀ ବିଭାଗ ନିରୀକ୍ଷକ ସନ୍ତୋଷ କୁମାର ସାହୁ ଓ ବେଗୁନିଆ ଅବକାରୀ ବିଭାଗ ଉପ ନିରୀକ୍ଷକ ଏନ ଜାଗିନ ରାଓ କର୍ମଚାରୀ ସହ ମିଳିତ ଭାବେ ଚଢାଉ କରି ୬୦ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତ ୫ ଜଣଙ୍କୁ ଗିରଫ କରିଥିବା ବେଳେ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ସୂଚନା ମୁତାବକ ହୀରାପୁର ଗ୍ରାମର କୃପାସିନ୍ଧୁ ରଥ ଗୋଡ଼ିକିଲୋ ଦାଶରଥି ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଚଟୁଆ ଗ୍ରାମର ବିଜୟ କୁମାର ସାହୁ ଓ ଶଙ୍କର ସାହୁଙ୍କୁ ୪୧ ପିଆର ବଣ୍ଡରେ ଛାଡ଼ି ଦେଇଛି। ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜ ଅବକାରୀ ବିଭାଗ ପକ୍ଷରୁ ଗୌଡପାଟଣା ଗ୍ରାମର ଲୋକନାଥ ସାଥୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: କଟକ ୟଙ୍ଗ ଉତ୍କଳ ଚାମ୍ପିଅନ

**ବେଗୁନିଆ, ୧।୩(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଛି। ହାୱଡ଼ା ୟଙ୍ଗ ଫ୍ରେଣ୍ଡସ ଫୁଟବଲ କ୍ଲବ ଓ କଟକ ୟଙ୍ଗ ଫୁଟବଲ କ୍ଲବ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ କଟକ ୟଙ୍ଗ ଉତ୍କଳ ଫୁଟବଲ କ୍ଲବ ୩/୦ ଗୋଲରେ ବିଜୟ ଲାଭ କରି ଚାମ୍ପିଅନ ହୋଇଛି। ମ୍ୟାଚ୍ କମିଶନର ଦୟାନ ଖାଁଙ୍କ ନେତୃତ୍ୱରେ ରେଫରି ରାଜୁ ମହାନ୍ତି, ଲାଇନମ୍ୟାନ ବିଦେଶୀ ନାୟକ, ସଗିର ଅହମ୍ମଦ ଓ ପ୍ରିୟବ୍ରତ ବାହିନୀପତି ପ୍ରମୁଖ ପରିଚାଳନା କରିଥିଲେ। ରମାକାନ୍ତ ପାତ୍ର, ଫୈଜଲ ହୁସେନ ଖାଁ ଓ ମିହିର ରଞ୍ଜନ ମହାପାତ୍ର ଭାଷ୍ୟକାର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ




ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାର ସିଂହ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ମାନସ ରଞ୍ଜନ ବିଶ୍ୱାଳ, ଅସିତ କୁମାର ତ୍ରିପାଠୀ, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ଜିଲ୍ଲା ବିଜେଡ଼ି ଉପସଭାପତି ନିବାସ ପାଇକରାୟ, ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ନୟାଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ହଜରତ ଅଲ୍ଲୀ ଖାଁ, ସମାଜସେବୀ ସୁଶାନ୍ତ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ପୀତବାସ ମହାପାତ୍ର, ଆଇନଜୀବି ମନିରା ବେଗମ ଓ ପୂର୍ବତନ ଗ୍ରାମ୍ୟ କମିଟି ସଭାପତି ଏସକେ ଜବାର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ଭାଙ୍ଗିଲା ମନ୍ଦିର ତାଲା; ୨୬ଦିନ ପରେ ପୂଜା ପାଇଲେ ମହାପ୍ରଭୁ

ଜଟଣୀ, ୧।୩(ସମିସ)



ଜଟଣୀ ବାଛରାପାଟଣାରେ ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ କାମ ପାଇଁ ଆସିଥିବା ଲକ୍ଷାଧିକ ଟଙ୍କାକୁ କେନ୍ଦ୍ର କରି ବିବାଦ ଲାଗି ରହିଥିଲା। ଏହି ବିବାଦକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ମନ୍ଦିର କବାଟରେ ତାଲା ପକାଇଦେଇଥିଲେ। ଗୁରୁବାରଦିନ ସମସ୍ତେ ଏକଜୁଟ୍ ପରେ ନିଷ୍ପତ୍ତି ଅନୁସାରେ ମନ୍ଦିର ତାଲାକୁ ଭଙ୍ଗାଯାଇ ମହାପ୍ରଭୁଙ୍କ ନିତିକାନ୍ତି ହୋଇଛି। ସୂଚନାନୁସାରେ, ୧୯୮୪ ମସିହାରେ ଗ୍ରାମବାସୀଙ୍କ ଦ୍ୱାରା ଗୋଟିଏ ଛୋଟ ଜଗନ୍ନାଥ ନିର୍ମାଣ କରାଯାଇଥିଲା। ଧୀରେ ଧୀରେ ଏହି ମନ୍ଦିରର ଉନ୍ନତୀକରଣ କରାଯାଇ ବଡ଼ ମନ୍ଦିର ପ୍ରତିଷ୍ଠା କରାଯାଇଛି। କିନ୍ତୁ ବିଗତ କିଛି ମାସ ପୂର୍ବରୁ ହୋଚିମିନ ଶାସ୍ତ୍ରୀ ନାମକ ଜଣେ ବ୍ୟକ୍ତି ଜୋରଜବରଦସ୍ତି ମନ୍ଦିର ଦାୟିତ୍ୱ ନିଜ ଅକ୍ତିଆରକୁ ନେଇଥିଲେ। ଟ୍ରଷ୍ଟର ନିଷ୍ପତ୍ତି ଅନୁସାରେ ମନ୍ଦିର ଯେବେଠୁ ତିଆରି ହେଲାଣି ସେବେଠୁ ପ୍ରତିବର୍ଷ ଏଠାରେ ବାର୍ଷିକ ଉତ୍ସବ ଓ ହୋମଯଜ୍ଞ ପାଳନ କରାଯାଏ। ଗତ ଜାନୁଆରି ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ବାର୍ଷିକ ଉତ୍ସବ ଓ ହୋମଯଜ୍ଞ ପାଳନ କରାଯିବା କଥା, କିନ୍ତୁ ଏହି ବିବାଦ ଦ୍ୱାରା ଧାର୍ଯ୍ୟ ସମୟରେ ଉତ୍ସବ ବନ୍ଦ ହୋଇଥିଲା। ଯାହାକୁ କେନ୍ଦ୍ରକରି ସାହିର ବାସିନ୍ଦାମାନେ ରାତିରେ ଥାନା ଆଗରେ ଧାରଣା ଦେଇଥିଲେ। ପରେ ଉଭୟ ଗୋଷ୍ଠୀର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ବାର୍ଷିକ ଉତ୍ସବ ଓ ହୋମଯଜ୍ଞ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ୫ଟି ଅଧୀନରେ ମନ୍ଦିରର ଉନ୍ନତୀକରଣ ପାଇଁ ଆସିଥିବା ଲକ୍ଷାଧିକ ଟଙ୍କାକୁ କେନ୍ଦ୍ର କରି ଉଭୟ ସଂଘ ଓ ଟ୍ରଷ୍ଟ ସଦସ୍ୟଙ୍କ ମଧ୍ୟରେ ପୁଣି ମତଭେଦ ସୃଷ୍ଟି ହୋଇଥିଲା। ଯାହାକୁ ନେଇ ମନ୍ଦିରରେ ଉଭୟ ଗୋଷ୍ଠୀ ପକ୍ଷରୁ ତାଲା ପକାଯାଇଥିଲା। ପରେ ମନ୍ଦିର ତାଲା ଖୋଲିବାକୁ ନେଇ ଗ୍ରାମବାସୀମାନେ ମନ୍ଦିର ସାମ୍ନାରେ ବସି ରହିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଘଟଣାକୁ କେନ୍ଦ୍ର ଗତ ଫେବୃଆରି ୭ ତାରିଖ ରାତିରେ ଗୋଟିଏ ଗୋଷ୍ଠୀର କିଛି ଲୋକ ଅନ୍ୟ ଏକ ଗୋଷ୍ଠୀର ଜଣେ ସଦସ୍ୟଙ୍କୁ ଆକ୍ରମଣ କରିଥିଲେ। ତେବେ ଏହି ଘଟଣାକୁ ନେଇ ବିବାଦ ଆହୁରି ବଢ଼ିଯାଇଥିଲା। ଗୋଟିଏ ପଟେ ଗ୍ରାମବାସୀମାନେ ମନ୍ଦିର ତାଲା ଖୋଲିବାକୁ ଦାବି କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର କିଛି ଲୋକ ତାଲା ଖୋଲିବାକୁ ନାରାଜ ଥିବାରୁ ମନ୍ଦିର ବନ୍ଦ ହୋଇ ପଡ଼ିଥିଲା। ତୃତୀୟ ପକ୍ଷ ଦ୍ୱାରା ମନ୍ଦିର ଖୋଲିବା ସହ ନିତିକାନ୍ତି କରିବାକୁ ଗ୍ରାମବାସୀମାନେ ଦାବି ନେଇ ଧାରଣା ଦେଇଥିଲେ। ଗୁରୁବାର ସମସ୍ତେ ଏକଜୁଟ୍ ହୋଇ ବୈଠକ ପରେ ଏଥିରେ ଟ୍ରଷ୍ଟର ସଦସ୍ୟମାନେ ତାଲା ଖୋଲିବାକୁ ରାଜି ହୋଇଯାଇଥିଲେ। କିନ୍ତୁ ଅନ୍ୟ ଏକ ତାଲାର କାଠି ମନ୍ଦିର ଦାୟିତ୍ୱରେ ଥିବା ହୋଚିମିନ ଶାସ୍ତ୍ରୀ ତାଲା ଖୋଲିବାକୁ ରାଜି ହୋଇ ନଥିଲେ। ପରେ ଗ୍ରାମବାସୀ ମିଶି ମନ୍ଦିର ତାଲାକୁ ଭାଙ୍ଗି ଦେଇଥିଲେ। ପରେ ମନ୍ଦିରରେ ମହାପ୍ରଭୂଙ୍କ ନିତିକାନ୍ତି କରାଯାଇଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୨.୧୫ • ପାଉଣ୍ଡ ୧୦୪.୫୫
- ୟୁରୋ ୮୯.୯୪ • ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୯୦୦ (ନୂଆଦିଲ୍ଲୀ)
- ରୁପା : ୭୪,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୭୪୫.୦୦
- ନିଫ୍ଟି ୨୨,୩୩୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ବିରୁଦ୍ଧରେ ମନି ଲଣ୍ଡରିଂ ଅଭିଯୋଗ

## ଲାଗିଲା ୫.୪୯ କୋଟି ଟଙ୍କାର ଜରିମାନା

**ନୂଆଦିଲ୍ଲୀ,୧।୩(ଏଜେନ୍ସି):** ପେଟିଏମ୍ ପେମେଣ୍ଟସ ବ୍ୟାଙ୍କକୁ ଆର୍ଥିକ ଗୁଇନ୍ଦା ୟୁନିଟ୍ (ଏଫ୍‌ଆଇୟୁ) ରୁ ଲାଗିଛି ବଡ଼ ଝଟ୍‌କା। ଏଫ୍‌ଆଇ ପେଟିଏମ ପେମେଣ୍ଟସ ବ୍ୟାଙ୍କ ଉପରେ ମନିଲଣ୍ଡ୍ରିଂ ଅଭିଯୋଗରେ ୫.୪୯ କୋଟି ଟଙ୍କାର ଜରିମାନା ଲଗାଇଛି। ଏଫଆଇୟୁ ଜାଣିବାନୁଯାୟୀ, ଅନେକ ସଂସ୍ଥା ଅପରାଧିକ ଗତିବିଧି ପାଇଁ ପେଟିଏମ ପେମେଣ୍ଟସ ବ୍ୟାଙ୍କ ଖାତାକୁ ବ୍ୟବହାର କରିଛନ୍ତି। ଏଫ୍‌ଆଇ ଏହି ଜରିମାନା ପିଏମ୍‌ଏଲ୍‌ଏ ଉଲ୍ଲଙ୍ଘନ ପାଇଁ ଲଗାଇଛି। ସୂଚନାଥାଉକି, ରିଜର୍ଭ ବ୍ୟାଙ୍କ ଜାନୁଆରୀ ୩୧ରେ ପେଟିଏମ ପେମେଣ୍ଟସ ବ୍ୟାଙ୍କ ଉପରେ ନେଇ କରିଥିବା କାର୍ଯ୍ୟାନୁଷ୍ଠାନ ପରେ ଇଡି ବ୍ୟାଙ୍କ୍‌ର ଆକାଉଣ୍ଟସ, ଟ୍ରାଞ୍ଜାକ୍ସନର ଛାନବିନ୍ ଆରମ୍ଭ କରିଥିଲା। ଏଫ୍‌ଆଇୟୁକୁ ଯାଞ୍ଚ ଏଜେନ୍ସିରୁ ସୂଚନା ମିଳିଛି ଯେ, ଅନଲାଇନ ଜୁଆ ସହ ଅନେକ ଅବୈଧ କାର୍ଯ୍ୟରେ ଲିପ୍ତ କିଛି ସଂସ୍ଥା ପେଟିଏମ ପେମେଣ୍ଟସ ବ୍ୟାଙ୍କ ଦ୍ୱାରା ନେଣଦେଣ କରୁଥିଲେ। ଯାହା ପରେ ଏଫ୍‌ଆଇୟୁ ଯାଞ୍ଚ ଆଧାରରେ ସମୀକ୍ଷା ଆରମ୍ଭ କରିଥିଲା ଆଉ ଶୁକ୍ରବାର ପେଟିଏମ ପେମେଣ୍ଟସ ବ୍ୟାଙ୍କ ଉପରେ ଜରିମାନା ଲଗାଇଛି। ଏହା ପୂର୍ବରୁ ଶୁକ୍ରବାର ଓ୍ୱାନ୯୭ କମ୍ୟୁନିକେସନ, ପେଟିଏମ ଏବଂ ପେଟିଏମ ପେମେଣ୍ଟ୍ସ ବ୍ୟାଙ୍କ ମଧ୍ୟରେ ଇଣ୍ଟର କମ୍ପାନୀ ଚୁକ୍ତି ସମାପ୍ତ କରିବା ଉପରେ ସହମତ ହୋଇଥିଲା। ଏହାଦ୍ୱାରା ଉଭୟ କମ୍ପାନୀ ପରସ୍ପର ଉପରେ ନିର୍ଭରତା କମ୍ କରିପାରିବେ। ଉଲ୍ଲେଖଯୋଗ୍ୟ, ପେଟିଏମ ଫାଉଣ୍ଡର ବିଜୟ ଶେଖର ଶର୍ମା ଫେବ୍ରୁଆରୀ ୨୬ରେ ପେଟିଏମ ବ୍ୟାଙ୍କ୍‌ର ବୋର୍ଡରୁ ଇସ୍ତଫା ଦେଇଥିଲେ। ଯାହା ପରେ ଏହାର ମୂଳ କମ୍ପାନୀ ଓ୍ୱାନ ୯୭ କମ୍ୟୁନିକେସନର ଶେୟାର ମୂଲ୍ୟରେ ଲଗାତାର ହ୍ରାସ ଦେଖିବାକୁ ମିଳିଛି।

# ନିର୍ବାଚନ ପାଖେଇଲା କମିଲାନି ତେଲ କି ରନ୍ଧନ ଗ୍ୟାସ ଦର

**ନୂଆଦିଲ୍ଲୀ,୧।୩(ଏଜେନ୍ସି)**

ବର୍ତ୍ତମାନ ଘରୋଇ ବଜାରରେ ପେଟ୍ରୋଲ ଓ ଡିଜେଲ ଦର ସହ ତାଳ ଦେଇ ରନ୍ଧନ ଗ୍ୟାସ୍ ବା ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ପୁଣିଥରେ ସାଧାରଣ ଖାଉଟିଙ୍କ ହାଣ୍ଡିଶାଳ ଉପରେ ପଡ଼ିଛି ଚଡ଼କ। ଘରୋଇ ଏଲ୍‌ପିଜି ସିଲିଣ୍ଡର ଦର ଦୀର୍ଘ ଦିନ ହେବ ହଜାରେ ଟଙ୍କା ନିକଟତର ରହିଛି। ତେଲ ଦର ବୃଦ୍ଧିକୁ ନେଇ ଅତିଷ୍ଠ ହୋଇପଡିଥିବା ଖାଉଟି ଏବେ ରନ୍ଧନ ଗ୍ୟାସ୍ ଦର ବୃଦ୍ଧିରେ ଅଣନିଶ୍ୱାସୀ। ଦେଶରେ ଯେତେବେଳେ ତୈଳ ଦରକୁ ନେଇ ଖାଉଟିଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି ଠିକ୍ ସେତିକିବେଳେ ରନ୍ଧନ ଗ୍ୟାସ୍ ବାରମ୍ବାର ମହଙ୍ଗା ହୋଇଛି। ଶୁକ୍ରବାର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ଆଜି ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ୨୫ ଟଙ୍କା ବୃଦ୍ଧି ଘଟାଇଛନ୍ତି। ଅପରପକ୍ଷେ ଦେଶରେ ବର୍ତ୍ତମାନ ସାଧାରଣ ନିର୍ବାଚନ





ପାଖେଇ ଆସୁଥିବାବେଳେ ବଜାରରେ ଦୀର୍ଘ ଦିନ ହେବ ପେଟ୍ରୋଲ ଓ ଡିଜେଲ ଏବଂ ଏଲ୍‌ପିଜି ସିଲିଣ୍ଡର ଦର ଖୁବ୍ ଉଚ୍ଚ ସ୍ତରରେ ରହିଛି। ସାଧାରଣତଃ ନିର୍ବାଚନ ପୂର୍ବରୁ ତେଲ ଏବଂ ରନ୍ଧନ ଗ୍ୟାସ୍ ଦର ହ୍ରାସ ପାଇଥାଏ। ଏବେ ସେହି ଆଶାରେ ସାଧାରଣ ଖାଉଟି। କେବେ କମିବ ଦର। ହେଲେ ନିଦାବିଷ୍ଟୁ ସାଜିଛନ୍ତି କେନ୍ଦ୍ର ସରକାର। ପେଟ୍ରୋଲ ଓ ଡିଜେଲ ଏବଂ ଏଲ୍‌ପିଜି



ସିଲିଣ୍ଡର ମୂଲ୍ୟରେ କୌଣସି ପ୍ରକାର ହ୍ରାସ ଘଟାଇବାକୁ ରାଜି ନାହାଁନ୍ତି କେନ୍ଦ୍ର ସରକାର। ବରଂ ଆଜି ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ସରକାର ୨୫ ଟଙ୍କା ବୃଦ୍ଧି ଘଟାଇଛନ୍ତି। ଫଳରେ ନିର୍ବାଚନୀ ଋତୁରେ ତେଲ ଦର ଏବଂ ରନ୍ଧନ ଗ୍ୟାସ୍ ମୂଲ୍ୟରେ ହ୍ରାସ ଘଟିବା ନେଇ ଆଶା ବାନ୍ଧିଥିବା ଖାଉଟି ଏବେ ନିରାଶ।

ଶେଷ ଥର ପାଇଁ ଘରୋଇ ରନ୍ଧନ ଗ୍ୟାସ୍

### ଖାଉଟି ନିରାଶ

### ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ୨୫ ଟଙ୍କା ମହଙ୍ଗା ହେଲା

ମୂଲ୍ୟ ଗତ ଫେବୃଆରୀ ପହିଲାରେ ୧୪ ଟଙ୍କା ବୃଦ୍ଧି କରାଯାଇଥିଲା। ଆଜି ୧୯ କେଜି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ୨୫ ଟଙ୍କା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ସହ ରାଜଧାନୀ ଦିଲ୍ଲୀରେ ଗ୍ୟାସ ସିଲିଣ୍ଡର ମୂଲ୍ୟ ୧,୯୭୫ ଟଙ୍କାରେ ପହଞ୍ଚିଛି। ସେହିପରି କଲକାତାରେ ୧,୯୧୧ ଟଙ୍କା, ମୁମ୍ବାଇରେ ୧,୭୪୯ ଟଙ୍କା ଏବଂ ଚେନ୍ନଇରେ ସିଲିଣ୍ଡର ପିଛା ଦର ୧,୯୬୦.୫୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ୧୪ କେଜି ବିଶିଷ୍ଟ ଘରୋଇ ସିଲିଣ୍ଡର ଦରରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

# ୪ ଖଣି କ୍ଷେତ୍ରରେ ଜେଏସ୍‌ଡବ୍ଲ୍ୟୁ ପୁରସ୍କୃତ

**ଭୁବନେଶ୍ୱର,୧।୩(ସମିସ):** ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡ (ଓଡ଼ିଶା ଖଣି ଡିଭିଜନ) ୨୫ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ୨୦୨୩-୨୪ର ଅନ୍ତିମ ଓ ପୁରସ୍କାର ବିତରଣରେ ଭିନ୍ନ ଭିନ୍ନ ବର୍ଗରେ ଅନେକ ସମ୍ମାନଜନକ ପରସ୍କାର ଲାଭ କରିଛି। ଏମଇଏମସି କାର୍ଯ୍ୟକ୍ରମ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ) ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଜେଏସଡବ୍ଲ୍ୟୁ ଚାରୋଟି ଖଣି କ୍ଷେତ୍ରରେ ବିଭିନ୍ନ ବର୍ଗରେ ପ୍ରଦର୍ଶନ ଲାଗି ପୁରସ୍କୃତ ହୋଇଛି। ପରିବେଶର ସୁରକ୍ଷା ଦିଗରେ ଏହାର ଅବଦାନକୁ ସ୍ୱୀକୃତି ଦେଇ କାର୍ଯ୍ୟକ୍ରମରେ ବୃକ୍ଷରୋପଣ ପାଇଁ ଜଜାଙ୍ଗ ମାଇନ୍ସ ପ୍ରଥମ ପୁରସ୍କାର ମିଳିଛି। ଏହାସହ ନାରାୟଣପୋଶୀ ମାଇନ୍ସ ବର୍ଜ୍ୟବସ୍ତୁ ଡମ୍ପିଂ ପରିଚାଳନା ବର୍ଗରେ ପ୍ରଥମ ପୁରସ୍କାର ହାସଲ କରିଛି। ସେହିଭଳି ନୂଆଗାଁ ଖଣିରେ ବ୍ୟବସ୍ଥିତ ବୈଜ୍ଞାନିକ ବିକାଶରେ ଦ୍ୱିତୀୟ ପୁରସ୍କାର ଓ ପରିବେଶ ମନିଟରିଂରେ ତୃତୀୟ ପୁରସ୍କାର ପାଇଛି। ଗୋନୁଆ ଖଣିକୁ ସ୍ଥାୟୀ ବିକାଶ ବର୍ଗରେ ଦ୍ୱିତୀୟ ପୁରସ୍କାର ମିଳିଛି। ନିଖିଳ ବେହୁରିଆ,ମାଇନସ ମ୍ୟାନେଜର-ଗୋନୁଆ ଆଇରନ ଓର ମାଇନ୍ସ ତାଙ୍କର ପରିବେଶ ଉପଯୋଗୀ କାର୍ଯ୍ୟ ଲାଗି ପରିବେଶ ବନ୍ଧୁ ସମ୍ମାନ ଲାଭ କରିଛନ୍ତି।



# କଟକ ସିଡିଏରେ ଖୋଲିଲା ଦ୍ୱିତୀୟ ଚାନ୍ଦି ଭଣ୍ଡାର

**କଟକ,୧।୩(ସମିସ):** ଚାନ୍ଦି ରୁପାର ସୂକ୍ଷ୍ମ କାରୁକାର୍ଯ୍ୟ କରି ଅଳଙ୍କାର ପ୍ରସ୍ତୁତ କରୁଥିବା ଅଗ୍ରଣୀ ସିଲଭର ଚେନ୍ ଚାନ୍ଦି ଭଣ୍ଡାର କଟକ ସିଡିଏ ସେକ୍ଟର ୯ ସ୍ଥିତ ଦୁର୍ଗା ମଣ୍ଡପ ନିକଟସ୍ଥ ଆରୋଗ୍ୟ ମଲ୍ଟି ସ୍ପେସିଆଲିଷ୍ଟ ହସ୍ପିଟାଲ୍ ପାଖରେ ଏକ ବ୍ରାଣ୍ଡ ନିୟୁ ଷ୍ଟୋର ଆଜି ଓଡିଆ ଚଳଚ୍ଚିତ୍ର ତାରକା ଶୈଳେନ୍ଦ୍ର ସାମନ୍ତରାୟ ଓ ଶିବାନୀ ସଙ୍ଗୀତାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ପୂର୍ବରୁ ମାତାମଠ ନିକଟରେ ଏହାର ପ୍ରଥମ ଚାନ୍ଦି ଭଣ୍ଡାର ରହିଥିବାବେଳେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହି ଦ୍ୱିତୀୟ ଭଣ୍ଡାର ଖୋଲିଲା ବୋଲି ପ୍ରୋପ୍ରାଇଟର ମାଣିକ ହଂସ କହିଛନ୍ତି। ନିର୍ଦ୍ଦେଶିକା ଲିପ୍ସା ହଂସ ଯୋଗଦେଇ କଟକରେ ରୂପା ପ୍ରତି ରହିଥିବା ଲୋକଙ୍କ ଭଲପାଇବାକୁ ନେଇ ଅନ୍ୟ ପ୍ରାନ୍ତକୁ ସମ୍ପ୍ରସାରଣ ଅପରିହାର୍ଯ୍ୟ ହୋଇପଡ଼ିଥିଲା। ଗ୍ରାହକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ ରଖି ଏକ ଛାତ ତଳେ ଚାନ୍ଦିରେ ନିର୍ମିତ ସମସ୍ତ ଗହଣା ଉପଲବ୍ଧ କରଇବାକୁ ସେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ପୂର୍ବରୁ ଭୁବନେଶ୍ୱରର ସହୀଦ ନଗର, ପଟିଆ, ସୌଭାଗ୍ୟନଗର, ଜନପଥ, ରସୁଲଗଡ଼ ବ୍ୟତୀତ ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର,





ଅନୁଗୋଳ, ଯାଜପୁର ରୋଡ, କଟକକୁ ମିଶାଇ ୧୧ଟି ଚାନ୍ଦି ଭଣ୍ଡାର ରହିଛି। ସୁକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ରୂପା ଅଳଙ୍କାର, ଉପହାର ସାମଗ୍ରୀ, ରୂପା କଳାକୃତି ଓ ଅନ୍ୟାନ୍ୟ ସାମଗ୍ରୀରେ ରୁଚି ରଖୁଥିବା ଗ୍ରାହକଙ୍କ ପାଇଁ ଏହି ଚାନ୍ଦି ଭଣ୍ଡାର ୱାନ୍ ପଏଣ୍ଟ ଡେଷ୍ଟିନେସନ୍ ହେବ। ନୂତନ ଏଠାରୁ ପାଇପାରିବେ। ଏପରିକି ବିବାହ, ବ୍ରତ, ଜନ୍ମଦିନ, ବିବାହ ବାର୍ଷିକରେ ଉପହାର ଦେବା ପାଇଁ ଗହଣା ସାଙ୍ଗକୁ, ବାସନ କୁସନ ଓ ସ୍ୱତନ୍ତ୍ର ଉପହାର ସାମଗ୍ରୀ ଏଠାରେ ମିଳୁଛି। ବିଶେଷ କରି ୨୦୧୩ରୁ ସ୍ଥାପିତ ଚାନ୍ଦିଭଣ୍ଡାର ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ ରୁପା ଯୋଗାଇବା,

### ଗଢା ମଜୁରୀ ଉପରେ ୩୦ ଶତକଡ଼ା ଛାଡ

ଭାବେ ଖୋଲା ଯାଇଥିବା ଏହି ଭଣ୍ଡାରରେ ଆଜିଠାରୁ ୧୦ ତାରିଖ ପର୍ଯ୍ୟନ୍ତ ୩୦ ଶତକଡା ଗଢ଼ା ମଜୁରୀ ଉପରେ ରିଆତି ଉପଲବ୍ଧ ହେବ। ସବୁ ବର୍ଗର ଲୋକଙ୍କୁ ସୁହାଇବା ଭଳି ଗ୍ରାହକ ସେମାନଙ୍କ ରୁଚି ଅନୁଯାୟୀ ଭିନ୍ନ ଭିନ୍ନ ଡିଜାଇନ୍ କୁଶଳୀ କାରିଗରଙ୍କ ଦ୍ୱାରା ନିର୍ମିତ ଗହଣା ବିନା ଅର୍ଥରେ ଜୀବନକାଳ ଗହଣା ସଫା କରିବା, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ, କିଣିବା ପୂର୍ବରୁ ମାନ ପରଖିବା, ମୁଦ୍ରା ମୂଲ୍ୟାୟନ ଓ ଗୁଣବତ୍ତା ବଜାୟ ରଖି ହଲମାର୍କ ଗହଣା ଯୋଗାଇ ଆସୁଥିବାରୁ ଏବେ ସମସ୍ତ ବର୍ଗଙ୍କୁ ଆକର୍ଷିତ କରୁଛି।

# ଜେଏସ୍‌ପିକୁ ସୋସିଆଲ ଇମ୍ପାକ୍ଟ ପୁରସ୍କାର

**ଭୁବନେଶ୍ୱର, ୧।୩(ସମିସ):** ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) କୁ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୋସିଆଲ ଇମ୍ପାକ୍ଟ ଆୱାର୍ଡ ୨୦୨୪ ପ୍ରଦାନ କରାଯାଇଛି। ଗତ ସପ୍ତାହରେ ଦିଲ୍ଲୀର ଏସିପି ସାଇବର ସେଲ୍ (କ୍ରାଇମ ବ୍ରାଞ୍ଚ) ସନ୍ଦୀପ ମଲହୋତ୍ରା ଏହି ପୁରସ୍କାର ପ୍ରଦାନ କରିଥିଲେ। ଜେଏସପି ପକ୍ଷରୁ ଏହାର ଗ୍ରୁପ୍ ଚିଫ୍ ଡିଜିଟାଲ୍ ଅଫିସର ଇନ୍ଦ୍ରଦ୍ୟୁମ୍ନ ଦତ୍ତା ଏହି ସମ୍ମାନ ଗ୍ରହଣ କରିଥିଲେ।

ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଜେଏସପି ଏହାର ସାମାଜିକ ସଂସ୍ଥା, ଜେଏସପି ଫାଉଣ୍ଡେସନ ମାଧ୍ୟମରେ ଯୁବକମାନଙ୍କୁ ସଶକ୍ତିକରଣ କରିବା ଏବଂ ସ୍ଥାନୀୟ ଯୁବକମାନଙ୍କୁ ରାଜ୍ୟ ତଥା ଦେଶ ପାଇଁ କ୍ରୀଡା ପଦକ ଜିତିବାରେ ସକ୍ଷମ କରିବା ପାଇଁ ଅଗ୍ରଣୀ ତଥା ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିଆସୁଛି। ଏହି ପୁରସ୍କାର, ଦେଶରେ କ୍ରୀଡା ଭିତ୍ତିଭୂମି ବୃଦ୍ଧି କରିବା ଓ କ୍ରୀଡ଼ାବିତ ମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଜେଏସପିର ପ୍ରତିବଦ୍ଧତାର ଅନ୍ୟତମ ପ୍ରମାଣ।ଏହି ଅବସରରେ ଜେଏସପି ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି ଯେ, ଲୋକଙ୍କୁ ପ୍ରେରଣା ଯୋଗାଇବା, ସଶକ୍ତିକରଣ ଏବଂ ଏକଜୁଟ କରିବାରେ କ୍ରୀଡ଼ାର ପ୍ରଭାବି ସମ୍ଭାବନା ଉପରେ ଆମେ ବିଶ୍ୱାସ କରୁ। ଗ୍ରାମାଞ୍ଚଳ ଏବଂ ଆଦିବାସୀ



ବହୁଳ ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଭବିଷ୍ୟତର କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ଆମର ପ୍ରୟାସ ଜାରି ରଖିବାକୁ ଏହି ପୁରସ୍କାର ଆମକୁ ଅଧିକ ପ୍ରେରଣା ଯୋଗାଇବ। ଜେଏସପି ଉସୁ, କବାଡି, ତୀରନ୍ଦାଜ, ଫୁଟବଲ, ଏବଂ କ୍ରିକେଟ୍ ଭଳି ବିଭିନ୍ନ କ୍ରୀଡା ଆଦିକୁ ପ୍ରୋତ୍ସାହିତ କରିଥାଏ।

# ଜିଓ ପ୍ଲାଟଫର୍ମସକୁ 'ଟେଲିକମ୍ କମ୍ପାନୀ ଅଫ୍ ଦ ଇୟର' ମାନ୍ୟତା

**ଭୁବନେଶ୍ୱର,୧।୩(ସମିସ):** ଜିଓ ପ୍ଲାଟଫର୍ମସ ଲିମିଟେଡ୍ (ଜେପିଏଲ) ଏସିଆନ୍ ଟେଲିକମ୍ ପୁରସ୍କାର ୨୦୨୪ ରେ 'ଟେଲିକମ୍ କମ୍ପାନୀ ଅଫ୍ ଦି ଇୟର' ମାନ୍ୟତା ଲାଭ କରିଛି। ଜିଓ ପ୍ଲାଟଫର୍ମସ ଲିମିଟେଡ୍‌ର ଅଭିନବ ନବସୃଜନ ଯାତ୍ରାରେ ଏହା ଏକ ମାଇଲଖୁଣ୍ଟ। ସିଙ୍ଗାପୁରର ମାରିନା ବେ ସ୍ୟାଣ୍ଡସ ଏକ୍ସପୋ ଓ କନଭେନସନ୍ ସେଣ୍ଟରରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଶ୍ୱର ସର୍ବବୃହତ ୫ଜି ଷ୍ଟାଣ୍ଡ-ଏଲୋନ (ଏସଏ) କୋର ନେଟୱାର୍କ ସ୍ଥାପନ କରିଥିବା ପଦକ୍ଷେପ ପାଇଁ ଜିଓ ପ୍ଲାଟଫର୍ମସ ଲିମିଟେଡ୍‌କୁ ଏହି ସମ୍ମାନ ପ୍ରଦାନ





କରାଯାଇଛି। ଏହା ସ୍ୱଦେଶୀ ଭାବରେ ବିକଶିତ ଅଭିନବ ସମାଧାନ ଜରିଆରେ ବିଶ୍ୱରେ ଟେଲି ଯୋଗାଯୋଗ ଓ ସଂଚାର କ୍ଷେତ୍ରକୁ ଆଗକୁ ବଢାଇବାର ବୈଷୟିକ ଶକ୍ତି ଏବଂ ପ୍ରତିବଦ୍ଧତାର ପରିଚାୟକ। ଏହା ଜିଓ ପ୍ଲାଟଫର୍ମସ ଲିମିଟେଡର ରଣନୀତିକ ଦୂରଦୃଷ୍ଟି, ଇଞ୍ଜିନିୟରିଂ କ୍ଷମତା ଏବଂ ଡିଜିଟାଲ୍ ଦୃଶ୍ୟପଟ୍ଟର ରୂପାନ୍ତରଣ ତଥା ଟେଲିକମ ଶିଳ୍ପ ପାଇଁ ଉତ୍କର୍ଷର ନୂତନ ମାନକ ସୃଷ୍ଟି କରିବାରେ ନେତୃତ୍ୱ ସ୍ଥାନକୁ ପ୍ରତିଫଳିତ କରୁଛି।

# କୃଷି କ୍ଷେତ୍ରରେ ଉନ୍ନତି ପାଇଁ ଇକୋଜେନ୍‌କୁ ରାଜ୍ୟ ସରକାରଙ୍କ ପ୍ରଶଂସା

**ଭୁବନେଶ୍ୱର, ୧।୩(ସିମସ):** ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଗଠିତ ବୈଷୟିକ କମିଟି ନିକଟରେ ରାଜ୍ୟର କୋରାପୁଟ ଓ ଗଜପତି ଜିଲ୍ଲାରେ ଥିବା ଶୀତଳ ଭଣ୍ଡାରଗୁଡ଼ିକର ବ୍ୟାପକ ଅନୁଶୀଳନ କରିଥିଲା। କୃଷକମାନଙ୍କ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ଏବଂ ଏହାକୁ ନଷ୍ଟ ହେବାରୁ ରୋକିବାରେ ଏହି ୟୁନିଟ୍‌ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଯାଞ୍ଚ କରାଯାଇଥିବା ୟୁନିଟ୍‌ଗୁଡ଼ିକ ମଧ୍ୟରୁ ପୁଣେସ୍ଥିତ ଇକୋଜେନ୍ ଦ୍ୱାରା ନିର୍ମିତ ଇକୋଫ୍ରଷ୍ଟ ସୌର ଚାଳିତ ଶୀତଳ କୋଠରୀ (କୋଲ୍ଡ ରୁମ୍) ଗୁଡ଼ିକ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଇକୋଫ୍ରଷ୍ଟ ୟୁନିଟ୍ ଗୁଡ଼ିକ କେବଳ ପୂରଣ କରିନାହାନ୍ତି ବରଂ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କଠୋର ନିର୍ଦ୍ଦିଷ୍ଟ ନିୟମକୁ ମଧ୍ୟ ଅତିକ୍ରମ କରିଛନ୍ତି। ଓଡ଼ିଶାରେ ଉପଲବ୍ଧ ସୂର୍ଯ୍ୟାଲୋକ ଏବଂ ଜଳବାୟୁ ପରିସ୍ଥିତି ଅନୁଯାୟୀ ସର୍ବୋତମ ଶୀତଳତା ପ୍ରଦାନ କରିବା ଭଳି ଇକୋଫ୍ରଷ୍ଟ ସୌର ଶକ୍ତି ଚାଳିତ କୋଲ୍ଡ ରୁମ୍ଗୁଡ଼ିକ ଇକୋଜେନ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ସରକାରଙ୍କ ୫-ଟି ଅଭିଯାନ ଅଧୀନରେ କୃଷକଙ୍କ ଆୟ ବୃଦ୍ଧି ଏବଂ କୃଷି ଉଦ୍ୟୋଗ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ପ୍ରୟାସ କରାଯାଇଛି। ପାରମ୍ପରିକ ଚାଷ ପଦ୍ଧତି ସହିତ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବା ଏହାକୁ ହାସଲ କରାଯାଉଛି। ପର୍ଯ୍ୟାପ୍ତ ଜ୍ଞାନକୌଶଳ ଅଭାବ ଏବଂ ଏହି ଅଞ୍ଚଳର ପ୍ରତିକୂଳ ପାଣିପାଗ ଯୋଗୁଁ କୃଷି ଜାତ ଦ୍ରବ୍ୟ ନଷ୍ଟ ହେବାର ଆଶଙ୍କା ରହିଛି। ଫଳରେ କୃଷକମାନେ ନିଜ ଉତ୍ପାଦିତ ଦ୍ରବ୍ୟକୁ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହି ସମସ୍ୟାର ମୁକାବିଲା ପାଇଁ ଓଡ଼ିଶା ସରକାର ମିଶନ ଫର ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ଅଫ୍ ହର୍ଟିକଲଚର (ଏମ୍‌ଆଇଡିଏଚ୍) ଏନ୍‌ଏଚ୍‌ଏମ୍ ଜରିଆରେ ୨୦୦ରୁ ଅଧିକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିଛନ୍ତି।

# ଫେବୃଆରୀରେ ଜିଏସ୍‌ଟି ସଂଗ୍ରହରେ ୧୨.୫ ପ୍ରତିଶତ ବୃଦ୍ଧି

**ନୂଆଦିଲ୍ଲୀ,୧।୩(ଏଜେନ୍ସି):** ଗତ ମାସରେ ଦେଶରେ ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ଉତ୍ସାହଜନକ ରହିଛି। ଗତ ଥର ଅପେକ୍ଷା ଏଥର ଜିଏସ୍‌ଟି ସଂଗ୍ରହରେ ୧୨.୫ ପ୍ରତିଶତ ବୃଦ୍ଧି ଘଟି ୧,୬୮,୩୩୭ କୋଟି ଟଙ୍କାର ଟିକସ ଆଦାୟ କରାଯାଇ ଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆର୍ଥିକବର୍ଷ ୨୦୨୩-୨୪ର ଗତ ୧୧ ମାସରେ ଜିଏସ୍‌ଟି ସଂଗ୍ରହ ହାରାହାରି ୧.୬୭ ଲକ୍ଷ କୋଟି ଟଙ୍କା ରହିଛି। ତେବେ ୨୦୨୨-୨୩ରେ ଏହା ହାରାହାରି ୧.୫ ଲକ୍ଷ କୋଟି ଟଙ୍କା ରହିଥିଲା। ରିପୋର୍ଟ ଅନୁଯାୟୀ, ଜିଏସ୍‌ଟି ସଂଗ୍ରହ ୧.୬୮ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି, ଯାହା ଫେବୃଆରୀ ୨୦୨୩ ତୁଳନାରେ ୧୨.୫ ପ୍ରତିଶତ ଅଧିକ। ଜିଏସ୍‌ଟି ସଂଗ୍ରହରେ ଘରୋଇ ଟ୍ରାକାରବାରରେ ୧୩.୯ ପ୍ରତିଶତ ବୃଦ୍ଧି ଓ ସାମଗ୍ରୀ ଆମଦାନୀ ଉପରେ ୮.୫ ପ୍ରତିଶତ ବୃଦ୍ଧି ହେତୁ ମୋଟ ଜିଏସ୍‌ଟି ସଂଗ୍ରହରେ ବୃଦ୍ଧି ଦେଖିବାକୁ ମିଳିଛି। ରିଫଣ୍ଡ ଜାରି କରିବା ପରେ ଫେବୃଆରୀ ମାସରେ ଜିଏସ୍‌ଟି ସଂଗ୍ରହ ୧.୫୧ ଲକ୍ଷ କୋଟି ଟଙ୍କା ରହିଛି। ଯାହା ଗତ ବର୍ଷ ସମାନ ମାସ ତୁଳନାରେ ୧୩.୬ ପ୍ରତିଶତ ଅଧିକ। ଅର୍ଥ ମନ୍ତ୍ରଣାଳୟ କହିଛି ଯେ ୨୦୨୩-୨୪ ମସିହାରେ ଜିଏସ୍‌ଟି ସଂଗ୍ରହରେ କ୍ରମାଗତ ବୃଦ୍ଧି ଦେଖିବାକୁ ମିଳିଛି। ଚଳିତ ଆର୍ଥିକବର୍ଷର ଏପ୍ରିଲରୁ ଫେବୃଆରୀ ମଧ୍ୟରେ ଜିଏସ୍‌ଟି ସଂଗ୍ରହ ୧୮.୪୦ ଲକ୍ଷ କୋଟି ଟଙ୍କା ରହିଥିଲା।

# ଟିପିସିଓଡିଏଲ୍ ପକ୍ଷରୁ ୫ଟି ସରକାରୀ ଆଇଟିଆଇ ସହ ଏମ୍‌ଓୟୁ

**ଭୁବନେଶ୍ୱର, ୧।୩(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ୫ଟି ସରକାରୀ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ଘୋଷଣା କରି ଓଡ଼ିଶାର ଯୁବବର୍ଗଙ୍କ ସମ୍ଭାବନାକୁ ସମୃଦ୍ଧ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷାଗତ ଜ୍ଞାନ ଓ ଶିଳ୍ପ ଆବଶ୍ୟକତା ଭିତରେ ଥିବା ଅନ୍ତରକୁ ଦୂର କରି ଯୁବବର୍ଗଙ୍କ ପ୍ରତିଭାକୁ ସୁଦୃଢ଼ କରିବା ଏବଂ ପେସାଦାର ଯାତ୍ରା ଲାଗି ସୁବିଧା ପ୍ରଦାନ କରିବା ଦିଗରେ ଟିପିସିଓଡିଏଲ୍‌ର





ପ୍ରତିବଦ୍ଧତାକୁ ଏହି ବୁଝାମଣାପତ୍ର ଦର୍ଶାଉଛି। ଏମ୍‌ଓୟୁଗୁଡ଼ିକ ସ୍ୱାକ୍ଷର ଅବସରରେ ଟିପିସିଓଡିଏଲ୍‌ର ଚିଫ୍-ଅପରେସନ ସର୍ଭିସେସ୍ ରାଜ କୁମାର ରସ୍ତୋଗୀ, ବରିଷ୍ଠ ମହାପ୍ରବନ୍ଧକ (ମାନବ ସମ୍ବଳ) ବୁଦ୍ଧିଶ କୁମାର ବେହେରା, ଓଡ଼ିଶା ଡିସ୍‌କମ୍‌ଗୁଡ଼ିକର ଶିକ୍ଷଣୀୟ ଓ ବିକାଶ ମୁଖ୍ୟ ଏବଂ କଲେଜର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ପୁରୀ ସରକାରୀ ଆଇଟିଆଇ ସହ ଫେବ୍ରୁଆରି ୫, ଢେଙ୍କାନାଳ ସରକାରୀ ଆଇଟିଆଇ ସହିତ ୬, କଟକ ସରକାରୀ ଆଇଟିଆଇ ସହିତ ୮, ଭୁବନେଶ୍ୱର ସରକାରୀ ଆଇଟିଆଇ ସହ ୮ ଏବଂ ପଟ୍ଟାମୁଣ୍ଡାଇ ସରକାରୀ ଆଇଟିଆଇ ସହ ଫେବ୍ରୁଆରି ୨୭ରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଟିପିସିଓଡିଏଲ୍ ଓ ସରକାରୀ ଆଇଟିଆଇଗୁଡ଼ିକ ସହ ସହଯୋଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଯୁବବର୍ଗଙ୍କ ଦକ୍ଷତାରେ ଉନ୍ନତି ଆଣିବା ସହିତ ଓଡ଼ିଶାର ଶକ୍ତି କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରୁଛି। ଏହି ସହଯୋଗିତା ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, ସରକାରୀ ଆଇଟିଆଇଗୁଡ଼ିକ ସହ ଆମ ସହଯୋଗିତା ଜରିଆରେ ଆମେ ଯୁବବର୍ଗଙ୍କୁ ସ୍ୱତନ୍ତ୍ର ଦକ୍ଷତା ପ୍ରଦାନ କରିବା ଏବଂ ସେମାନଙ୍କୁ ବିଦ୍ୟୁତ ଶକ୍ତିର ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରିବା ଏବଂ ରାଜ୍ୟ ଭିତରେ ଅଭିବୃଦ୍ଧିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛୁ।

# ନୂଆ ଶିଖରରେ ଘରୋଇ ପୁଞ୍ଜିବଜାର

**ମୁମ୍ବଇ,୧।୩(ଏଜେନ୍ସି)**

ନିକଟରେ ହୋଇଥିବା ବଡ଼ ହ୍ରାସ ପରେ କ୍ରମଶଃ ଟ୍ରାକ୍‌କୁ ଫେରିଛି ଘରୋଇ ପୁଞ୍ଜି ବଜାର। ବଜାର କାରବାରରେ ଆଜି ଦେଖିବାକୁ ମିଳିଛି ଉତ୍ସାହ। ନିବେଶକ ହୋଇଛନ୍ତି ମାଲେମାଲ। ବ୍ୟାଙ୍କ, ଅଟୋ, ଆର୍ଥିକ ସେବା ଏବଂ ଇସ୍ପାତ ଆଦି କେତେକ କ୍ଷେତ୍ରର ଷ୍ଟକ କାରବାର ଉପରମୁହାଁ ହେବା ଯୋଗୁ ଆଜି ଘରୋଇ ପୁଞ୍ଜିବଜାରରେ ଉତ୍ସାହ ଦେଖିବାକୁ ମିଳିଛି। ଫଳରେ ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ବୃହତ୍ ୧୨୪୫ ପଏଣ୍ଟ ବୃଦ୍ଧି ଘଟିଛି। ଷ୍ଟକ ବଜାରରେ ଦେଖାଦେଇଥିବା ଏହି ଉତ୍ସାହ ଯୋଗୁ ମାତ୍ର ୬ ଘଣ୍ଟାରେ ନିବେଶକଙ୍କ ସମ୍ପତ୍ତିରେ ୪.୧୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଫଳରେ ସେନ୍‌ସେକ୍ସ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ଶ୍ରକ୍ରବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୧୨୪୫ ପଏଣ୍ଟ ବା ୧.୭୨ ପ୍ରତିଶତ ବୃଦ୍ଧି ଘଟି



### ସେନ୍‌ସେକ୍ସ ୭୩,୭୦୦ ପଏଣ୍ଟ ଟପିଲା ସୂଚକାଙ୍କ ୧୨୪୫ ପଏଣ୍ଟ ଉଠିଲା

ରେକର୍ଡ ୭୩,୭୪୫ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ଆଜି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୩୫୬ ବା ୧.୬ ପ୍ରତିଶତ ବୃଦ୍ଧି ଘଟି ୨୨,୩୩୯ ପଏଣ୍ଟରେ କାରବାର ଶେଷ ହୋଇଛି। ଶୁକ୍ରବାର କାରବାରରେ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ଏଲ୍‌ଆଣ୍ଡଟି, ଟାଟା ଷ୍ଟିଲ୍,ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ବିପିସିଏଲ୍ ଏବଂ ଟାଇଟାନ୍ ଆଦି କମ୍ପାନୀର ସେୟାର ମୂଲ୍ୟରେ ବେଶ ବୃଦ୍ଧି ପରିଲକ୍ଷିତ ହୋଇଥିଲା।

# ବଢ଼ିଲା ଫାସ୍‌ଟ୍ୟାଗ୍ କେୱାଇସି ଅପଡେଟ୍ ସମୟସୀମା

**ନୂଆଦିଲ୍ଲୀ,୧।୩(ଏଜେନ୍ସି):** ଫାସ୍‌ଟ୍ୟାଗ୍ କେୱାଇସି ଅପଡେଟ୍ କରିବାର ସମୟ ସୀମା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଭାରତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର 'ଗୋଟିଏ ବାହନ ଗୋଟିଏ ଫାସଟ୍ୟାଗ୍' ନୀତି'କୁ ନେଇ ଏବେ ପ୍ରତି ବାହନରେ ଫାସ୍‌ଟ୍ୟାଗ୍ ଲାଗୁଛି। ଏହି ଫାସ୍‌ଟ୍ୟାଗର ବ୍ୟବହାର କୌଣସି ଅନ୍ୟ ବାହନ ପାଇଁ ବ୍ୟବହାର ହୋଇ





ପାରିବନାହିଁ। ଏନଏଚଏଆଇ ପେଟିଏମ ଫାସଟ୍ୟାଗ୍ ୟୁଜରଙ୍କୁ ଯେପରି ସମସ୍ୟା ନ ହେଉ ସେଥିପାଇଁ କେୱାଇସି ସମୟସୀମା ବଢାଇବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ଏଥିପାଇଁ ୨୯ ଫେବୃଆରୀକୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏବେ ୟୁଜରଙ୍କୁ ଆଉ ଏକ ମାସ ଅଧିକ ସମୟ ମିଳିଯାଇଛି। ଏନଏଚଏଆଇ ଜାତୀୟ ରାଜମାର୍ଗରେ ସମସ୍ୟା ବିହୀନ ଟୋଲ ପୈଠ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ କେୱାଇସି ଅପଡେଟ୍ କରାଇ ନେବାକୁ କହିଛି।

## ବିଶ୍ୱବିଜେତା ପ୍ରମୋଦଙ୍କୁ ଉଚ୍ଛ୍ୱସିତ ସ୍ୱାଗତ



ଭୁବନେଶ୍ୱର, ୧।୩(ସମିସ): ଓଡ଼ିଆ ପାରା ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗ ତରଫରୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶୁକ୍ରବାର ଥାଇଲାଣ୍ଡରୁ ଏଠାରେ ଆସି ପହଞ୍ଚିବା ପରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଦାୟିତ୍ୱରେ ଥିବା ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ (ଓଏସ୍‌ଡି) ସିଦ୍ଧାର୍ଥ ଶଙ୍କର ସାହୁ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରମୋଦ ଥାଇଲାଣ୍ଡ ପଟାୟାରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସେ ଏସଏଲ୍-୩ ଏକକ ପ୍ରତିଯୋଗିତାରେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ପରାସ୍ତ କରି ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲେ। ଏଥିସହ ଏହି ବିଶ୍ୱ ଇଭେଣ୍ଟରେ ସେ ମୋଟ୍ ୫ଟି ସ୍ୱର୍ଣ୍ଣ ଜିତି ଲିନ୍ ଡାନଙ୍କ ବିଶ୍ୱ ରେକର୍ଡ ସମକକ୍ଷ ହୋଇଥିଲେ। ପୂର୍ବରୁ ସେ ୨୦୦୯, ୨୦୧୫, ୨୦୧୯, ୨୦୨୨, ୨୦୨୪ରେ ସ୍ୱର୍ଣ୍ଣ ଜିତିଥିଲେ। ସେ ମଧ୍ୟ ପୁରୁଷ ଓ ମିଶ୍ରିତ ଯୁଗଳରେ ଦୁଇଟି କାଂସ୍ୟ ଜିତିଥିଲେ।

## ଏସୀୟ ସନ୍ତରଣରେ ଋଷଭଙ୍କୁ ୨ ପଦକ



ଭୁବନେଶ୍ୱର, ୧।୩ (ସମିସ): ଓଡ଼ିଆ ଉଦୀୟମାନ ସନ୍ତରଣକାରୀ ଋଷଭ ଦାସ ଏସୀୟ ସନ୍ତରଣ ପ୍ରତିଯୋଗିତାରେ ନିଜର ଚମତ୍କାର ପ୍ରଦର୍ଶନ ଦେଖାଇଛନ୍ତି। ଫିଲିପାଇନ୍ସରେ ଏସୀୟ ଏଜ୍ ଗ୍ରୁପ୍ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୮ ବର୍ଷରୁ କମ୍ ବିଭାଗରେ ଋଷଭ ମହାରାଷ୍ଟ୍ର ପକ୍ଷରୁ ଯୋଗ୍ୟତା ଅର୍ଜନ କରି ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ଏସିଆ ମହାଦେଶରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ।

## ଆଜିଠୁ ରଣଜୀ ଟ୍ରଫି ସେମି

ମୁମ୍ବାଇ, ୧।୩(ଏଜେନ୍ସି): ଦେଶର ସର୍ବବୃହତ୍ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ଦୁଇଟି ଯାକ ସେମିଫାଇନାଲ ଶନିବାରଠାରୁ ଆରମ୍ଭ ହେବ। ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ପ୍ରଥମ ସେମିରେ ଅକ୍ଷୟ ୱାଡେକରଙ୍କ ନେତୃତ୍ୱାଧୀନ ବିଦର୍ଭ ଓ ଆଦିତ୍ୟ ଶ୍ରୀବାସ୍ତବଙ୍କ ମଧ୍ୟ ପ୍ରଦେଶ (ଏମ୍‌ପି) ପରସ୍ପରକୁ ଭେଟିବେ। ସେହିପରି ମୁମ୍ବାଇର ବାନ୍ଦ୍ର କୁର୍ଲା କମ୍ପ୍ଲେକ୍ସରେ ଘରୋଇ ମୁମ୍ବାଇ ଓ ତାମିଲନାଡୁ ପରସ୍ପରକୁ ଭେଟିବେ। ଅଭିଜ୍ଞ ବ୍ୟାଟର ଆଜିଙ୍କ୍ୟ ରାହାଣେ ମୁମ୍ବାଇ ଓ ଦ୍ରୁତ ବୋଲର ସାଇ କିଶୋର ତାମିଲନାଡୁର ନେତୃତ୍ୱ ନେବେ।

■ ସର୍ବଭାରତୀୟ ଆଇଟା-ଓଟିଏ ଟେନିସ

## ସବୁ ଟାଇଟଲ ଜିତିଲେ ଓଡ଼ିଆ

ଭୁବନେଶ୍ୱର, ୧।୩ (ସମିସ): ଏମ୍‌ଓଏସ୍‌ଏଫ୍ (ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ) ଆନୁକୂଲ୍ୟରେ ସ୍ଥାନୀୟ ଗୁରୁକୂଳ ରିସର୍ଟ ପରିସରରେ ଆଉ ଏକ ସର୍ବଭାରତୀୟ ପୁରୁଷ ଟେନିସ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଏହି ସର୍ବଭାରତୀୟ ଟେନିସ ପ୍ରତିଯୋଗିତାରେ ସମସ୍ତ ଟାଇଟଲ ଓଡ଼ିଆ ଖେଳାଳିମାନେ ବିଜୟୀ ହୋଇଛନ୍ତି। ପୁରୁଷ ଏକକ ବିଭାଗରେ ଅମୃତଜୟ ମହାନ୍ତି, ଯୁଗଳରେ ସତୀର୍ଥ ପଟ୍ଟନାୟକ ଓ ଆଦିତ୍ୟ ଶତପଥୀଙ୍କ ଯୋଡ଼ି ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ପ୍ରତିଯୋଗିତା ଫେବୃଆରୀ ୨୬ରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୧ ତାରିଖରେ ଶେଷ ହୋଇଥିଲା। ଶୁକ୍ରବାର ଫାଇନାଲ ମ୍ୟାଚ୍ ଖେଳାଯିବା ପରେ ପ୍ରତିଯୋଗିତା ଶେଷ ହୋଇଥିଲା। ପୁରୁଷ ଏକକ ଫାଇନାଲରେ ମଣିପୁରର ହାମମ ଭୂଷଣଙ୍କୁ ୨-୧ ସେଟ୍‌ରେ ପରାସ୍ତ କରି ଅମୃତଜୟ ଟାଇଟଲ ଜିତିଥିଲେ। ଚଳିତବର୍ଷରେ ଏହା ତାଙ୍କର ପ୍ରଥମ ଟାଇଟଲ। ଚଳିତ ସପ୍ତାହରେ ସେ ବେଶ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳି ଏହି ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ସେହିପରି ପୁରୁଷ ଯୁଗଳରେ ମହାରାଷ୍ଟ୍ର ଯୋଡି ନୀରବ ସେଟ୍ଟୀ ଓ ପ୍ରଣବ ଗାଡିଗିଲଙ୍କୁ ୨-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ଓଡ଼ିଶାର ସତୀର୍ଥ ଓ ଆଦିତ୍ୟଙ୍କ ଯୋଡି ଟାଇଟଲ କବ୍‌ଜା କରିଥିଲେ। ସର୍ବଭାରତୀୟ ଟେନିସ ଟୁର୍ଣ୍ଣାମେଣ୍ଟରେ ସମସ୍ତ ଟାଇଟଲ ଜିତି ଓଡ଼ିଶାର ଟେନିସ ଖେଳାଳିମାନେ ବଡ଼ ସଫଳତା ପାଇଛନ୍ତି। ଏହି ସଫଳତା ଆଗକୁ ବଜାୟ ରହିବ ବୋଲି ଏମ୍‌ଓଏସ୍‌ଏଫ୍ ପକ୍ଷରୁ କୁହାଯାଇଛି।



## ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧।୩(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର 'ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍' ଇଂରାଜୀ ପୁସ୍ତକ ଉନ୍ମୋଚନ କରିଛନ୍ତି। ଦେଶର ଅଗ୍ରଣୀ କ୍ରୀଡ଼ା ପ୍ରତିକା ସ୍ପୋର୍ଟ୍ସ ଷ୍ଟାର ଏହି ବହିର ପ୍ରକାଶକ ଦାୟିତ୍ୱ ବହନ କରିଛି। ରାଜ୍ୟରେ ହକି ବିଶ୍ୱକପ୍‌ର ସୁନ୍ଦର ଆୟୋଜନ ନେଇ ବିଭିନ୍ନ ତଥ୍ୟ ଏହି ବହିରେ ଉଲ୍ଲେଖ କରାଯାଇଛି। ଭୁବନେଶ୍ୱର ଓ ରାଉରକେଲା କିପରି ଭାବେ ଏକ ବିଶ୍ୱସ୍ତରୀୟ ଭେନ୍ୟୁରେ ପରିଣତ ହୋଇଛି ଓ ଏହା କିପରି ରାଜ୍ୟର ହକି ଭାବନାକୁ ଦର୍ଶାଉଛି ସେ ନେଇ ସୁନ୍ଦର ଭାବେ ଏହି ବହିରେ ଉଲ୍ଲେଖ କରାଯାଇଛି। ଓଡ଼ିଶା ୨୦୧୮ ଓ ୨୦୨୩ରେ କ୍ରମାଗତ ଦ୍ୱିତୀୟଥର ପାଇଁ ହକି ବିଶ୍ୱକପ ଆୟୋଜନ କରି ରେକର୍ଡ କରିଥିଲେ। ଏହା ବିଶ୍ୱକପ୍‌ର ବଳିଷ୍ଠ ପରମ୍ପରାକୁ ବହନ କରୁଛି। ଏଥିରେ ବିଶ୍ୱକପ୍‌ର ସ୍ମରଣୀୟ ମୁହୂର୍ତ୍ତ, ତାରକା ଖେଳାଳି ପ୍ରଦର୍ଶନ, ପ୍ରଶଂସକଙ୍କ ସମର୍ଥନ ସମ୍ପର୍କରେ ସବିଶେଷ ଭାବେ ଉଲ୍ଲେଖ କରାଯାଇଛି। ଏହି ବହି ଉନ୍ମୋଚନ ଅବସରରେ ସ୍ପୋର୍ଟ୍ସଷ୍ଟାର ସମ୍ପାଦକ ଆୟୋନ ସେନଗୁପ୍ତା, ହିନ୍ଦୁ ଗ୍ରୁପ୍‌ର ଉପ ସଭାପତି ଶ୍ରୀଧର ଅରନଲା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।



# ଆୟର୍ଲାଣ୍ଡର ଐତିହାସିକ ଟେଷ୍ଟ ବିଜୟ




ଆବୁଧାବି, ୧।୩(ଏଜେନ୍ସି)

ଆୟର୍ଲାଣ୍ଡ ଟେଷ୍ଟ କ୍ରିକେଟ୍ ଇତିହାସରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସ୍ଥାନୀୟ ଟୋଲେରାନ୍ସ ଓଭାଲରେ ଅନୁଷ୍ଠିତ ଘରୋଇ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌କୁ ଆୟର୍ଲାଣ୍ଡ ମାତ୍ର ୩ ଦିନରେ ୬ ୱିକେଟରେ ଜିତିନେଇଛି। ପ୍ରଥମ ପାଳିରେ ୫ ଓ ଦ୍ୱିତୀୟରେ ୩ ୱିକେଟ ଅକ୍ତିଆର କରିଥିବା ଆୟର୍ଲାଣ୍ଡ ଦ୍ରୁତ ବୋଲର ମାର୍କ ଆଡେର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚରେ ଆଫଗାନିସ୍ତାନ ପ୍ରଥମ ପାଳିରେ ୧୫୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଆଣ୍ଡ୍ରିଉ ବାଲବିର୍ନିଙ୍କ ନେତୃତ୍ୱାଧୀନ ଆୟର୍ଲାଣ୍ଡ ପ୍ରଥମ ପାଳିରେ ୮୩.୪ ଓଭରରେ ୨୬୩ ରନ କରି ଅଲଆଉଟ ହୋଇଥିଲା। ଏହାପରେ ୧୦୮ ରନରେ ପଛୁଆ ଥାଇ ଦ୍ୱିତୀୟ ପାଳିରେ ଆଫଗାନିସ୍ତାନ ୨୧୮ ରନକରି ଅଲଆଉଟ ହୋଇଥିଲା। ଫଳରେ ଆୟର୍ଲାଣ୍ଡ ସମ୍ମୁଖରେ ୧୧୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ସହଜସାଧ୍ୟ ଲକ୍ଷ୍ୟକୁ ପିଛା କରି ଆୟର୍ଲାଣ୍ଡ ଶୁକ୍ରବାର ତୃତୀୟ ଦିବସର ଚା'ପାନ ବିରତି ପରେ ୩୧.୩ ଓଭରରେ ୪ ୱିକେଟ ହରାଇ ଐତିହାସିକ ବିଜୟ ହାସଲ କରିନେଇଥିଲା। ଦଳ ତରଫରୁ ଅଧିନାୟକ ବାଲବିର୍ନି ୫୮ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ।

### ବିଭିନ୍ନ ଦେଶର ପ୍ରଥମ ଟେଷ୍ଟ ବିଜୟ

| ଦେଶ | ପ୍ରଥମ ବିଜୟ ଲାଗି ମ୍ୟାଚ୍ ଖେଳିଛନ୍ତି | ବର୍ଷ |
|---|---|---|
| ଅଷ୍ଟ୍ରେଲିଆ | ୧ | ୧୮୭୭ |
| ଇଂଲଣ୍ଡ | ୨ | ୧୮୭୭ |
| ଦ.ଆଫ୍ରିକା | ୧୨ | ୧୯୦୬ |
| ୱେଷ୍ଟଇଣ୍ଡିଜ | ୬ | ୧୯୩୦ |
| ଭାରତ | ୨୫ | ୧୯୫୨ |
| ପାକିସ୍ତାନ | ୨ | ୧୯୫୨ |
| ନ୍ୟୁଜିଲାଣ୍ଡ | ୪୫ | ୧୯୫୬ |
| ଶ୍ରୀଲଙ୍କା | ୧୪ | ୧୯୮୫ |
| ଜିମ୍ବାୱେ | ୧୧ | ୧୯୯୫ |
| ବାଂଲାଦେଶ | ୩୫ | ୨୦୦୫ |
| ଆଫଗାନିସ୍ତାନ | ୨ | ୨୦୧୯ |
| ଆୟର୍ଲାଣ୍ଡ | ୮ | ୨୦୨୪ |

### ୬ ବର୍ଷ ଅପେକ୍ଷାର ଅନ୍ତ

୨୨ ଜୁନ ୨୦୧୭ରେ ଆୟର୍ଲାଣ୍ଡ ପ୍ରଥମଥର ଲାଗି ଆଇସିସି ଟେଷ୍ଟ ମାନ୍ୟତା ଲାଭ କରିଥିଲା। ଏହାର ପରବର୍ଷ ଅର୍ଥାତ୍ ୨୦୧୮ରେ ପାକିସ୍ତାନ ବିପକ୍ଷରେ ଖେଳି ଆୟର୍ଲାଣ୍ଡ ଟେଷ୍ଟ ପଦାର୍ପଣ କରିଥିଲା। ଟେଷ୍ଟ ଖେଳିବାର ପାଖାପାଖି ୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଏହି ୟୁରୋପୀୟ ଦଳ ପ୍ରଥମ ଟେଷ୍ଟ ବିଜୟ ସ୍ୱାଦ ଚାଖିଛି। ଆୟର୍ଲାଣ୍ଡ ଏହାର ୮ମ ଟେଷ୍ଟ ମ୍ୟାଚରେ ଏହି ଐତିହାସିକ ବିଜୟ ହାସଲ କରିଛି। କୌତୁହଳର ଘଟଣାକ୍ରମେ ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ଶେଷଥର ଲାଗି ୨୦୧୯ରେ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଆୟର୍ଲାଣ୍ଡକୁ ହରାଇ ଆଫଗାନିସ୍ତାନ ଟେଷ୍ଟ କ୍ରିକେଟ୍‌ର ପ୍ରଥମଥର ଲାଗି ବିଜୟୀ ହୋଇଥିଲା।

## ୩୪ତମ ଜାତୀୟ ଟେନିସବଲ କ୍ରିକେଟ ଆଜିଠୁ



ଭୁବନେଶ୍ୱର, ୧।୩ (ସମିସ)

ତାମିଲନାଡୁର ରାମନାଥପୁରମଠାରେ ଶନିବାରଠାରୁ ୩୪ତମ ଜାତୀୟ ଟେନିସବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ଶୁକ୍ରବାର ତାମିଲନାଡୁରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିଦେଇଛି। ପ୍ରତିଯୋଗିତାରେ ୨୮ଟି ରାଜ୍ୟ ଦଳ ଅଂଶଗ୍ରହଣ କରୁଥିଲାବେଳେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦିଆଯାଇଛି। ଭୁବନେଶ୍ୱରଠାରେ ସମ୍ଭାବ୍ୟ ଖେଳାଳିମାନଙ୍କର ୫ ଦିନ ଧରି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ପ୍ରଶିକ୍ଷକ ଚକ୍ରଧର ମାଝିଙ୍କ ତତ୍ତ୍ୱାବଧାନରେ ଖେଳାଳି ଚୟନ କରାଯାଇଥିଲା।

ମନୋନୀତ ଖେଳାଳିମାନେ ହେଲେ ଅଧିନାୟକ ପ୍ରିୟବ୍ରତ ସ୍ୱାଇଁ, ଅମ୍ରିତ କୁମାର ଦାସ, ବିଶ୍ୱରଞ୍ଜନ ମତି, ଅଭୟ ଦାସ, ଯଜ୍ଞଦତ୍ତ ଜେନା, ସୁଦାମ ବେହେରା, ଉପଅଧିନାୟକ ଆଦର୍ଶ ଦିଗାଲ, ସତ୍ୟବ୍ରତ ବେହେରା, ଦେବାଶିଷ ପାଣିଗ୍ରାହୀ, ରାଜପ୍ରୀତମ ବାରିକ, ଶୋଭନ ବେହେରା, ରାଧାମାଧବ ବାରିକ୍, ରାଜେନ୍ଦ୍ର ସେଠୀ ଓ ରଜତ କୁମାର ନାୟକ। ଦଳର ପ୍ରଶିକ୍ଷକ ଭାବେ ଆଶିଷ କୁମାର ଦିଗଲ ଓ ପ୍ରବନ୍ଧକ ଭାବେ ସୁନୀଲ କୁମାର ମହାରଣା ଦାୟିତ୍ୱରେ ରହିଛନ୍ତି।

## ୱାରିୟର୍ଜର ଦ୍ୱିତୀୟ ବିଜୟ

ବେଙ୍ଗାଲୁରୁ, ୧।୩(ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ରେ ଶୁକ୍ରବାର ଖେଳାଯାଇଥିବା ଲିଗ୍‌ର ଅଷ୍ଟମ ମୁକାବିଲାରେ ୟୁପି ୱାରିୟର୍ଜ ୨୬ ବାକିଥାଇ ୬ ୱିକେଟରେ ଗୁଜରାଟ ଜାଏଣ୍ଟସକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଅମନ୍ତ୍ରଣ ପାଇଥିବା ଗୁଜରାଟ ୫ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ୟୁପି ୧୫.୪ ଓଭରରେ ୪ ୱିକେଟ ହରାଇ ୧୪୩ ରନକରି ବିଜୟୀ ହୋଇଥିଲା। ୪ଟି ମ୍ୟାଚ୍ ଖେଳି ୟୁପି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନକୁ ଉଠିଛି। ୟୁପି ତରଫରୁ ଗ୍ରେସ ହାରିସ୍ ଅପରାଜିତ ୬୦ ରନ (୩୩ ବଲ, ୯ ଚୌକା, ୨ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଅଲିସା ହିଲି ୩୩, କରିନ ନାଭଗିରେ ୧୨, ଚମାରି ଆଟାପାଟ୍ଟୁ ୧୭ ରନକରି ଆଉଟ ହୋଇଥିବା ବେଳେ ଦୀପ୍ତି ଶର୍ମା ଦ୍ରୁତ ୧୭ ରନକରି ଅପରାଜିତ ରହିଥିଲେ। ଗୁଜରାଟ ତରଫରୁ ତନୁଜା କନୱାର ଦୁଇଟି ୱିକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ତରଫରୁ ଫୋଏବେ ଲିଚ୍‌ଫିଲ୍ଡ ୩୫, ଆଶଲେ ଗାର୍ଡନର ୩୦, ଓପନର ଲଉରା ଉଲଭାଡର୍ଟ ୨୮, ହର୍ଲିନ ଦେଓଲ ୧୮, ଅଧିନାୟିକା ବେଥ ମୁନି ୧୬ ରନକରି ଆଉଟ ହୋଇଥିବା ବେଳେ ଦୟାଲାନ ହେମଲତା ୨ ଓ କାଥରିନ ବ୍ରାଏସ ୫ ରନକରି ଅପରାଜିତ ରହିଥିଲେ। ବୋଲିଂରେ ୟୁପି ତରଫରୁ ସୋଫି ଏକ୍ଲେଷ୍ଟୋନ ସର୍ବାଧିକ ୩ ଓ ରାଜେଶ୍ୱରୀ ଗାଏକ୍ୱାଡ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

ଲିଗ୍‌ରେ ଏପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ୩ ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୪ ଅଙ୍କ ହାସଲ କରି ତାଲିକାର ଶୀର୍ଷରେ ରହିଛି। ସେହିପର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ୟୁପି ଓ ମୁମ୍ବାଇ ଇଣ୍ଡିଆନ୍ସ ୪ ଲେଖାଏ ଅଙ୍କ ପାଇଥିଲେ ମଧ୍ୟ ନେଟ ରନରେଟ୍‌ରେ ପଛରେ ରହି ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

## ଜାତୀୟ ମହିଳା ରଗ୍‌ବୀରେ ଓଆର୍‌ଏଫ୍‌ସି ଚାମ୍ପିଅନ

ଭୁବନେଶ୍ୱର, ୧।୩ (ସମିସ)




ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏସନ (ଓଆର୍‌ଏଫ୍‌ଏ), କିଟ୍ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ (ମହିଳା) ଡିଭିଜନ-୧ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କିଟ୍‌ସ୍ଥିତ ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ୍ କ୍ଲବ (ଓଆର୍‌ଏଫ୍‌ସି) ଚାମ୍ପିଅନ ହୋଇଛି। ଫାଇନାଲରେ ହୁପି ମାଝିଙ୍କ ନେତୃତ୍ୱାଧୀନ ଓଆର୍‌ଏଫ୍‌ସି ୬୯-୦୫ ସ୍କୋରରେ ଦିଲ୍ଲୀ ହରିକେନ୍ସକୁ ପରାସ୍ତ କରିଥିଲା। ଅଧିନାୟିକା ହୁପିଙ୍କ ସମେତ ଓଆର୍‌ଏଫ୍‌ସିର ୨୦ଜଣ ଖେଳାଳି କିସ୍‌ରେ ଅଧ୍ୟୟନ କରୁଛନ୍ତି। ଏହି ୫ ଦିବସୀୟ ପ୍ରତିଯୋଗିତାରେ ୭ ମହିଳା ଦଳର ୧୮୦ ଖେଳାଳି ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ, ରଗ୍‌ବୀ ଇଣ୍ଡିଆର ସଭାପତି ତଥା ଅଭିନେତା ରାହୁଲ ବୋଷ, ଉପସଭାପତି ସନୟା ମେହତା ବ୍ୟାସ, ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

## ଉତ୍କଳକୁ ୬, କିଟ୍ ୪ ଓ ସମ୍ବଲପୁରକୁ ୩ ପଦକ

ଭୁବନେଶ୍ୱର, ୧।୩(ସମିସ): ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ଆସାମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଫେବୃଆରୀ ୧୭ରୁ ୧୧ ଦିନ ବ୍ୟାପୀ ଚାଲିଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦେଶର ୨୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ପାଖାପାଖି ୪୫୦୦ କ୍ରୀଡ଼ାବିତ୍ ଭାଗନେଇଥିଲେ। ଏଥିରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ୭୧ ପଦକ ସହ ଚାମ୍ପିଅନ ହୋଇଛି। ଯେଉଁଥିରେ ୩୨ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୨୧ କାଂସ୍ୟ ପଦକ ରହିଛି। ଲଭଲୀ ପ୍ରଫେସନାଲ ବିଶ୍ୱବିଦ୍ୟାଳୟ ୨ୟ ଏବଂ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ୩ୟ ସ୍ଥାନରେ ରହିଛି।

ଓଡ଼ିଶାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଉତ୍କଳ ୬ ପଦକ ସହ ତାଲିକାର ୧୯ତମ ସ୍ଥାନରେ ରହିଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିଛି। ସମସ୍ତ ପଦକ ସନ୍ତରଣକାରୀ ପ୍ରତ୍ୟାଶା ରାୟ ହାସଲ କରିଛନ୍ତି। ସେହିଭଳି କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯଥାକ୍ରମେ ୩୦ ଓ ୩୩ତମ ସ୍ଥାନ ଲାଭ କରିଛନ୍ତି। ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ କିଟ୍ ୪ଟି ପଦକ ଏବଂ ସମ୍ବଲପୁର ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୩ଟି ପଦକ ବିଜୟୀ ହୋଇଛି। ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଟେନିସରେ କିଟ୍ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଜିତି ସ୍ମରଣୀୟ ସଫଳତା ପାଇଥିଲା।

### ପ୍ରତ୍ୟାଶା ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍



ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ତାରକା ସନ୍ତରଣକାରୀ ପ୍ରତ୍ୟାଶା ରାୟ ଚଳିତ ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପ୍ରତ୍ୟାଶା ପ୍ରତିଯୋଗିତାରେ ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ସହ ୬ ପଦକ ଜିତିଥିଲେ। ପ୍ରତ୍ୟାଶା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଆଇଆଇଏସ୍ ସୁଇମିଂ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

**ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ୩୦ ସାମିଲ**

# କାହିଁକି ବାଦ୍ ପଡ଼ିଲେ କିଶାନ, ଆୟର

ନୂଆଦିଲ୍ଲୀ, ୧।୩ (ଏଜେନ୍ସି)

ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ଚଳିତ ବର୍ଷ ଲାଗି କେନ୍ଦ୍ରୀୟ ରାଜିନାମାରେ ୩୦ ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରେ ୩ଟି ଟେଷ୍ଟ କିମ୍ବା ୮ଟି ଦିନିକିଆ କିମ୍ବା ୧୦ଟି ଟି-୨୦ ମ୍ୟାଚ୍ ଖେଳିଲେ ଜଣେ ଖେଳାଳିଙ୍କୁ କେନ୍ଦ୍ରୀୟ ଚୁକ୍ତିରେ ନେବାର ନିୟମ ରହିଛି। ଏଭଳି ନିୟମକୁ ପୂରଣ କରୁଥିଲେ ମଧ୍ୟ ଭାରତର ଦୁଇ ତାରକା ଖେଳାଳି ଝାଡଖଣ୍ଡର ୱିକେଟରକ୍ଷକ ବ୍ୟାଟର ଇଶାନ କିଶାନ ଓ ମୁମ୍ବଇର ମଧ୍ୟଭାଗ ବ୍ୟାଟର ଶ୍ରେୟସ ଆୟରଙ୍କୁ ଚୁକ୍ତିରୁ ବାଦ୍ ଦିଆଯାଇଛି। ଏମାନେ ଗତ କିଛି ବର୍ଷ ଧରି ଭାରତ ଲାଗି ଚମତ୍କାର କ୍ରିକେଟ ଖେଳିଥିଲେ ମଧ୍ୟ ସେମାନଙ୍କୁ ଚୁକ୍ତିରୁ ବାଦ୍ ଦେବାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। କିନ୍ତୁ ଖେଳ ଲାଗି ନୁହେଁ ବରଂ ଉଭୟ ଖେଳାଳି ବିସିସିଆଇ ନିର୍ଦ୍ଦେଶ ଅବମାନନା କରିଥିବାରୁ ସେମାନଙ୍କ ବିରୋଧରେ ଏକପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏମାନଙ୍କ ଅପରାଧ ହେଲା ଘରୋଇ ବା ରଣଜୀ କ୍ରିକେଟ ଖେଳିବାକୁ ବିସିସିଆଇ ସମ୍ପାଦକ ଜୟ ଶାହ ଚେତାବନୀ ସହ ନିର୍ଦ୍ଦେଶ ଦେବା ଓ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ପରାମର୍ଶ ଦେଇଥିଲେ ମଧ୍ୟ ଉଭୟ ଏହାକୁ ମାନି ନଥିଲେ। ଏହା ଫଳରେ ଉଭୟଙ୍କୁ କେନ୍ଦ୍ରୀୟ ଚୁକ୍ତି ହରାଇବାକୁ ପଡ଼ିଲା ବୋଲି ଆଲୋଚନା କରାଯାଉଛି।





କେନ୍ଦ୍ରୀୟ ଚୁକ୍ତି ହରାଇବା ପରେ ଉଭୟ ଖେଳାଳି ନିଶ୍ଚିତଭାବେ ମାନସିକ ଭାବେ ବିବ୍ରତ ହେବେ। ବର୍ତ୍ତମାନ ସ୍ଥିତି ଅନୁଯାୟୀ ସେମାନେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସଫଳ ହେଲେ ମଧ୍ୟ ଚୟନକର୍ତ୍ତା ନିଶ୍ଚିତଭାବେ ଦଳରେ ନେବାକୁ କୁଣ୍ଠାବୋଧ କରିବେ। ଗୋଟିଏ ଭଲ କଥା ହେଲା କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡ଼ିବା ପରେ ଶ୍ରେୟସ ଆୟର ତାମିଲନାଡୁ ବିପକ୍ଷରେ ସେମିଫାଇନାଲ ଖେଳିବାକୁ ମୁମ୍ବାଇ ଦଳରେ ସାମିଲ ହୋଇଛନ୍ତି। ସେହିପରି ଇଶାନ କିଶାନ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଖେଳାଯାଉଥିବା କର୍ପୋରେଟ କ୍ରିକେଟ ଲିଗ୍‌ରେ ଖେଳିଛନ୍ତି। ଉଭୟ ଯେ ବିସିସିଆଇ ନିର୍ଦ୍ଦେଶ ମାନିଛନ୍ତି ତାହା ଏଥିରୁ ସ୍ପଷ୍ଟ ହୋଇଛି। କିନ୍ତୁ ଏମାନଙ୍କୁ କାହିଁକି କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଗଲା ତାହା ସ୍ପଷ୍ଟ କରାଯାଇ ନଥିଲେ ମଧ୍ୟ ଜୟ ଶାହଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସେମାନଙ୍କ ଲାଗି ଘାତକ ସାବ୍ୟସ୍ତ ହୋଇଛି। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳୁଥିବାବେଳେ ଆୟର ମାଂସପେସୀରେ ଆଘାତ ପାଇଥିଲେ। ତାଙ୍କୁ ଏନ୍‌ସିଏ ପଠାଯାଇଥିଲା। ସେଠାରେ ଫିଟ୍ ଘୋଷିତ ହେବା ପରେ ଘରୋଇ କ୍ରିକେଟ ଖେଳିବାକୁ କୁହାଯାଇଥିଲା। ମୁମ୍ବାଇ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ଖେଳିବା ପୂର୍ବରୁ ଆୟର ତାଙ୍କ ପିଠିରେ ଯନ୍ତ୍ରଣା ହେବା ଓ ମାଂସପେସୀରେ କଷ୍ଟ ଅନୁଭବ କରିବାର ଅଭିଯୋଗ କରିଥିଲେ। ଏହା ଫଳରେ ତାଙ୍କୁ ପୁଣିଥରେ ଏନ୍‌ସିଏ ଯିବାକୁ କୁହାଯାଇଥିଲା। ସେଠାରେ ନୀତିନ ପଟେଲ ସମସ୍ତ ପରୀକ୍ଷା ନିରୀକ୍ଷା କରିବା ପରେ ଆୟରଙ୍କ ଅଭିଯୋଗ ଭୂଲ ସାବ୍ୟସ୍ତ ହୋଇଥିଲା। ଏହି ଘଟଣା ହିଁ ତାଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦେବା ଲାଗି ପର୍ଯ୍ୟାପ୍ତ ହୋଇଥିଲା।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବା ବେଳେ ଇଶାନ କିଶାନ ବ୍ୟକ୍ତିଗତ କାରଣ ଦର୍ଶାଇ ଛୁଟିରେ ପଳାଇଆସିଥିଲେ। କିନ୍ତୁ ସେ ତାଙ୍କ ରାଜ୍ୟ କ୍ରିକେଟ ସଂଘ କିମ୍ବା ଏନ୍‌ସିଏରେ ରିପୋର୍ଟ କରି ନଥିଲେ। ଏହି ସମୟରେ ରଣଜୀ ଟ୍ରଫି ଚାଲିଥିଲେ ମଧ୍ୟ ସେଥିରେ ଭାଗ ନେଇ ନ ଥିଲେ। ଏହା ବଦଳରେ ସେ ଟିଭି କାର୍ଯ୍ୟକ୍ରମରେ ଭାଗ ନେବା ସହ ଦୁବାଇରେ ମହେନ୍ଦ୍ର ଧୋନିଙ୍କ ସହ ଘରୋଇ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଏପରିକି ସେ ନିଜ ରାଜ୍ୟକୁ ନ ଫେରି ପାଣ୍ଡ୍ୟା ଭ୍ରାତାଙ୍କ ସହ ଅଭ୍ୟାସ କରିବାକୁ ପସନ୍ଦ କରିଥିଲେ। ଏଭଳି ଆଚରଣ ବିସିସିଆଇର କର୍ମକର୍ତ୍ତାଙ୍କୁ କ୍ଷୁବ୍ଧ କରିଥିଲା। ଯାହା ଫଳରେ ସେମାନଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଗଲା। ଏହି ନିଷ୍ପତ୍ତି ଉପରେ ସୌରଭ ଗାଙ୍ଗୁଲିଙ୍କ ପରି ଖେଳାଳି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ମଧ୍ୟ କପିଳ ଦେବ ଓ ରବି ଶାସ୍ତ୍ରୀଙ୍କ ପରି ଅନେକ କିମ୍ବଦନ୍ତୀ ସ୍ୱାଗତ କରିଛନ୍ତି।

## ବହୁଦିବସୀୟ ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ ବିସିସିଆଇ

**ପୁଣେରେ ମାର୍ଚ୍ଚ ୨୯ରୁ ଆରମ୍ଭ, ଭାଗନେବେ ୬ ଦଳ**

ନୂଆଦିଲ୍ଲୀ, ୧।୩(ଏଜେନ୍ସି): ଏକ ବହୁ ଦିବସୀୟ ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଷ୍ପତ୍ତି ନେଇଛି। ପୁଣେରେ ମାର୍ଚ୍ଚ ୨୯ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିବେ। ଦେଶର ବିଭିନ୍ନ ଅଞ୍ଚଳକୁ ଭିତ୍ତି କରି ଦଳଗୁଡିକ ଗଠନ କରାଯାଇଛି। ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ମଧ୍ୟ, ଉତ୍ତରପୂର୍ବାଞ୍ଚଳ ଦଳଗୁଡିକ ଏଥିରେ ଭାଗ ନେବେ। ଏହି ଦଳଗୁଡିକ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ଅଂଶଗ୍ରହଣ କରିବେ। କ୍ୱାର୍ଟର ଫାଇନାଲରୁ ହିଁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଗୁଡିକ ମାର୍ଚ୍ଚ ୨୯, ୩୦ ଓ ୩୧ରୁ ଆରମ୍ଭ ହେବ। କ୍ୱାର୍ଟର ବିଜେତା ଦଳଗୁଡିକ ସେମିକୁ ଉଠିବେ। ଦୁଇଟି ଯାକ ସେମିଫାଇନାଲ ୫ରୁ ୭ ଏପ୍ରିଲ ପର୍ଯ୍ୟନ୍ତ ଖେଳାଯିବ। ଫାଇନାଲ ମ୍ୟାଚ୍ ୯, ୧୦ ଓ ୧୧ ତାରିଖରେ ୩ ଦିନ ଧରି ଖେଳାଯିବ। ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ୧୧ ଦିନ ପରେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ବିସିସିଆଇ ରେଡ୍ ବଲ ଅର୍ଥାତ ବହୁ ଦିବସୀୟ କ୍ରିକେଟକୁ ଅଧିକ ଗୁରୁତ୍ୱ ଦେଉଛି।

# ପ୍ରଥମ ଟେଷ୍ଟ: ଅଷ୍ଟ୍ରେଲିଆ ଅଗ୍ରଣୀ

ୱେଲିଂଟନ, ୧।୩(ଏଜେନ୍ସି)

ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ କାମେରନ ଗ୍ରୀନ୍ ଓ ଜୋଶ ହାଜଲେଉଡଙ୍କ ରେକର୍ଡ ଭାଗିଦାରୀ ସହାୟତାର ପ୍ରଥମ ପାଳିରେ ବୃହତ୍ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୧୫.୧ ଓଭରରେ ୩୮୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୪୩.୧ ଓଭରରେ ୧୭୯ ରନକରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ୨୦୪ ରନରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୮ ଓଭରରେ ଦୁଇ ୱିକେଟ ହରାଇ ୧୩ ରନ ସଂଗ୍ରହ କରିଛି। ଫଳରେ ଅଷ୍ଟ୍ରେଲିଆ ୮ ୱିକେଟ ବାକିଥାଇ ୨୧୭ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉସ୍‌ମାନ ଖ୍ୱାଜା ୫ ଓ ରାତ୍ର ଜଗୁଆଳୀ ନାଥନ ଲାୟନ ୬ ରନକରି ଅପରାଜିତ ରହିଛନ୍ତି। ଓପନର ଷ୍ଟିଭ ସ୍ମିଥ୍ ଖାତା ଖୋଲିବା ପୂର୍ବରୁ ଓ ମାର୍ନସ ଲାବୁସେନ ୨ ରନକରି ଟିମ୍ ସାଉଦିଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

### ୧୦ମ ୱିକେଟରେ ୧୧୬ ରନ ଭାଗୀଦାରି

ଅସମାପ୍ତ ପ୍ରଥମ ପାଳି ସ୍କୋର ୨୭୯/୯ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଶୁକ୍ରବାର ଅଲଆଉଟ ହୋଇଥିଲା। ୧୦ମ ୱିକେଟରେ ଜୋଶ ହାଜେଲଉଡ ଓ କାମେରନ ଗ୍ରୀନ ୧୮୮ ବଲର ସମ୍ମୁଖୀନ ହୋଇ ୧୧୬ ରନ ସଂଗ୍ରହ କରିଥିଲେ ଓ ଅଷ୍ଟ୍ରେଲିଆ ଟେଷ୍ଟ ଇତିହାସରେ ଚତୁର୍ଥ ବୃହତ୍ ଭାଗୀଦାରି ସ୍ଥାପନ କରିଥିଲେ। ଅପରାଜିତଥିବା ବ୍ୟାଟର ଗ୍ରୀନ ୧୦୩ରୁ ଖେଳ ଆରମ୍ଭ କରି ୧୭୪ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଶୂନରୁ ଖେଳ ଆରମ୍ଭ କରି ହାଜଲେଉଡ ୨୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ୍ ହେନେରୀ ୫, ୱିଲିୟମ ଓ'ରୁର୍କ ଓ ସ୍କଟ କୁଗଲେଜିନ ୨ଟି ଲେଖାଏ ୱିକେଟ ନେଇଥିଲେ।



ଏହାପରେ ପ୍ରଥମ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ୧୭୯ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୭୧, ମ୍ୟାଟ ହେନେରୀ ୪୨, ଟମ୍ ବ୍ଲଣ୍ଡେଲ ୩୩ ରନକରି ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆର ଲାୟନ ୪, ହାଜଲେଉଡ ୨, ମିଚେଲ ଷ୍ଟାର୍କ, ପ୍ୟାଟ କୁମିନ୍ସ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର